

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 JULY 2021

Vol.No. 32 ■ No. 182 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ


ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଶରଦ ପାୱାର



ନୂଆଦିଲ୍ଲୀ,୧୭/୦୭: ଜାତୀୟ ରାଜନୀତିରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି ଏନସିପି ନେତା ଶରଦ ପାୱାର । ଶରଦ ପାୱାର ଆଗାମୀ ରାଷ୍ଟ୍ରପତି ହେବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଜି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଏଭଳି ଚର୍ଚ୍ଚାକୁ ଆଗକୁ ବଢ଼ାଇଛନ୍ତି । ସେ ଆଜି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଂଚି ପାଖା ପାଖି ୧ ଘଂଟା ଧରି ଆଲୋଚନା କରିଛନ୍ତି । ଏହା ପୂର୍ବରୁ ଗତକାଲି ସେ ରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ବି ଭେଟିଥିଲେ । ଅନ୍ୟପଟେ ସଦ୍ୟ ହୋଇଥିବା କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ସଂପ୍ରସାରଣରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କୁ ସ୍ଥାନ ନମିଳିବା ଓ ଶରଦ ପାୱାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ମହାରାଷ୍ଟ୍ରରେ ସରକାର ଗଠନ ସମିକରଣ କୌଣସି ସମୟରେ ବଦଳିପାରେ ବୋଲି ଅନୁମାନ କରାଯାଉଛି । ଅନ୍ୟପଟେ କିଛିଦିନ ତଳେ ଶିବସେନାର ମୁଖପାତ୍ର ସଂଜୟ ରାଓ୍ୱତ କହିଥିଲେ କି ବିଜେପି ଅଛୁଆଁ ନୁହେଁ କି ବିଜେପି ସହିତ ଶିବସେନା ସଂପର୍କରେ ତିକ୍ତତା ନାହିଁ । ଯଦି ମହାରାଷ୍ଟ୍ରରେ ସରକାର ଭାଙ୍ଗି ଶିବସେନା ଓ ବିଜେପି ମିଳିତ ଭାବେ ସରକାର ଗଠନ କରନ୍ତି ତେବେ କଥା ସେହି ୫୦-୫୦ ରେ ଛିଡିବ ହେଲେ ବିଜେପିକୁ ମୁଖ୍ୟମନ୍ତ୍ରୀ ପଦ ଏବେ ମିଳିବ ନାହିଁ । ସେହିକଥା ଯଦି ଏନସିପି ଓ ବିଜେପି ମିଳିତ ଭାବେ ସରକାର ଗଠନ କରନ୍ତି ତେବେ ଦେବେନ୍ଦ୍ର ଫର୍ଡନଭିସ୍ ମୁଖ୍ୟମନ୍ତ୍ରୀ ହେବାରେ କିଛି ଅସୁବିଧା ନାହିଁ । ଅନ୍ୟପଟେ ଶରଦ ପାୱାର ରାଷ୍ଟ୍ରପତି ପଦ ମୋହରେ ଶିବସେନା ଓ କଂଗ୍ରେସ ସହିତ ଥିବା ମେଣ୍ଟରୁ ବାହାରି ଆସି ପାରନ୍ତି । ଫଳରେ ଦଳ ବିଜେପି ସହିତ ରାଜ୍ୟରେ କ୍ଷମତାରେ ରହିବା ସହ ପାୱାରଙ୍କୁ ରାଷ୍ଟ୍ରପତି ପଦ ମିଳିଯିବାବି କିଛି ଅସମ୍ଭବ ନୁହେଁ ।



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗତ ଶୁକ୍ରବାର ନବୀନ ନିବାସ ଠାରେ ଅବସରପ୍ରାପ୍ତ ପ୍ରଶାସକ ତଥା କଥାକାର ପ୍ରଦୀପ ମହାପାତ୍ରଙ୍କର ଗଳ୍ପ ସଂଗଳନ 'ମାଟି ଘୋଡ଼ା'କୁ ଲୋକାର୍ପଣ କରିବା ଅବସରରେ ।

# ବଦଳିବେକି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ !

## ୟେଦୁୟେରପ୍ପା ଇସ୍ତଫା ନେଇ ଜୋର ଧରିଲା ଚର୍ଚ୍ଚା



କର୍ଣ୍ଣାଟକ,୧୭/୦୭(ନି.ପ୍ର): ଉତ୍ତରାଖଣ୍ଡ ପରେ ଏବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳିବା ନେଇ ଚର୍ଚ୍ଚା ଜୋର ଧରିଛି । ଗତକାଲି ଦିଲ୍ଲୀ ଗସ୍ତରେ ଥିବା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଆଜି ବୈଠକ ପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ଭେଟିଛନ୍ତି । ଏହା ପୂର୍ବରୁ ସେ ଗତକାଲି ପ୍ରଧାନମନ୍ତ୍ରୀଙ୍କ ସହ ବି ବୈଠକ କରିଛନ୍ତି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଖୁବଶୀଘ୍ର ସେ ତାଙ୍କ ପଦରୁ ଇସ୍ତଫା ଦେଇ ପାରନ୍ତି । ବୟସାଧିକ ଓ ଅସୁସ୍ଥତା କାରଣରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଥିବା କଥା ଆଲୋଚନା ହେଉଛି । ହେଲେ ୟେଦୁୟେରପ୍ପା ଏକଥାକୁ ଖଣ୍ଡନ କରିଛନ୍ତି । ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀଙ୍କ ସହ ବୈଠକରେ ସେ ଅସୁସ୍ଥତା ଓ ବୟସ ବାବଦରେ ଆଲୋଚନା କରିଥିବା କଥା କୁହାଯାଇଛି । ଏଠି ପ୍ରଶ୍ନ ଉଠୁଛି ଯଦି ୟେଦୁୟେରପ୍ପା ତାଙ୍କ ପଦରୁ ଇସ୍ତଫା ଦିଅନ୍ତି ତେବେ କିଏ ହେବ କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ? କୁହାଯାଉଛି କି ମୁଖ୍ୟମନ୍ତ୍ରୀ ପଦ ପାଇଁ ସବୁଠାରୁ ଆଗରେ ରହିଛନ୍ତି ପ୍ରହ୍ଲାଜ ଜୋଶୀ । ସେ ଏବେ ମୋଦୀ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଦ୍ୱିତୀୟରେ ରହିଛନ୍ତି ବି.ଏଲ ସନ୍ତୋଷ । ସେ ଏବେ ବିଜେପି ରାଷ୍ଟ୍ରୀୟ ସଂଗଠନର ସଦସ୍ୟ ରହିଛନ୍ତି । ଏମାନଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ମଣ ସବେଦୀ, ବିଜେପି ନେତା ମୁର୍ଗେଶ ନିରାଣୀ ବି ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ରହିଛନ୍ତି ।

## ଡ଼ା. ମାନସ ରଥଙ୍କ ବିୟୋଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ


ଭୁବନେଶ୍ୱର,୧୭/୦୭(ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେ ଟ୍ୱିଟ କରି କହିଛନ୍ତି ଯେ, ତାଳଚେରର 'ସେବକ ନର୍ସିଂହୋମ'ର ପ୍ରତିଷ୍ଠାତା ବରିଷ୍ଠ ଚିକିତ୍ସକ ଡ଼ା. ମାନସ ରଥଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ତାଙ୍କ ସହ ମୋର ବ୍ୟକ୍ତିଗତ ଏବଂ ପାରିବାରିକ ସମ୍ପର୍କ ଥିଲା ନିବିଡ଼ । ସ୍ଥାନୀୟ ଅଂଚଳରେ ନାଗରିକଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସେ ସର୍ବଦା ତତ୍ପର ଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ଜୁଲାଇ ୨୬ରୁ ଖୋଲିବ ଦଶମ ଓ ଦ୍ୱାଦଶ ଶ୍ରେଣୀ



ଭୁବନେଶ୍ୱର,୧୭/୦୭ (ନି.ପ୍ର): ଆସନ୍ତା ଜୁଲାଇ ୨୬ ତାରିଖରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବ। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠ ପଢା ୨୬ ତାରିଖରୁ ଆରମ୍ଭ ହେବ। ଯେଉଁ ସ୍କୁଲରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଛି ସେଠାରେ ପରୀକ୍ଷା ପରେ ଖୋଲାଯିବ । ତେବେ ସ୍କୁଲକୁ ଆସିବା ଛାତ୍ରଛାତ୍ରୀଙ୍କ ଇଚ୍ଛାଧୀନ ରହିବ। ଏଥିସହ ସମସ୍ତ ଶ୍ରେଣୀର ଅନଲାଇନ୍ କ୍ଲାସ୍ ଜାରି ରହିବ। ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍କୁଲ ସକାଳ ୧୦ଟାରୁ ଦିନ ୧ଟା ୩୦ ପର୍ଯ୍ୟନ୍ତ ଖୋଲିବ। ସ୍କୁଲରେ ଖେଳଛୁଟି ହେବନି। ରବିବାର ଓ ସମସ୍ତ ସରକାରୀ ଛୁଟି ଦିନ ମାନଙ୍କରେ ସ୍କୁଲ ବନ୍ଦ ରହିବ। ପିଲାମାନେ ଅଭିଭାବକମାନଙ୍କ ସହ ଆଲୋଚନା କରି ସ୍କୁଲ ଆସି ପାରିବେ। ସ୍କୁଲ ଖୋଲିବା ନେଇ ଜିଲ୍ଲାପାଳ ନିଷ୍ପତି ନେବେ। ଅପରପକ୍ଷରେ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିବା ନେଇ ଗଣଶିକ୍ଷା ସଚିବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରେ ନବମ ଶ୍ରେଣୀ ଖୋଲିବା ନେଇ ଚିନ୍ତା କରାଯିବ। ଯଦି ପରିସ୍ଥିତି ଠିକ୍ ରହେ ତେବେ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିପାରେ। ସେହିପରି ସେପ୍ଟେମ୍ବର ୧୫ରୁ ଏକାଦଶ ଶ୍ରେଣୀ ଆରମ୍ଭ ନେଇ ଚିନ୍ତା କରାଯାଉଛି।

## ଭୁବନେଶ୍ୱରରେ ଟିକା ନେଇ କରୋନାରେ ସଂକ୍ରମିତ ହୋଇଛନ୍ତି ୪୦%



ଭୁବନେଶ୍ୱର,୧୭/୦୭(ନି.ପ୍ର): ଟିକା ନେଇ କରୋନା ସଂକ୍ରମିତ ହୋଇଛନ୍ତି ୪୦ ପ୍ରତିଶତ ଲୋକ । ଭୁବନେଶ୍ୱର ମହାନଗରନିଗମ ପକ୍ଷରୁ ଏହି ସୂଚନା ଦିଆଯିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ିଯାଇଛି । କରୋନାରୁ ଟିକା ହିଁ ସୁରକ୍ଷା ଦେଇପାରିବ ବୋଲି ସାରା ବିଶ୍ୱରେ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି । ହେଲେ ଭୁବନେଶ୍ୱରରେ ପ୍ରଥମ ଡୋଜ କରୋନା ଟିକା ନେଇ ସଂକ୍ରମିତ ହୋଇଛନ୍ତି ୧ ହଜାର ୮୯୦ ଜଣ । ସେହିପରି ଟିକାର ୨ଟି ଡୋଜ ନେଇ ସଂକ୍ରମିତ ହୋଇଛନ୍ତି ୨ହଜାର ୫୨୭ଜଣ । କୁହଯାଉଛି ଟିକାର ୨ଟି ଡୋଜ ନେବା ପରେ ୧୪ ଦିନ ବ୍ୟବଧାନରେ ଆଂଟିବଡ଼ି ବା ପ୍ରତିରୋଧ ଶକ୍ତି ତିଆରୀ ହେବ । ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ରାଜଧାନୀ ଭୁବନେଶ୍ୱରରେ ଟିକାର ୨ଟି ଡୋଜ ନେଇ ୧୪ ଦିନ ପରେ ସଂକ୍ରମିତ ହୋଉଛନ୍ତି ୧ ହଜାର ୭୦୫ଜଣ । ଅବଶ୍ୟ ଟିକା ନେଇଥିବା ବ୍ୟକ୍ତିଙ୍କ ଠାରେ ଗୁରୁତ୍ୱର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉନାହିଁ । ୫ ପ୍ରତିଶତଙ୍କ ଠାରେ ଦେଖା ଦେଉଛି ସାମାନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ।

# କ୍ୟାବିନେଟ ବୈଠକରେ ୧୫ଟି ପ୍ରସ୍ତାବ ଉପରେ ବାଜିଲା ମୋହର

ଭୁବନେଶ୍ୱର,୧୭/୦୭(ନି.ପ୍ର): ସରିଲା କ୍ୟାବିନେଟ ବୈଠକ । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ୧୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ରାଜ୍ୟ କ୍ୟାବିନେଟ ବୈଠକରେ ଓଡ଼ିଶା ଷ୍ଟେଟ ୱାଇଡ ଏରିଆ ନେଟୱର୍କ ପ୍ରକଳ୍ପର ଅପ-ଗ୍ରେଡେସନକୁ ଅନୁମୋଦନ କରିଛି କ୍ୟାବିନଟ । ରାଜ୍ୟର ଆଇଟି କ୍ଷେତ୍ର ପାଇଁ ଏହି ପ୍ରକଳ୍ପ ବେଶ ସହାୟକ ହେବ । ଏଥିପାଇଁ ଖର୍ଚ୍ଚ ହେବ ୩୩୨ କୋଟି ଟଙ୍କା । ସିଇଟି, ଭୁବନେଶ୍ୱରକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ମିଳିବା ନେଇ କ୍ୟାବିନେଟରେ ନିଷ୍ପତି ହୋଇଛି । ଏହାସହ ଓୟୁଟିଆର ପ୍ରତିଷ୍ଠା ନିମନ୍ତେ ନୂଆ ଆଇନ ପ୍ରଣୟନ ପାଇଁ ପ୍ରସ୍ତାବ କ୍ୟାବିନେଟରେ ପାରିତ ହୋଇଛି । ସେହିଭଳି ଯୋଡା ଏବଂ ଚମ୍ପୁଆରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ୱାଟକୋ ମାଧ୍ୟମରେ 'Drink From Tap Quality'ର ବ୍ୟବସ୍ଥା କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଣ୍ଟା ଭିଡିଛି । ଯାହାକୁ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏଥିପାଇଁ ପାଖାପାଖି ୧୦୪ କୋଟି ଖର୍ଚ୍ଚ ହେବ । ସୁନ୍ଦରଗଡ ଜିଲ୍ଲାର ଡୁଡୁକା-ଗୋପାଳପୁର-ଟୋପାରିଆ ରାସ୍ତାକୁ ଦୁଇ ଲେନ କରିବାକୁ କ୍ୟାବିନେଟରେ ନିଷ୍ପତି । ଏଥିପାଇଁ ୧୦୨ କୋଟି ଟଙ୍କା ଖର୍ଚ୍ଚ ହେବ । ଏହାଦ୍ୱାରା ଛତିଶଗଡର ରାଇଗଡ ଓ ସୁନ୍ଦରଗଡ ସହ ମଧ୍ୟରେ ଯୋଗାଯୋଗ ସହଜ ହେବ । ଏହାବାଦ୍ ସୁନ୍ଦରଗଡରେ ଦୁଇଟି ବୃହତ୍ତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପରେ ମଧ୍ୟ କ୍ୟାବିନେଟ ମୋହର ବାଜିଛି । ଏହି ଦୁଇଟି ପ୍ରକଳ୍ପରେ ଯଥାକ୍ରମେ ୩୮୯ କୋଟି ଓ ୭୮୭ କୋଟି ଖର୍ଚ୍ଚ ହେବାକୁ ଥିବା ବେଳେ ୨୪ ମାସ ମଧ୍ୟରେ ପ୍ରକଳ୍ପ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । କଟକରେ ମଧ ବୃହତ୍ତ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଛି । ପ୍ରାୟ ୨୭୫ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକ୍ଳର ଲାଭ ଜିଲ୍ଲାର ୪ଟି ବ୍ଲକର ୨୬୨ଟି ଗାଁର ଲୋକ ପାଇବେ ।

### ଆଫଗାନିସ୍ତାନରେ ଭାରତୀୟ ସାମ୍ବାଦିକଙ୍କ ମୃତ୍ୟୁ ଘଟଣା

# ଦାନିଶ ସିଦ୍ଦିକିଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କଲା ତାଲିବାନ : କହିଲା ତାଙ୍କର ନାହିଁ କୌଣସି ଭୁଲ

ନୂଆଦିଲ୍ଲୀ,୧୭/୦୭: ସତର ଛବି ଲୋକଙ୍କୁ ଦେଖାଉଥିବା ଲୋକର ନିର୍ମମ ଭାବେ ହତ୍ୟା । ଆଫଗାନିସ୍ତାନରେ ଚାଲିଥିବା ଗୃହଯୁଦ୍ଧରେ ଭାରତୀୟ ସାମ୍ବାଦିକ ଦାନିଶ ସିଦ୍ଦିକିଙ୍କୁ ହତ୍ୟା କରିବା ପଛରେ ରହିଛି ତାଲିବାନର ହାତ । ଯୁଦ୍ଧର କାହାଣୀ ନିଜ କ୍ୟାମେରାରେ କଏଦ କରିବା ସମୟରେ ତାଙ୍କୁ ହତ୍ୟା କରାଯାଇଛି । ସେପଟେ ତାଲିବାନ କିନ୍ତୁ ସିଦ୍ଦିକିଙ୍କ ହତ୍ୟାକୁ ନେଇ ରଖିଛି ଭିନ୍ନ ପ୍ରତିକ୍ରିୟା । ତାଙ୍କ ହତ୍ୟା ପାଇଁ ତାଲିବାନ ନିଜକୁ ଦାୟୀ କରି ନାହିଁ । ସିଦ୍ଦିକିଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିବା ସହ ତାଙ୍କ ମରଶରୀର ରେଡକ୍ରସକୁ ହସ୍ତାନ୍ତର କରିଛି ତାଲିବାନ । ଆଫଗାନିସ୍ତାନର କାନ୍ଧାହାର କ୍ଷେତ୍ରର ଦୃଶ୍ୟ । ଆଫଗାନ ସେନାର ଗାଡି ଭିତରେ ସେମାନଙ୍କ ସହ ଅଛନ୍ତି ଭାରତୀୟ ଫଟୋ ସାମ୍ବାଦିକ ଦାନିଶ ସିଦ୍ଦିକି । ଆଉ ହଠାତ୍ ତାଙ୍କ ଗାଡି ଉପରେ ଆସି ମାଡ ହେଉଛି ଏକ ରକେଟ୍ ।

▶▶ପୃଷ୍ଠା ୭

# ସୋମବାରରୁ ସାରା ରାଜ୍ୟରେ ଗଡ଼ିବ ଘରୋଇ ବସ୍




ଭୁବନେଶ୍ୱର,୧୭/୦୭(ନି.ପ୍ର): ଆସନ୍ତା ସୋମବାରଠାରୁ ରାଜ୍ୟର ସବୁ ଅଞ୍ଚଳରେ ଗଡିବ ବସ୍ । ରାଜ୍ୟରେ ବସ ଚଳାଚଳ ସ୍ୱାଭାବିକ କରିବାକୁ ଲୋକସେବା ଭବନରେ ଘରୋଇ ବସ ମାଲିକ ସଂଘ ଓ ପରିବହନ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବୈଠକ ପରେ ସୋମବାରଠୁ ବସ ଚଳାଚଳ ସ୍ୱାଭାବିକ କରିବାକୁ ସଂଘ ନିଷ୍ପତ୍ତି ନେଇଛି । ବସ୍ ମାଲିକ ସଂଘର ଦାବି ସରକାର ମାନିନେବା ପରେ ବସ ଚଳାଚଳ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛନ୍ତି ସଂଘ । ବୈଠକରେ ଦୁଇ ମାସର ରୋଡ ଟିକସ ଛାଡ କରିବାକୁ ସରକାର ଘରୋଇ ବସ ମାଲିକ ସଂଘଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଲୋନ ଡିଫଲଟର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସରକାର ପଦକ୍ଷେପ ନେବେ । ଅନ୍ୟ ରାଜ୍ୟ ଭଳି ଓଡିଶାରେ ମଧ ବସ କର୍ମଚାରୀଙ୍କ ପାଇଁ ଏକ କଲ୍ୟାଣ ପାଣ୍ଠି ଗଠନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ସରକାର । ଏହାଛଡା ବସ ମାଲିକମାନଙ୍କୁ ଏକ ଲକ୍ଷ ଟଙ୍କାର ଋଣ ଦେବା ପାଇଁ ବ୍ୟାଙ୍କକୁ ରାଜ୍ୟ ସରକାର ସୁପାରିଶ କରିବେ ।

# ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା ପାଇଁ ଗାଇଡ୍ ଲାଇନ୍

## ପରୀକ୍ଷା କେନ୍ଦ୍ରରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ, ସମସ୍ତ କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ କରାଯିବ, ଅଗଷ୍ଟ ୨୨ରେ ରେଜଲ୍ଟ

ଭୁବନେଶ୍ୱର,୧୭/୦୭(ନି.ପ୍ର): ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା ନେଇ ଗଣଶିକ୍ଷା ବିଭାଗ ଗାଇଡ୍ ଲାଇନ୍ ଜାରି କରିଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ଏବଂ ପରୀକ୍ଷା ଶେଷ ହେବା ପରେ ପରୀକ୍ଷା କେନ୍ଦ୍ର ଗୁଡିକୁ ସାନିଟାଇଜ୍ କରାଯିବ। ପ୍ରତି ପରୀକ୍ଷା କେନ୍ଦ୍ରରେ ଗୋଟିଏ ଲେଖାଏଁ ଆଇସୋଲେସନ୍ ରୁମ୍ ରହିବ। ସମସ୍ତ ପରୀକ୍ଷାର୍ଥୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ତାଙ୍କର ଥର୍ମାଲ ସ୍କାନିଂ କରାଯିବ । ପରୀକ୍ଷା କେନ୍ଦ୍ରରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ। ବିନା ମାସ୍କରେ ଗଲେ ପରୀକ୍ଷା କେନ୍ଦ୍ରକୁ ଛଡାଯିବ ନାହିଁ । ପରୀକ୍ଷା ପରିଚାଳନାରେ ଥିବା ସମସ୍ତ କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ କରାଯିବ। ମୂଲ୍ୟାୟନ କେନ୍ଦ୍ରରେ ମଧ ସାନିଟାଇଜେସନ୍ ହେବ, କୋଭିଡ୍ ନିୟମର ପାଳନ କରାଯିବ। ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ଯାଏଁ ହେବ ପରୀକ୍ଷା। ଅଗଷ୍ଟ ୧୦ରୁ ୧୫ ମଧ୍ୟରେ ପରୀକ୍ଷା ଖାତା ମୂଲ୍ୟାୟନ ହେବ। ଅଗଷ୍ଟ ୨୨ ତାରିଖ ଭିତରେ ବାହାରିବ ଅଫଲାଇନ୍ ମାଟ୍ରିକ୍ ରେଜଲ୍ଟ । ପରୀକ୍ଷା କେନ୍ଦ୍ରରେ କରୋନା ନିୟମ ପାଳନର ତଦାରଖ ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ କୋଭିଡ୍ ସ୍କାର୍ଡ ରହିବେ। ଉଲ୍ଲେଖ୍ୟଯୋଗ୍ୟ ମାଟ୍ରିକ୍ ପରୀକ୍ଷା ମୂଲ୍ୟାୟନକୁ ନେଇ ଯେଉଁ ଛାତ୍ରଛାତ୍ରୀମାନେ ଅସନ୍ତୁଷ୍ଟ ରହିଥିଲେ, ସେମାନଙ୍କ ପାଇଁ ଅଫଲାଇନ୍ ପରୀକ୍ଷାର ବ୍ୟବସ୍ଥା କରିଛି ଗଣଶିକ୍ଷା ବିଭାଗ। ଏଥିପାଇଁ ଗତ ଜୁଲାଇ ୫ ତାରିଖରୁ ୧୫ ତାରିଖ ମଧ୍ୟରେ ଫର୍ମଫିଲପ ପ୍ରକ୍ରିୟା ମଧ ଶେଷ ହୋଇସାରିଛି। ଗଣଶିକ୍ଷା ସଚିବଙ୍କ ସୂଚନା ଅନୁଯାୟୀ, ୧୫ ହଜାର ୧୧୫ ଜଣ ଛାତ୍ରଛାତ୍ରୀ ପୁନର୍ବାର ପରୀକ୍ଷା ଦେବା ନେଇ ଫର୍ମଫିଲପ କରିଛନ୍ତି।

# ଟ୍ରକ ବାଇକ୍ ଧକ୍କା : ଅଳ୍ପକେ ବର୍ତ୍ତିଲା ବାଇକ ଚାଳକ

କୋରାଇ,୧୭/୭ (ନି.ପ୍ର): ପାଣିକୋଇଲି ଗୋଲେଇ ଛକରେ ଆଜି ଅପରାହ୍ନ ୫.୪୫ ମିନିଟ ସମୟରେ ଏକ ଟ୍ରକ ଆଗରେ ବାଇକ ପଡିଯାଇଥିଲା । ହେଲେ ସୌଭାଗ୍ୟବଶତଃ ଚାଳକ ଆହତ ହୋଇଥିଲେ ମଧ୍ୟ ଅଳ୍ପକେ ନିର୍ଶ୍ଚିନ୍ତ ମୃତ୍ୟୁରୁ ରକ୍ଷା ପାଇଛନ୍ତି । ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇ ଛକରେ ଯାଜପୁରରୋଡ ପଟୁ ଏକ ଟ୍ରକ (ଓଡି୦୨ଏବି ୪୮୮୬) ଆସୁଥିବା ବେଳେ ଗୋଲେଇଛକ ଉପରେ ଏକ ଆପାଚି ବାଇକରେ( ଓଡି୦୪ସି ୬୯୨୫) ଆସି ହଠାତ ଆଗରେ ପଡି ଯାଇଥିଲା । ଫଳରେ ଟ୍ରକଟି ଗାଡି ସହ ଚାଳକ ଉପରେ ସମ୍ପୂର୍ଣ୍ଣ ମାଡିଯାଇଥିଲା । ଟ୍ରକ ଚାଳକଙ୍କ ବୁଦ୍ଧି ଖଟାଇ ଗାଡିଟିକୁ ବ୍ରେକ କରିଦେବାରୁ ଯୋଗୁ ବାଇକ ଚାଳକ ସ୍ଥାନୀୟ ଲୋକଙ୍କ ସହାୟତାରେ ତା’ ମଧ୍ୟରୁ ବାହାରିଥିଲା । ପୁଲିସ ଘଟଣା ସ୍ଥଳେ ପହଂଚି ବାଇକ ଆରୋହୀ ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ମାଧପୁର ଗ୍ରାମର ଭୀମ ତରାଇଙ୍କ ପୁଅ ଗଜେନ୍ଦ୍ର(୩୨)କୁ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗସ୍ତ ଗାଡି ଦୁଇଟିକୁ ଜବତ କରିଛି । ଦୁର୍ଘଟଣା ଫଳରେ କିଛି ସମୟ ପାଇଁ ଗାଡି ଚଳାଚଳ ବ୍ୟାହାତ ହୋଇଥିଲା ।

# ପରିବେଶ ସୁରକ୍ଷା ପାଇଁ ନିଆରା ବିଭାଘର

ବୋଲଗଡ,୧୭/୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ତାଳତୁମ୍ଭ ଗ୍ରାମରେ ପରିବେଶ ସୁରକ୍ଷା ପାଇଁ ଏକ ନିଆରା ବିଭାଘର ଦେଖିବାକୁ ମିଳିଛି ଦୁଇ ଔଷଧୀୟ ବୃକ୍ଷ ଅଶ୍ୱ ଓ ବର ମଧରେ । ଉକ୍ତ ଦୁଇ ବୃକ୍ଷ ବାୟୁମଣ୍ଡଳକୁ ଅଧିକ ଅମ୍ଳଜାନ ଯୋଗାଉ ଥିବାରୁ ଓ କରୋନାର ପ୍ରକୋପକୁ ପ୍ରତିହତ କରିବା ପାଇଁ ଏହି ଅଭିନବ ପ୍ରକ୍ରିୟା ହୋଇଥିଲା । ଗ୍ରାମର ସନାତନ ମହାପାତ୍ର, ପତ୍ନୀ ରମାମଣି ମହାପାତ୍ର, ପ୍ରଦୀପ ବାରିକ ଓ ପତ୍ନୀ ସୂର୍ଯ୍ୟକାନ୍ତି ବାରିକ ଉଭୟ ବୃକ୍ଷଙ୍କ ପିତାମାତା ସାଜି ଏହି ମହନୀୟ କାର୍ଯ୍ୟ ତୁଲାଇଛନ୍ତି । ପୁରୋହିତ ମନ୍ତ୍ରପାଠ କରିବା ସହିତ ଚତୁର୍ଦ୍ଦିଗରେ ଅଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ଏହା ପରିବେଶ ସୁରକ୍ଷାର ବାର୍ତ୍ତା ଦେବା ସହିତ ନାରାୟଣ ଓ ଲକ୍ଷ୍ମୀ ସାରା ବିଶ୍ୱାବାସୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା ବୋଲି ମହିମା ସେବା ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ, ସମାଜସେବୀ ନାରାୟଣ ଖୁଂଟିଆ ଏକ ପ୍ରେସ୍ ବାର୍ତାରେ ଜଣାଇଛନ୍ତି ।

# ଲୁଟ ମାମଲାରେ ଜଣେ ଗିରଫ

ଜୟପୁର ,୧୭/୭ (ନି.ପ୍ର): ମାଛକୁଣ୍ଡ ଅଞ୍ଚଳର ଜଣେ ବ୍ୟକ୍ତି ଜୟପୁର ଆସୁଥିବା ବେଳେ ଲୁଟ ହୋଇଥିବା ଘଟଣାରେ ୨ ଜଣ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ପୋଲିସ ସୁଚନା ଅନୁଯାଇ ମାଛକୁଣ୍ଡ ଅଞ୍ଚଳର ଜଣେ ବ୍ୟାକ୍ତି ଜୟପୁର ଆସୁଥିବା ବେଳେ ପାଓରା ହାଉସ ଛକ ଠାରେ ୨ ଜଣ ବୁବଉ ଉକ୍ତ ବ୍ୟକ୍ତିକୁ ଅଟକାଇଥିଲେ । ଲାଥ ବିଧା ମାରିବା ସହ ତାଙ୍କ ଠାରୁ ୫ ହଜାର ଟଙ୍କା ଓ ବାଇକ ଚାବି ଗତ ୧୧ ତାରିଖରେ ଲୁଟ କରି ନେଇଗଲେ । ଏନେଇ ବ୍ୟକ୍ତି ଜଣକ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ । ପରେ ପୋଲିସ ୧୬୦/ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଜାଣି ୨ ଜଣ କୁ ଗିରଫ କରିଛି । ୨ ଜଣଙ୍କ ମଧରେ ଜଣେ ନାବାଳକ ଥିବା ବେଳେ ୨ ଅଭିଯୁକ୍ତ କୁ କାନ୍ଦୁରିଗୁଡାରୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଠାରୁ ଲୁଟ୍ ହୋଇଥିବା ୫ ହଜାର ଟଙ୍କା ଜବତ କରିଛି । ଅଭିଯୁକ୍ତ ନାବାଳକକୁ ଜୁଭେନାଇନ ଜଷ୍ଟିସ ବୋର୍ଟଙ୍କ ନିକଟରେ ହାଜର କରାଯାଇ ବ୍ରହ୍ମପୁର ବାଲସୁଧାର ଗୃହକୁ ପଠାଯିବ ବୋଲି ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ୨୦୨୧ - ୨୨ ସଚେତନତା ରଥ ଉଦ୍‌ଘାଟିତ

ଝାରସୁଗୁଡା,୧୭/୭ (ନି.ପ୍ର): ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା ରଥ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲ ପତକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଫସଲ ବୀମା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ରଥ ଜିଲ୍ଲାର ସମସ୍ତ ପାଂଚଟି ଯାକ ବ୍ଲକ ପରିଭ୍ରମଣ କରିବ । ବୀମା ପଞ୍ଜିକରଣ ପାଇଁ ଚଳିତ ଜୁଲାଇ ମାସ ୩୧ତାରିଖକୁ ଶେଷ ଧାର୍ଯ୍ୟ ତାରିଖ ଭାବରେ ଗ୍ରହଣ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାର ଅଧିକରୁ ଅଧିକ ଚାଷୀ ଧାର୍ଯ୍ୟ ତାରିଖ ମଧରେ ବୀମାଭୁକ୍ତ ହେବା ସହ ଯୋଜନା ଦ୍ୱାରା ଉପକୃତ ହେବାର ସୁଯୋଗ ନେବା ପାଇଁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

# ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ : ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୭/୭ (ନି.ପ୍ର): ଭିନ୍ନକ୍ଷମ ଯୁକତୀଙ୍କୁ ଦୁଷ୍କର୍ମ ନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି । ଏଭଳି ଅମାନୁଷିକ ଘଟଣାଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅଧିନ ଦେଓଦା ପଂଚାୟତସ୍ଥ ମଠସାହି ଗ୍ରାମରେ । ଜଣେ ୫୨ ବର୍ଷୀୟ ବୃଦ୍ଧ ଏକୁଟିଆର ସୁଯୋଗ ନେଇ ୫ିଅ ବୟସର ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିଛି । ଏହି ଘଟଣାକୁ ନେଇ ଯୁବତୀଙ୍କର ଭାଇ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିବା ଜଣାପଡିଛି । ଫଳରେ ଏତଲାକୁ ଭିତି କରି ପୁଲିସ କେସ୍ ୩୭୩/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି । ଯାହାକୁ ନେଇ ବିଭିନ୍ନ ମହଲରୁ ଘଟଣାକୁ ନିନ୍ଦା କରାଯାଇଛି । ମିଳିଥିବା ସୂଚନା ମୁତାବକ ଗତ କାଲି ଅପରାହ୍ନ ୩ଟା ସମୟରେ ଏହି ମଠସାହି ଗ୍ରାମର ବାବାଜି ବାରିକଙ୍କ ୩୨ ବର୍ଷିୟ ଭିନ୍ନକ୍ଷମ ଯୁବତୀ ଗତ କାଲି ୩ଟା ସମୟରେ ଘର ପଛପଟକୁ ନିତ୍ୟକର୍ମ ସାରିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଏହି ଗ୍ରାମର ବାବାଜି ରଣାଙ୍କ ପୁଅ ଭାସ୍କର ରଣା ଓରଫ ବାବୁଲି(୫୨) ଜୋର ଜବରଷ୍ଠ କରି ଘର ପଛ ପଟେ ଥିବା ଏକ ଆଖୁ କିଆରିକୁ ନେଇ ଦୁଷ୍କର୍ମ କରିଥିଲେ । ହେଲେ ଉକ୍ତ ଯୁବତୀ ଜଣକ କିଛି କହି ନ ପାରିବାରୁ ବାବୁଲି ତାଙ୍କୁ ଦୁଷ୍କର୍ମ କରିଥିଲା । ଠିକ୍ ଏହି ସମୟରେ ପରିବାର ଲୋକେ ଦେଖି ଝିଅ ଉଦ୍ଧାର କରିବା ସହ ବାବୁଲି ନାମରେ ଯୁବତୀଙ୍କ ଭାଇ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ଅଭିଯୋଗ ପାଇ ପୁଲିସ ସଂଗେସଂଗ ଘଟଣାର ତଦନ୍ତ କରିବା ସହ ବାବୁଲିକୁ ରାତିରେ ଫାଣ୍ଡିକୁ ଆଣି ପଚରାଉଚୁରା କରିଥିଲା । ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉଭୟଙ୍କର ଡାକ୍ତରୀ ମଇନ କରାଯାଇଥିଲା । ପୀଡିତାଙ୍କ ବୟାନ ରେକର୍ଡ କରାଯିବା ସହ ଆସନ୍ତା କାଲି ଅଭିଯୁକ୍ତ ବାବୁଲିକୁ କୋର୍ଟ ଚାଲାଣ କରାଯିବ ବୋଲି ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି । ସୂଚନା ଥାଉକି ୧୫ ବର୍ଷ ପୂର୍ବେ ବାବୁଲି ଉକ୍ତ ଯୁବତୀଙ୍କୁ ଜୋର ଜବରଦସ୍ତ କରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଲା । ଫଳରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା । ତେବେ ଏଭଳି ଅମାନୁଷିକ ଘଟଣାକୁ ନେଇ ବିଭିନ୍ନ ମହଲରୁ ଦୃଢ ନିନ୍ଦା କରାଯାଇଛି ।

# ଯୁବକଙ୍କୁ ଗଳାକାଟି ହତ୍ୟା : କାରଣ ଅସ୍ପଷ୍ଟ

ଝାରସୁଗୁଡା,୧୭/୭ (ନି.ପ୍ର): ଝାରସୁଗୁଡା ସହରରେ ଚାଂଚଲ୍ୟ । ଜଣେ ଯୁବକର ଗଳା କାଟି ନିର୍ମମ ଭାବେ କରାଯାଇଛି ହତ୍ୟା । ବିଚ ରାସ୍ତା ଉପରେ ପଡି ରହିଥିଲା ମୃତଦେହ । ଝାରସୁଗୁଡା ସହରର ବେହେରାମାଲ ନିକଟରେରେ ଏକ ଗଳି ରାସ୍ତା ରେ ଆଜି ସକାଳୁ ପଥଚାରୀ ମାନେ ଯୁବକର ମୃତଦେହ ଦେଖି ଝାରସୁଗୁଡା ପୋଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ଏସପି ବିକାଶ ଦାଶଙ୍କ ସହ ଏସ୍ଡିପିଓ, ଆଇ ଆଇ ସି ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ତଦନ୍ତ ପରେ ମୃତକକୁ ଚିହ୍ନଟ କରାଯାଇ ପାରିଛି । ମୃତକ ଜଣକ ହେଲେ ମୁଙ୍ଗାପଡା ଅଂଚଳର ବିପିନ ସାହା । ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ । ଗତକାଲି ବିଳମ୍ବିତ ରାତିରେ ଘଟଣା ହୋଇଥିବା ସନ୍ଦେହ । ଘଟଣାସ୍ଥଳରେ ସାଇଂଟିଫିକ ଟିମ ସହ ଝାରସୁଗୁଡା ପୋଲିସ ଅଧିକ ତଦନ୍ତ ଚଳାଇଛି । ପ୍ରାଥମିକ ତଦନ୍ତ ଆଧରରେ ଏହା ପୁର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ ପ୍ରକାଶ କରୁଥିବା ବେଳେ ମୃତକଙ୍କୁ ଚିହ୍ନିଥିବା ଲୋକେ କହୁଛନ୍ତି ବିପିନ ସାହାଙ୍କ କାହା ସହ ଶତ୍ରୁତା ନଥିଲା । ଗତକାଲି ସେ କାମ କରୁଥିବା ମୋବାଇଲ ଦୋକାନ ମାଲିକଙ୍କ ନିର୍ଦ୍ଦେଶରେ ବାଗଡିହି ଯାଇ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ଫେରିଥିଲେ । କିନ୍ତୁ ଆଜି ସକାଳୁ ହତ୍ୟାକାଣ ସ୍ଥଳରୁ ପୋଲିସ ମୃତ ବିପିନ ପକେଟରୁ ୭୩ ହଜାର ଟଙ୍କା ସହ ମୋବାଇଲ ଫୋନ୍ ଉଦ୍ଧାର କରିଥିବା ବେଳେ ସେ ଚଳାଉଥିବା ବାଇକ୍ ର୍ ପତା ମିଳିନାହିଁ । ପୋଲିସ ସବୁଦିଗରୁ ଏହି ମାମଲାର ତଦନ୍ତ କରିବା ସହ ଘଟଣାସ୍ଥଳ ନିକଟବର୍ତି ଅଂଚଳରେ ଲାଗିଥିବା ସିସିଟିଭିକୁ ତନଖି କରୁଛି ।

# ଓଡ଼ିଶା କେନ୍ଦୁପତ୍ର ଖଡ଼ିଆଲ ଡିଭିଜନ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଓ

ନୂଆପଡ଼ା,୧୭/୭ (ନି.ପ୍ର): ଆଜି ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ସମ୍ପାଦକ ଶ୍ରୀ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ତୋଳାଳୀ, ଶ୍ରମିକ ଓ ସିଜିନାଲ ଷ୍ଟାଫ ପ୍ରଦର୍ଶନ ପୂର୍ବକ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସତର ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁଶାନ୍ତ ରଣାଙ୍କ ଜରିଆରେ ପ୍ରଦାନ କରିଛନ୍ତି । କୋବିଡ଼ ମହାମାରୀ ର ଅଭାବ ଓ ଅନାଟନ ସମୟରେ ଜିଲ୍ଲାର ଚାଳିଶ ହଜାର କେନ୍ଦୁପତ୍ର ତୋଳାଳୀ ଅଢେଇ ମାସରୁ ଉର୍ଦ୍ଧ୍ୱ ହେବ ତାଙ୍କ ପ୍ରାପ୍ୟ ନ ପାଇବା ଘୋର ବିଡ଼ମ୍ବନା ର ବିଷୟ ଅଟେ । ଠିକ ସେହିପରି ସିଜିନାଲ ଷ୍ଟାଫ ୨୦୧୯ର ବର୍ଦ୍ଧିତ ବକେୟା ଦରମା,ଇ. ପି.ଏଫ . ଲାଗୁ ହୋଇଥିଲେ ମଧ ଲାଗୁ ନ କରିବା,ବୁସ କଟିଂ,ଫଡ଼ି ଘର ମରାମତି,ପତ୍ର ସୁଖା ରଖା ରେ ବ୍ୟାପକ ଦୁର୍ନୀତି ର ତଦନ୍ତ କରିବା,ନିଯୁକ୍ତି ପ୍ରମୋସନ ରେ ବିଭାଗୀୟ ମନମାନି ଓ ଦୁର୍ନୀତିକୁ ବନ୍ଦ କରିବା,ସାମାଜିକ କଲ୍ୟାଣ ଯୋଜନାରେ ସାମିଲ ହେବା ପାଇଁ କୋଡିଏ ଚଟା(୪ହଜାର କେରୀ) ବଦଳରେ ଅଧା ଚଟା ବା ୫୦୦ କେରୀ ରେ ଲାଗୁ କରିବା ଇତ୍ୟାଦି ପ୍ରମୁଖ ଦାବି କୁ ନେଇ ଆଜି ଆନ୍ଦୋଳନାତ୍ମକ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କର ଯାଇଥିଲା । ଆସନ୍ତା ଜୁଲାଇ ଦଶ ତାରିଖ ସୁଦ୍ଧା ସମସ୍ତ ପ୍ରାପ୍ୟ ଦିଆଯିବ ବୋଲି ଡି.ଏଫ.ଓ. ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରତ ଆନ୍ଦୋଳନକାରୀ ଙ୍କୁ ଲିଖିତ ପ୍ରତିଶୃତି ଦେଇଥିଲେ ମଧ ତାକୁ କାର୍ଯ୍ୟକାରୀ କରି ନ ଥିବାରୁ ଶ୍ରମିକ, ତୋଳାଳୀ ଓ ସିଜିନାଲ ଷ୍ଟାଫ ଙ୍କ ମଧରେ ଘୋର ଅଶାନ୍ତି ଓ ଅସନ୍ତୋଷ ବ୍ୟାପି ଯାଇଛି । ଯଦି ଆଗାମୀ ଦଶ ଦିନ ମଧରେ ସଂଘର ନ୍ୟାର୍ଯ୍ୟ ଦାବି କୁ ପୁରଣ କରା ନ ଯାଏ ତେବେ ଆବଶ୍ୟକ ପଡ଼ିଲେ ସାରା ଡିଭିଜନ ରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି ।

# ଯୁବକଙ୍କୁ ପଥରରେ ଛେଚି ହତ୍ୟା: ୨ ଅଟକ

ଗଞ୍ଜାମ, ୧୬ ଜୁଲାଇ (ହି.ସ.)- ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମରେ ଗତକାଲି ରାତିରେ ଶୋଇଥିବା ବେଳେ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି ପୋଲିସ । ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

# ବେଦାନ୍ତ ଭୂତଳ ରେଳପଥ ଲୋକାର୍ପିତ

ଝାରସୁଗୁଡା,୧୭/୭ (ନି.ପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ଉତ୍ପାଦନ କରୁଥିବା ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ଜିଲ୍ଲାର ବାସିନ୍ଦାଙ୍କ ପାଇଁ ରେଳବାଇ ଭୂତଳ ପୋଲ ଆଜି ଉତ୍ସର୍ଗ କରିଛି । ଆଜି ମନ୍ତ୍ରୀ - ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଆ ସରକାର ନବ କିଶୋର ଦାସଙ୍କ ଦ୍ୱାରା ଆର ଓ ବି ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ବେଦାନ୍ତ ସିଇଓ, ସିଏନ୍ ସିଂ, ସାଂସଦ - ବରଗଡ, ସୁରେଶ ପୂଜାରୀ, ଜିଲ୍ଲାପାଳ ଝାରସୁଗୁଡା ସରୋଜ କୁମାର ସାମଲ, ଝାରସୁଗୁଡା ପୋଲିସ ଅଧିକ୍ଷକ ବିକାଶ ଦାସ ଏବଂ ଏହି ଅଂଚଳର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ନୂତନ ଭାବେ ନିର୍ମିତ ଏହି ରାସ୍ତାର ଲମ୍ବ ୧.୬ କିଲୋମିଟର ଏବଂ ବେଦାନ୍ତର ମୁଖ୍ୟ ଫାଟକକୁ ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥ ସହିତ ସଂଯୋଗ କରୁଛି । ଏହା ଏହି ଅଂଚଳରେ ଟ୍ରାଫିକ ଗତିବିଧିକୁ ସହଜ କରିବ ଏବଂ ବୃନ୍ଦାମାଲ, ବଞ୍ଜାରୀ, ଭୁର୍କାମୁଣ୍ଡା, ଭାଗିପାଲି, କାତିକେଲା ଏବଂ ସମ୍ବଲପୁର ଅଭିମୁଖେ ଯାଉଥିବା ଅନ୍ୟାନ୍ୟ ଗ୍ରାମ ବାସିନ୍ଦାଙ୍କ ସଂଯୋଗକୁ ସୁଦୃଢ଼ କରିବ । ଏହା ମଧ ରେଳ ଲାଇନ ଯୋଗୁଁ ସୁନାରିମୁଣ୍ଡା ଛକ ନିକଟରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଏହି ରାସ୍ତାର ଦୁଇ ପାର୍ଶ୍ୱରେ ବେଦାନ୍ତ ବୃକ୍ଷରୋପଣ କରି ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରିଛି । ବ୍ୟବହାରକାରୀଙ୍କ ଦ୍ୱାରା ସଡକ ସୁରକ୍ଷା ନିୟମକୁ ସଠିକ୍ ଭାବରେ ପାଳନ କରିବା ପାଇଁ ଫୁଟପାଥ୍ ଯୋଗାଇ ଦେବା ସହିତ ସୁରକ୍ଷା ସଙ୍କେତ ଲଗାଯାଇଛି ।

ଏହି ପରିପ୍ରେକ୍ଷୀରେ ବେଦାନ୍ତ ସିଇଓ ସିଏନ ସିଂ କହିଛନ୍ତି ଯେ, ‘ସ୍ଥାୟୀ ସମ୍ପ୍ରଦାୟର ଭିତିଭୂମି ବିକାଶ ଆମର ସାମାଜିକ ଦାୟିତ୍ୱ ଏବଂ ଏହି ଦିଗରେ ନିରନ୍ତର ପ୍ରୟାସର ଏକ ପ୍ରମୁଖ ସ୍ତମ୍ଭ ଅଟେ । ଆଜି ଏହି ଆର ଓ ବି, ଝରସୁଗୁଡ଼ାବାସୀଙ୍କୁ ଉତ୍ସର୍ଗ କରୁଛୁ । ସ୍ଥାନୀୟ ସମ୍ପ୍ରଦାୟର ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଆମେ ଏହି ଅଂଚଳର ସହଭାଗୀ ଭାବରେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ଜାରି ରଖିବୁ । ”

ବେଦାନ୍ତର ଏହି ପ୍ରକଳ୍ପର ପ୍ରଶଂସା କରି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ଯେ, ‘ବେଦାନ୍ତ ଝାରସୁଗୁଡାର ବିକାଶ ଦିଗରେ ଅବଦାନ ସର୍ବଦା ଆଗରେ ରହିଆସିଛି । ଏହି ଆର ଓ ବି ସାହାଯ୍ୟରେ ଟ୍ରାଫିକରେ ବ୍ୟାପକ ହ୍ରାସ ଘଟିବ । ଏହି ରାସ୍ତା ଜନସାଧାରଣଙ୍କ ପାଇଁ ମଧ ଉପକୃତ ହେବ । ଏହି ଆର ଓ ବି ପ୍ରକଳ୍ପର ସଫଳତା ପାଇଁ ମୁଁ ବେଦାନ୍ତ, ରେଳ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଓ ଅଭିନନ୍ଦନ ଜଣାଉଛି । ଭବାନୀପାଟଣା ଏବଂ ଦେଓଗଡ ଜିଲ୍ଲାରେ କୋଭିଡ଼ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ବେଦାନ୍ତ ଆର୍ଥିକ ସହଯୋଗ କରିଛି । ଝାରସୁଗୁଡାର ପ୍ରଗତି ଯାତ୍ରାରେ ବେଦାନ୍ତର ନିରନ୍ତର ସମର୍ଥନ ପାଇଁ ମୁଁ ଅନୁରୋଧ କରୁଛି ।

# ଅଦା ବୋଝେଇ ଟ୍ରକରୁ ୧ କୋଟି ଟଙ୍କାର ଗଞ୍ଜେଇ ଜବତ : ଜଣେ ଗିରଫ

ଜୟପୁର ,୧୭/୭ (ନି.ପ୍ର): ଜୟପୁର ସଦର ପୋଲିସ ଅଦା ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ତାକୁ ପଣ୍ଡ କରି ପର୍ଦାଫାସ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା ସାମ୍ବାଦିକ ସମ୍ମିଳନିରେ ଗଣ ମାଧମକୁ ସୁଚନା ଦେଇ କହିଛନ୍ତି ଯେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ଖବର ପାଇ ଜୟପୁର ଘାଟିରେ ସଦର ପୋଲିସ ଏକ ଟିମ ଚଢାଉ କରି ୬ ଚକିଆ ଟ୍ରକୁ ଥାନାକୁ ଆଣି ଯାଞ୍ଚ କରିଥିଲା । ପିବି ୬୫ଭି ୪୪୫୬ ଟ୍ରକରେ ଅଦା ବୋଝେଇ ହୋଇ ଚାଲାଣ ହୋଉଥିବା ବେଳେ ପୋଲିସ ଚଢାଉ କରିଥିଲା । ପଞ୍ଜାବ ଚାଲାଣ ହେଉଥିବା ପୋଲିସ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଟ୍ରକରେ ବିପୁଳ ପରିମାଣରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଚଢାଉ କରିଛି । ଯାଞ୍ଚ ସମୟରେ ୧ ଟନ ୧ କେଜି ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୁଲ୍ୟ ୧ କୋଟି ଟଙ୍କା ହେବ । ଗିରଫ ଅଭିଯୁକ୍ତ ଜଣକ ହେଲା ହରିୟାଣା ଚଣ୍ଡିଗଡର ଅମିନ୍ଦ୍ର ସିଂ (୩୧) । ଗିରଫ ଅଭିଯୁକ୍ତ ଜଣକ ଅମୀନ୍ଦ୍ର ସିଂ ଟ୍ରକ ମାଲିକ ଓ ଡ୍ରାଇଭର ବୋଲି ଜଣାପଡିଛି । । ଗିରଫ ଗିରଫ ଅଭିଯୁକ୍ତ ଠାରୁ ୯୩ ପ୍ୟାକେଟ ଅଦା, ଗୋଟିଏ ମୋବାଇଲ, ୬ ଚକିଆ ଟ୍ରକକୁ ପୋଲିସ କୁ ଜବତ କରିଛି । ଏହି ମାମଲାରେ ଆଉ କେତେ ଜଣ ମଧ ଜଡିତ ଅଛନ୍ତି । ସେ ମାନଙ୍କୁ ମଧ ଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୁଚନା ଦେଇଛି । ଅଭିଯୁକ୍ତ ନାମରେ ୧୩୨/୨୧ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ଉପସ୍ଥିତ ଥିଲେ ।

# ୫୫ ଜଣ ବିଚାରଧିନ କଏଦୀଙ୍କୁ କୋଭିଡ ଟିକା ପ୍ରଦାନ

ନୂଆପଡା,୧୭/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପ-କାରାଗାର ଠାରେ ଶୁକ୍ରବାର ଜେଲ ବିଚାରଧିନ କଏଦୀଙ୍କୁ କୋଭିଡ ଟିକା ପ୍ରଦାନ କରାଯାଇଛି । ଜେଲରେ ଥିବା ୫୫ ଜଣ ବିଚାରଧିନ କଏଦୀଙ୍କୁ ପ୍ରଥମ କୋଭିଡ ଟିକା ପ୍ରଦାନ କରାଯାଇଥିଲା । ଖଡିଆଳ ସ୍ୱାସ୍ଥ୍ୟ ବିଭାଗର ମହିଳା ସୁପରଭାଇଜର ଜ୍ୟୋତିର୍ମୟୀ ସେନାପତିଙ୍କ ନେତୃତ୍ୱରେ ଟିମ ଯାଇ କୋଭିଡ ଟିକା ପ୍ରଦାନ କରିଥିବା ସୂଚନା ଦେଇଛନ୍ତି । ଟିକା ଗ୍ରହଣ ପରେ ସମସ୍ତ ବିଚାରଧିନ କଏଦୀ ସୁସ୍ଥ ରହିଥିବା ଜଣାପଡିଛି ।

# ଦର ଦାମ ବୃଦ୍ଧିକୁ ନେଇ ବାଣପୁରରେ ପ୍ରତିବାଦ : କେନ୍ଦ୍ର ସରକାର ବିରୋଧରେ ବର୍ଷିଲେ କଂଗ୍ରେସ ବିଧାୟକ ସୁର

ଖୋର୍ଦ୍ଧା,୧୭/୭ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ଓଡ଼ିଶାର ସମସ୍ତ ବ୍ଲକ/ସହରାଂଚଳରେ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ସମ୍ମୁଖରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ଉପସଭାପତି ତଥା ଚିଲିକା ନିର୍ବାଚନମଣ୍ଡଳୀର ସଂଗଠକ ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଘଂଟ ବାଡେଇ ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଉଦ୍ଦେଶ୍ୟରେ ଏକ ପ୍ରତିବାଦ ସଭାର ମଧ ଆୟୋଜନ କରାଯାଇଥିଲା ।

ଏହି ପ୍ରତିବାଦ ସଭାରେ ଓଡିଶାର ପୂର୍ବତନ ମନ୍ତ୍ରୀ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନେତୃବୃନ୍ଦ ଯୋଗଦେଇଥିଲେ । ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଲାଗି ସୁରେଶ ରାଉତରାୟ ଏବଂ ପ୍ରଦୀପ କୁମାର ସ୍ୱାଇଁ ସିଧାସଳଖ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରବଳ ବର୍ଷିଥିଲେ ।

ପ୍ରତିବାଦ ସଭା ପରେ ସୁରେଶ ରାଉତରାୟଙ୍କ ନେତୃତ୍ୱରେ କୋଭିଡ କଟକଣା ଅନୁଯାୟୀ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହା ବାଣପୁର ବ୍ଲକ ସମ୍ମୁଖରୁ ବାହାରି ନଗର ପରିକ୍ରମା କରି ବିଶରପାଟଣା ଛକ ପର୍ଯ୍ୟନ୍ତ ଯାଇଥିଲା । ତେବେ ସୁରେଶ ରାଉତରାୟଙ୍କୁ ଦେଖିବା ପାଇଁ ଜନସାଧାରଣଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ବାଣପୁର ଆଇଆଇସିଙ୍କ ତତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

# କଠୋର ଜନସଂଖ୍ୟା ସମାଧାନ ଆଇନ ଆଣିବାପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ର

କନ୍ଧମାଳ,୧୭/୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଜନସଂଖ୍ୟା ଫାଉଣ୍ଡେସନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲାପାଳଙ୍କୁ ଭାରତବର୍ଷରେ ଏକ ସଶକ୍ତ ଓ କଠୋର ଜନସଂଖ୍ୟା ଆଇନ ସଂସଦରେ ପ୍ରଣୟନ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଯେଉଁ ଦେଶଗୁଡିକରେ ଜନସଂଖ୍ୟାର ସଠିକ ସନ୍ତୁଳନ ରହିଛି ସେହି ଦେଶମାନେ ସବୁ ଦିଗରେ ଯଥେଷ୍ଟ ଆଗୁଆ ଅଛନ୍ତି । ପରିବେଶ ସନ୍ତୁଳନଠାରୁ ଆରମ୍ଭ କରି ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରେ ଅଗ୍ରଗତି ସମେତ ଶିକ୍ଷା,ଚିକିତ୍ସା,ବିଜ୍ଞାନ ଏବଂ କ୍ରୀଡା କ୍ଷେତ୍ରରେ ମଧ୍ୟ ସେ ସବୁ ଦେଶ ଗୁଡିକ ବିକାଶ କରିବା ସହିତ ପୃଥିବୀରେ ଯଥେଷ୍ଟ ଆଗୁଆ ହୋଇ ଆସିଛନ୍ତି । ଏହାସହିତ ସେହି ଦେଶ ଗୁଡିକରେ ବେକାରୀ ସମସ୍ୟା, ଆଇନଶୃଙ୍ଖଳା ପରିସ୍ଥିତିରେ ମଧ୍ୟ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଦେଶ ଗୁଡିକ ଅତ୍ୟନ୍ତ ନିୟନ୍ତ୍ରିତ ଓ ଶୃଙ୍ଖଳିତ ଭାବରେ ରହିଛନ୍ତି । ଭାରତ ସ୍ୱାଧିନ ହେବା ସମୟରେ ଦେଶର ଜନସଂଖ୍ୟ ୩୬ କୋଟି ଥିବାବେଳେ ବର୍ତମାନ ତାହା ୧୪୦ କୋଟିରୁ ଅଧିକ ହୋଇ ସାରିଲାଣି । ପ୍ରତି ମିନିଟରେ ୫୧ ଜଣ ଶିଶୁଙ୍କୁ ଜନ୍ମ ଦେଉଥିବା ଭାରତ ବର୍ଷ ବର୍ତମାନ ଭ୍ୟଙ୍କର ଜନସଂଖ୍ୟା ବିସ୍ଫୋଟକ ସ୍ଥିତିରେ ଗତି କରୁଛି । ଭାରତରେ ମାତ୍ର ୨.୪ ପ୍ରତିଶତ ସ୍ଥଳ ଭାଗ ରହିଥିବାବେଳେ ପ୍ରତ୍ୟେକ ବର୍ଗ କିଲୋମିଟରରେ ପୃଥିବୀର ସର୍ବାଧିକ ୪୧୧ ଜଣ ଲୋକ ଭାରତରେ ରହିଛନ୍ତି । ବେକାରୀ ସମସ୍ୟାରେ ମଧ୍ୟ ଭାରତ ସର୍ବୋଚ୍ଚ ସ୍ଥାନରେ ରହିଛି । ସମଗ୍ର ପୃଥିବୀରେ ମାତ୍ର ୫.୭ ପ୍ରତିଶତ ବେକାର ଥିବା ବେଳେ ଭାରତରେ ବେକାର ସଂଖ୍ୟା ସର୍ବୋଚ୍ଚ ୨୩ ପ୍ରତିଶତରେ ପହଂଚିଛି । ସେହିଭଳି ଅତ୍ୟଧିକ ଜନସଂଖ୍ୟା କାରଣରୁ ଭାରତରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ତେଣୁ ଅସନ୍ତୁଳିତ ଜନସଂଖ୍ୟା କେବଳ ଆମ ଦେଶର ଭାବିଷ୍ୟତ ପାଇଁ ଦେବେଗ ଜନକ ତାହା ନୁହେଁ ଭାରତୀୟ ସଂସ୍କୃତି ,ଅସ୍ମିତା ତଥା ଇତିହାସ ଏବଂ ଗୌରବମୟ ପରମ୍ପରା ତଥା ଭବିଷ୍ୟତ ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି । ଭାରତରେ ସାମ୍ପ୍ରଦାୟୀକ ଦଙ୍ଗାଠାରୁ ଆରମ୍ଭ କରି ଆତଙ୍କବାଦୀ ଆକ୍ରମଣ ପର୍ଯ୍ୟନ୍ତ ଏହି ସବୁର ମୁଳ କାରଣ ହେଉଛି ବୃଦ୍ଧି ହେଉଥିବା ଏହି ଅସନ୍ତୁଳିତ ଜନସଂଖ୍ୟା । ଏହି ସବୁ ସମସ୍ୟା ଗୁଡିକର ଏକାମାତ୍ର ସମାଧାନ ହେଉଛି ବର୍ଦ୍ଧିତ ଜନସଂଖ୍ୟା ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲଗାଯିବା । ଚୀନ ଭଳି ସଶକ୍ତ ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଅଣି ପ୍ରଥମେ ଦେଶରେ ଜନସଂଖ୍ୟାକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ରହିଛି । ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଂସଦରେ କଠୋର ଆଇନ ଆଣି ଦେଶର ସମସ୍ତ ନାଗରିକ ମାନଙ୍କ ପାଇଁ ସର୍ବାଧିକ ୨ ଟି ସନ୍ତାନରୁ ଅଧିକ ସନ୍ତାନ ଜନ୍ମ ଦେଲେ ସେମାନଙ୍କ ପାଇଁ ଦୃଷ୍ଟାନ୍ତ ମୁଳକ ଏବଂ କଠୋ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିବା ସହିତ ଏଥିପାଇଁ ଦେଶରେ ରହିଥିବା ଆଇନର ସମସ୍ତ ଗଳାବାଟ ମଧ୍ୟ ବନ୍ଦ କରିବାଭଳି ଆଇନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ଉଲ୍ଲେଖ କରାଯାଇଛି ଏହି ସ୍ମାରକ ପତ୍ରରେ । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଫାଉଣ୍ଡେସନର ସଦସ୍ୟ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ରାଜକିଶୋର ବେହେରା, ସମାଜସେବୀ ମନୋଜ କୁମାର ଚୌଧୁରୀ,ଉମେଶ ପ୍ରସାଦ ପାତ୍ର,ପ୍ରଶନ୍ନ ସାହାଣୀ,ସଚିଦାନନ୍ଦ ପଟ୍ଟନାୟକ,ବିଜୟ ମହାନ୍ତି ଏବଂ ପ୍ରମୋଦ କୁମାର ସାହୁ ପ୍ରମୁଖ ଏହି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଧର୍ମଶାଳା,୧୭/୭ (ନି.ପ୍ର): କରୋନା ମହାମାରୀ ସମୟରେ ଲକ୍ ଡାଉନ ଓ ସଟ୍ ଡାଉନ ଚାଲିଛି । ଠିକ୍ ଏହି ସମୟରେ ବିଭିନ୍ନ ଅଂଳରେ ଚୋରୀ ହେବା ଘଟଣାକୁ ନେଇ ଜନସାଧାରଣ ଏବେ ଭୟଭିତ ହୋଇପଡିଛନ୍ତି । ଗତ କାଲି ଦୃବୃତମାନେ ଘରେ କଳାକନା ବୁଲାଇଛନ୍ତି । ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତସ୍ଥ ବାଙ୍କସାହି ଗ୍ରାମରେ ଘରେ ତାଲା ଭାଙ୍ଗି ଦୃବୃତମାନେ ସୁନା ଗହଣା ସହ ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି । ଗତ କାଲି ବିଳମ୍ବିତ ରାତିରେ ବାଙ୍କସାହି ଗ୍ରାମର ବିଦ୍ୟାଧର ସାହୁଙ୍କ ପରିବାର ଲୋକେ ଘରେ ଖାଇ ପିଇ ଶୋଇଥିଲେ । ଅନ୍ୟ ଏକ ଘରେ କହି ନଥିବାର ସୁଯୋଗ ନେଇ ଦୃବୃତମାନେ ଘରର ତାଲା ଭାଙ୍ଗି ଘର ଭିତରେ ଥିବା ଏକ ଲୁହା ଶବଳରେ ଷ୍ଟିଲ ଆଲମିରାକୁ ଭାଙ୍ଗି ତାହା ଭିତରେ ଥିବା ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ହାର, ୪ଗୋଟି ମୁଦି ସହ ୨୦ହଜାର ଟଙ୍କା ଲୁଟ କରି ନେଇ ଯାଇଛନ୍ତି । ରାତିରେ ଘର ଲୋକେ ନିତ୍ୟକ୍ରମ ପାଇଁ ଉଠିଥିବା ବେଳେ ଘରର କବାଟ ଖୋଲା ଯାଇଥିବା ଦେଖିବାକୁ ପାଇଥିଲେ । ହେଲେ ବହୁ ଖୋଜା ଖୋଜି କରିବା ପରେ କାହାରି ସନ୍ଧାନ ପାଇ ନ ଥିଲେ । କେବଳ ଘଟଣାରେ ବ୍ୟବହୃତ ଏକ ଶାବଳ ପାଇଥିଲେ । ଏନେଇ ବ୍ରହ୍ମବରଦା ଫାଣ୍ଡିରେ ବିଦ୍ୟାଧରଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଜୁଲାଇ, ୨୦୨୧
email : rabibarachayan2015@gmail.com

# ରବିବାର ଚୟନ




......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୩୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଆପଣ ଆସନ୍ତୁ, ମୁଁ ଆପଣଙ୍କ ସକାଶେ ସୁବିଧାଜନକ ସ୍ଥାନ କରିଦେବି।" ଏଥର ବୃଦ୍ଧ ଉତ୍ତର ଦେଲେ ଓ ଆମ୍ଭଦୁହିଁଙ୍କୁ ଓ ସେହି କୃଷ୍ଣକାୟ ବ୍ୟକ୍ତିକୁ ଦେଖାଇ କହିଲେ, "ଏମାନେ ଯେ ଏଠାରେ ବସିଛନ୍ତି, ଏମାନଙ୍କ ମଧ୍ୟରୁ କିଏ ଇଉରୋପୀୟ ?" ଷ୍ଟେସନମାଷ୍ଟର କହିଲେ, "ତାହା ନୁହେଁ ଯେ, ଇଉରୋପୀୟ ନହେଲେ ମଧ ଭାରତବାସୀ ଇଉରୋପୀୟ ପୋଷାକ ପିନ୍ଧିଲେ ଏହି ଡବାରେ ବସିପାରିବେ। ଆପଣ ଚାଲି ଆସନ୍ତୁ।" ତତ୍ପରେ ଉଚ୍ଚହାସ୍ୟ କରି ବୃଦ୍ଧ କହିଲେ, "ଓଃ! ଏହି କଥା; ଦେଖନ୍ତୁ ମୁଁ ଏହିକ୍ଷଣି ଇଉରୋପୀୟ ହେଉଛି।" ଏହା କହି ତାଙ୍କ ବାକ୍ସରୁ ଖଣ୍ଡେ ପେଣ୍ଟ କାଢ଼ି ପକାଇଲେ ଓ ଷ୍ଟେସନମାଷ୍ଟରଙ୍କ ସମ୍ମୁଖରେ ତହିଁରେ ଦୁଇଗୋଡ଼ ଗଳାଇଦେଇ, ଡବାରେ ଛିଡ଼ାହୋଇ ପଡ଼ିଲେ ଓ ଦାଢ଼ିହଲାଇ ଓ ପାକୁଆପାଟି ବୁଲାଇଇ ବିଦ୍ରୂପାତ୍ମକ ସ୍ୱରରେ କହିଲେ, "Let me see, who the devil there is to turn me out of this compartment" (ଦେଖେଁ, କେଉଁ ପାଷାଣ୍ଡ ମୋତେ ଏହି ଡବାରୁ ବାହାର କରିଦେବ!) ଷ୍ଟେସନ୍ ମାଷ୍ଟର ନିର୍ବାକ ହୋଇ ହସି ହସି ଚାଲିଗଲେ। ଗାଡ଼ିର ବଂଶୀଧ୍ୱନି ଆରମ୍ଭ ହେଲା। କୃଷ୍ଣକାୟ ବ୍ୟକ୍ତିଟି ନିର୍ବାକ ହୋଇ କିଂକର୍ତ୍ତବ୍ୟବିମୂଢ଼ ତୁଲ୍ୟ ପ୍ଲାଟ୍‌ଫର୍ମରେ ଛିଡ଼ାହୋଇ ରହିଲେ। ବୃଦ୍ଧ ତାକୁ ଡାକିଲେ, "Come here my kalamanik, my black berry" (କଳାମାଣିକ, ଜାମୁକୋଳି ଆସ)। ମନ୍ତ୍ରମୁଗ୍ଧବତ୍ ସେ ସେଠାରେ ଦଣ୍ଡାୟମାନ ହୋଇ ରହିଥାଏ। ଗାଡ଼ି ଚାଲିବାକୁ ଲାଗିଲା। ବୃଦ୍ଧ ତାହାର ବିଛଣା, ବାକ୍ସ ଆଦି ଯାହା ଥିଲା ତାହା ଝରକା ଦେଇ ପ୍ଲାଟ୍‌ଫର୍ମକୁ ଫୋପାଡ଼ି ଦେଲେ ଆମ୍ଭେ ଦୁହେଁ ହସି ହସି ଅସ୍ଥିର। କୃଷ୍ଣବର୍ଣ୍ଣ ବ୍ୟକ୍ତିଟି ଆଉ ଆସିପାରିଲା ନାହିଁ।

ଗାଡ଼ି ଚାଲିଲା। ଗୋଟିଏ ପରେ ଗୋଟିଏ ଷ୍ଟେସନ୍ ପାର୍ ହୋଇଗଲା। ଆସାନ୍‌ସୋଲ୍ ଷ୍ଟେସନ୍‌ରେ ଆମ୍ଭେ ଦୁହେଁ ଗାଡ଼ି ପରିବର୍ତ୍ତନ କରି ଚକ୍ରଧରପୁର ଆଡ଼କୁ ଆସିଲୁଁ ।

ବୃଦ୍ଧ ଗାଡ଼ିରେ ନାନାପ୍ରକାର କଥା କହି କେବଳ ହସାଇବାକୁ ଲାଗିଲେ। ତାଙ୍କ ଗଳ୍ପସ୍ରୋତ ଅବିରୋଳ ଭାବରେ ଗାଡ଼ି ସଙ୍ଗେ ଚାଲିଥାଏ। ହସି ହସି ଆମ୍ଭ ଦୁହିଁଙ୍କ ପେଟ ଫାଟିବା ଉପରେ।

ଆସାନ୍‌ସୋଲ୍ ଷ୍ଟେସନ୍ ପହଞ୍ଚିବାକୁ ଦୁଇ ତିନୋଟି ଷ୍ଟେସନ୍ ବାକି ଅଛି, ମୁଁ ବୃଦ୍ଧଙ୍କୁ ତାଙ୍କ ପରିଚୟ ପଚାରିଲି। ସେ ଯଥାର୍ଥ ଉତ୍ତର ନଦେଇ କେବଳ କଥା ବାଆଁରେଇବାକୁ ଲାଗିଲେ। ଆସାନ୍‌ସୋଲ୍ ପହୁଞ୍ଚିବା ଉପରେ। ମୁଁ ତାଙ୍କୁ ଧରି ବସିଲି, "ଦେଖନ୍ତୁ, ମୋର ସନ୍ଦେହ, ଆପଣ ଜଣେ ସାମାନ୍ୟ ବ୍ୟକ୍ତି ନୁହଁନ୍ତି ? ନିଶ୍ଚୟ କୌଣସି ବିଶିଷ୍ଟ ବ୍ୟକ୍ତି। ଆପଣଙ୍କ ପରିଚୟ ଦିଅନ୍ତୁ । ମୁଁ ଦୂରଦେଶରେ ସରକାରୀ କାର୍ଯ୍ୟରେ ଅଛି । ଅଳ୍ପ ଦିନର ଛୁଟି ନେଇ ଘରକୁ ଯାଉଛି। ଘରକୁ ପଛେ ନଯିବି, ଆପଣ ନିଜ ପରିଚୟ ନଦେଲେ ଆପଣଙ୍କ ସଙ୍ଗେ ସଙ୍ଗେ ଆପଣଙ୍କ ଅନ୍ତିମ ଗନ୍ତବ୍ୟ ସ୍ଥାନ ପର୍ଯ୍ୟନ୍ତ ଯିବି! ତାହା ବାଦେ ଆପଣ ଯାଆନ୍ତୁ।" ଏସବୁ ବଙ୍ଗଳା ଭାଷାରେ ହେଉଥାଏ। ତତ୍ପରେ ବୃଦ୍ଧ ନିତାନ୍ତ ବ୍ୟସ୍ତ ଭାବରେ କହିଲେ, "ଛୋକ୍‌ରା! ତା ହେଲେ ଦେଖୁଛି, ତୁମି ଛାଡ଼୍‌ବେ ନା"। ବୃଦ୍ଧ ତାଙ୍କ ଗୋଟିଏ ଛୋଟ ବାକ୍ସ ମୋ ଆଡ଼କୁ ଲେଉଟାଇ ଦେଲେ। ତାହା ଉପରେ ଧଳା ଅକ୍ଷରରେ ଛାପ ହୋଇଛି- I.C.S. (ନାମ ମନେ ହେଉନାହିଁ) ଆମ୍ଭେ ଦୁହେଁ ଚକ୍ଷୁ ସ୍ଥିର । ପୁଣି ବୃଦ୍ଧଙ୍କୁ ମୁଁ ଧରି ବସିଲି। ତତ୍‌କ୍ଷଣାତ୍ ତାହାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା। କଥା କହିବାକୁ ଚେଷ୍ଟାକଲେ। ବାକ୍‌ସ୍ଫୂର୍ତ୍ତି ହେଲାନାହିଁ । କ୍ରମେ ଦୁଇଚକ୍ଷୁରୁ ଅଶ୍ରୁବର୍ଷଣ ହେବାକୁ ଲାଗିଲା। ଆମ୍ଭେମାନେ ସ୍ତମ୍ଭିତ। ଧୈର୍ଯ୍ୟ ପୁନରାନୟନ ପୂର୍ବକ କହିଲେ, "ମୁଁ ଅବସରପ୍ରାପ୍ତ ଜିଲ୍ଲା ଜଜ୍ । ଚାକିରିରୁ ଅବସର ନେବା ମୋର ଦଶବର୍ଷ ହୋଇଗଲାଣି। ଏକମାତ୍ର ପୁତ୍ର I.C.S. ଥିଲା। ପାଞ୍ଚବର୍ଷ ପୂର୍ବେ ତାହାର ମୃତ୍ୟୁ ହୋଇଗଲା । ମୋ ଘର ଢାକାରେ। ସେଠାରେ ମୋର ଏକମାତ୍ର ସମ୍ବଳ, ବିଧବା ପୁତ୍ରବଧୂ ଅଛି। ପୁତ୍ରର ମୃତ୍ୟୁ ପରେ ମୁଁ ବୃନ୍ଦାବନବାସୀ ହୋଇ ସନ୍ନ୍ୟାସ ଜୀବନଯାପନ କରୁଅଛି। ବିଧବା ପୁତ୍ରବଧୂକୁ ଆଣିବାକୁ ଯାଉଛି।

ଗାଡ଼ି ଷ୍ଟେସନ୍‌ରେ ପହଞ୍ଚିଲା। ତାଙ୍କୁ ସମବେଦନା ଜଣାଇ ଆମ୍ଭେମାନେ ଗାଡ଼ି ତ୍ୟାଗକଲୁଁ ।

୧୯୧୬ ମସିହା ଏପ୍ରିଲ୍ ମାସରେ ବନ୍ଦୋବସ୍ତ କାର୍ଯ୍ୟ କେତେକ ମାସ ପାଇଁ ସ୍ଥଗିତ ହେଲା ଓ ମୁଁ ରାଞ୍ଚିରେ ଛଅସାତ ମାସ ସକାଶେ ଅବସ୍ଥାପିତ ହେଲି। ମୋତେ କାର୍ଯ୍ୟ ଦିଆହେଲା। ଚୌକିଦାରୀ କର ସଂଶୋଧନ । ଏହି ସମ୍ବନ୍ଧରେ ମୋତେ ପ୍ରାୟ ମଫସଲରେ ବୁଲିବାକୁ ହେଉଥିଲା । ରେଳପଥ ସେତେବେଳେ ରାଞ୍ଚିରୁ ଲୋହାରଡ଼ଗା ପର୍ଯ୍ୟନ୍ତ ୫୦ ମାଇଲ ଥିଲା । ଅନ୍ୟ ଅଞ୍ଚଳକୁ ପକ୍କା ସଡ଼କ, ଉଚ୍ଚନୀଚନ୍ତ କେତେକ ସ୍ଥାନ ଏତେ ଦୁର୍ଗମ ଯେ ଡୋଲିରେ ବୁହାହୋଇ ଯିବାକୁ ହେଉଥିଲା।

ରାଞ୍ଚି ବିହାର ଓଡ଼ିଶା ସରକାରଙ୍କ ଗ୍ରୀଷ୍ମକାଳୀନ ରାଜଧାନୀ। ସମୁଦ୍ରପତ୍ତନରୁ ୨୭୦୦ ଫୁଟ ଉଚ୍ଚରେ ଥିବାରୁ ଗ୍ରୀଷ୍ମକାଳୀନ ତାପ ଅନୁଭୂତ ହୁଏନାହିଁ। ଜଳବାୟୁ ସ୍ୱାସ୍ଥ୍ୟକର, ଅଧିବାସୀ କୋହ୍ଲ, ଜମିଦାର ଓ ବ୍ୟବସାୟୀମାନେ ହିନ୍ଦୁ। ଇଉରୋପୀୟ ପାଦ୍ରୀମାନେ ରହି ଆଦିବାସୀ ମୁଣ୍ଡା ଓରାଓଁଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରି ସେମାନଙ୍କ ମଧ୍ୟରେ ଆଧୁନିକ ଶିକ୍ଷା ବିସ୍ତାର କରିଥିଲେ। ରାଞ୍ଚିରେ ଏହି ପାଦ୍ରୀମାନଙ୍କ ପ୍ରଭାବ ଅତ୍ୟଧିକ ଥିଲା। ଏତେ ହୋଇ ସୁଦ୍ଧା ରାଞ୍ଚିରୁ ଦୁଇତିନି ମାଇଲ ବାହାରକୁ ବାହାରିଲେ ବୟସ ନିର୍ବିଶେଷରେ କୋହ୍ଲ ସ୍ତ୍ରୀମାନଙ୍କୁ ଉଲଗ୍ନ ଅବସ୍ଥାରେ ଦେଖିବାକୁ ମିଳୁଥିଲା। ମଦ ନିଶାରେ କୋହ୍ଲମାନେ ମସ୍‌ଗୁଲ୍।

ଦିନକର ଅନୁଭୂତି। ମଫସଲ ଗସ୍ତରେ ଯାଇ ସେହିଦିନ ମୋତେ ଗୋଟିଏ ଡାକବଙ୍ଗଳାରେ ରହିବାକୁ ହୋଇଥିଲା। ଚୌକିଦାରୀ କର ସଂଶୋଧନ ସମ୍ବନ୍ଧରେ ତଦନ୍ତରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ । ଡାକବଙ୍ଗଳା ଗୋଟିଏ ଉଚ୍ଚଭୂମି ଉପରେ ଅବସ୍ଥିତ ଏବଂ ତାହାର ଚତୁର୍ଦ୍ଦିଗରେ ଗ୍ରାମ ନିକଟସ୍ଥ ଚାଷଜମି ଓ ଖରାଦିନ ଚାଷ ଜମିରୁ ଫସଲ ଉଠିଯାଇଅଛି । ଦେଖିଲି ଅନତିଦୂରରେ ଜଣେ ଲୋକ ଜମିଉପରେ ଦୌଡୁଛି ଓ ସ୍ଥାନେ ସ୍ଥାନେ ବସୁଛି। ପୁଣି ଉଠି ଦୌଡୁଛି ଓ ମଧ୍ୟରେ ମଧ୍ୟରେ ବିକଟ ଚିତ୍କାର କରୁଛି। ତାହାର ଚିତ୍କାରରେ ମୋର କାର୍ଯ୍ୟରେ କିଞ୍ଚିତ୍ ବ୍ୟାଘାତ ହେବାକୁ ଲାଗିଲା । ସେହିଗ୍ରାମର ଜମିଦାର ସେଠାରେ ଉପସ୍ଥିତ ଥିଲେ । ଉପସ୍ଥିତ ଲୋକଙ୍କ ମଧ୍ୟରୁ କେହି କେହି ତାହା ନିକଟକୁ ଯିବାକୁ ଲାଗିଲେ। ସେ ଲୋକଟା କିଏ ବୋଲି ପଚାରିବାରୁ ଜମିଦାର କହିଲେ, "ଆସନ୍ତୁ ଏହି ଲୋକଟି ଦେଖିବା ଯୋଗ୍ୟ"। ଏହା କହି ସେ ମୋର ହାତଧରି ତାହା ନିକଟକୁ ଟାଣି ନେଇଗଲେ। ତାହା ପାଖକୁ ଯାଇ ଦେଖିଲି, ଯେଉଁ ସ୍ଥାନରେ ବସିଛି ସେ ବିଷ୍ଠା ଖାଉଛି। ତାହା ସମ୍ବନ୍ଧରେ ଜମିଦାରଙ୍କଠାରୁ ଯାହା ଶୁଣିଲି, ତାହା ମୋର ବିସ୍ମୟର ସୀମାତୀତ ଓ ଅତ୍ୟନ୍ତ ଶିକ୍ଷଣୀୟ । ସେ କହିଲେ, ସେହି ଲୋକଟି ଜଣେ ପୋଲିସ୍ ଇନ୍‌ସପେକ୍ଟର ଥିଲା। ଚୋରି, ଡକାୟତି, ଜାଲ, ପର ସ୍ତ୍ରୀ ଅପହରଣ ପ୍ରଭୃତି ସମ୍ଭବ ଅସମ୍ଭବ, ଏପରି କୌଣସି ପାପ ନାହିଁ ଯାହା ତାହାର ପୋଲିସ ଜୀବନରେ ସେ କରିନଥିଲା । ବିଗତ ପାଞ୍ଚବର୍ଷ ମଧ୍ୟରେ ତାହାର ସ୍ତ୍ରୀ, ପାଞ୍ଚ ପୁତ୍ରକନ୍ୟା ସମସ୍ତେ ଅକାଳରେ ମୃତ୍ୟୁମୁଖରେ ଚାଲିଗଲେ। ତତ୍ପରେ ସେ ପାଗଳ ହେଲା ଓ ଗତ ଦୁଇବର୍ଷ ହେଲା ବିଷ୍ଠାହାର ତାହାର ଜୀବନର ସମ୍ବଳ ହୋଇଅଛି। ସ୍ୱର୍ଗ ଓ ନରକ ବୋଲି କୌଣସି ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ସ୍ଥାନରେ ନାହିଁ। ଏହି ଜୀବନରେ ମନୁଷ୍ୟ ସ୍ୱୋପାର୍ଜ୍ଜିତ କର୍ମଫଳ ଭୋଗ ସ୍ୱରୂପ ସ୍ୱର୍ଗ ବା ନରକବାସ ଭୋଗକରେ। ଏହି ପୋଲିସ ଇନ୍‌ସପେକ୍ଟର ଏହାର ପ୍ରତ୍ୟକ୍ଷ ନିଦର୍ଶନ।

ରାଞ୍ଚିରେ ଛଅସାତ ମାସ ରହି ପୁଣି ମୋତେ ବିହାରକୁ ବନ୍ଦୋବସ୍ତ କାର୍ଯ୍ୟରେ ଯିବାକୁ ହେଉଥିଲା। ବିହାରର ସୁବିସ୍ତୀର୍ଣ୍ଣ ଆମ୍ରୋଦ୍ୟାନ ମଧ୍ୟରେ ତମ୍ବୁରେ ଅବସ୍ଥାନ ଓ ପ୍ରଭୂତ ଶସ୍ୟପୂର୍ଣ୍ଣ କ୍ଷେତ୍ର ମଧ୍ୟରେ ସ୍ୱଚ୍ଛନ୍ଦ ବିଚରଣ କଠିନ କାର୍ଯ୍ୟ ମଧ୍ୟରେ ସୁଦ୍ଧା ଅତ୍ୟନ୍ତ ଉପଭୋଗ୍ୟ ହେଉଥିଲା । ଆମ୍ଭେମାନେ ଯେତେ ଓଡ଼ିଆ ହାକିମ ଥିଲୁଁ ସମସ୍ତେ ଲୋକପ୍ରିୟ ହୋଇଥିଲୁ। ଏହାହିଁ ପରିଶ୍ରମର ସୁଫଳ ବୋଲି ମନେ ହେଉଥିଲା । (କ୍ରମଶଃ)

# ପର୍ଦ୍ଦା ପଛର କଥା -୪



ଭାଗ-୧୦

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

## 'ଚକ୍ରବ୍ୟୂହ'ରୁ 'ଭାଇ ଭାଇ' (୩)

ଯାତ୍ରାର ପ୍ରାରମ୍ଭରେ ଝୁଣ୍ଟିବା ଓ ରକ୍ତାକ୍ତ ହେବାରେ ମନରେ ଆଶଂକା ଉପୁଜିବା ସ୍ୱଭାବିକ୍ । 'ଚକ୍ରବ୍ୟୂହ' ନିମନ୍ତେ ମୁଁ ବହୁତ ପରିଶ୍ରମ କରିଥିଲି । ଆମ ସମସ୍ତଙ୍କ ଉଦ୍ୟମରେ 'ଚକ୍ରବ୍ୟୂହ' ଏକ ବଳିଷ୍ଠ ସ୍କ୍ରିପ୍ଟ ଥିଲା ଏବଂ ଏହାର ସଂଗୀତ ଖୁବ୍ ମନଛୁଆଁ ଥିଲା । ମୁଁ, ସରୋଜ ନନ୍ଦ ଆମେ ସମସ୍ତେ ଆମର ଓଲିଉଡ୍ ସ୍ଥିତି ମଜବୁତ୍ କରିବା ନିମନ୍ତେ ଜାନ୍ ଲଗେଇ ଦେଇଥିଲୁ ଯେପରି । କିନ୍ତୁ ବିଭିନ୍ନ କାରଣରୁ ଚଳଚ୍ଚିତ୍ରଟି ଫ୍ଲୋରକୁ ଆସିପାରିଲା ନାହିଁ । ପ୍ରତିଶ୍ରୁତି ଦେଇଥିବା ବନ୍ଧୁମାନେ ଦୂରେଇଗଲେ । ସ୍କ୍ରିପ୍ଟିଂ ଓ ବ୍ୟୟବହୁଳ ମ୍ୟୁଜିକ୍ ରେକର୍ଡିଂରେ ପ୍ରଦ୍ୟୁମ୍ନ ଦାଶ ଆର୍ଥିକ ଭାବରେ ଭାଙ୍ଗି ପଡ଼ିଥିଲେ । ଅନେକ ଦିନ ଯାଏ ସେ ସ୍କ୍ରିପ୍ଟ ମୋ ପାଖରେ ଥିଲା । ମୁଁ ସେ ସ୍କ୍ରିପ୍ଟରେ ଖୁବ୍ ଆତ୍ମ ସନ୍ତୋଷ ଲାଭ କରିଥିଲି ।

'ଚକ୍ରବ୍ୟୂହ'ର ଗୀତ ରେକର୍ଡିଂ ସମୟରେ ଆଉ ଗୋଟିଏ ଚଳଚ୍ଚିତ୍ର ଗୀତ ଲେଖିବାର ସୁଯୋଗ ଆସିଲା । କଳାନିର୍ଦ୍ଦେଶକ ବୁଢ଼ା ମହାରଣା ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇବା ନିମନ୍ତେ ଅଣ୍ଟା ଭିଡ଼ିଥାନ୍ତି । ବୁଢ଼ା ଭାଇ ଶିଶୁପାଳଗଡ଼ ହାଉସିଂ କଲୋନୀରେ ରହୁଥାନ୍ତି । ବନ୍ଧୁ ନିର୍ଦ୍ଦେଶକ ପଙ୍କଜ ପାଣି ମତେ ବୁଢ଼ା ଭାଇଙ୍କ ସାଥିରେ ପରିଚିତ କରାଇଦେଲେ । ପଙ୍କଜ ପାଣି 'ଆକାଶର ଆଖି' ଓ 'ଶ୍ରଦ୍ଧାଞ୍ଜଳି' ଚିତ୍ରର ନିର୍ଦ୍ଦେଶନା ଦେଇ ବସିଥାନ୍ତି ଓ ଅନ୍ୟ ଏକ ଚଳଚ୍ଚିତ୍ରର କାହାଣୀ ସନ୍ଧାନରେ ଥାନ୍ତି । ଓଡ଼ିଆ ଫିଲ୍ମ ଜଗତ ସହ ସଂପୃକ୍ତ ପୁରୁଣା ବ୍ୟକ୍ତିମାନେ କହିବେ କାହାଣୀ ଶୁଣାଇବାରେ ବୁଢ଼ା ମହାରଣା ମାହିର୍ । ତାଙ୍କଠୁ କାହାଣୀ ଶୁଣିଲେ ଚଳଚ୍ଚିତ୍ର ଦେଖିବା ଭଳି ଲାଗେ । ସାଉଥ୍ ଇଣ୍ଡଷ୍ଟ୍ରି ସହ ବୁଢ଼ା ମହାରଣାଙ୍କ ସଂପର୍କ ଥିଲା ଗଭୀର । ଅନେକ ସାଉଥ ଚଳଚ୍ଚିତ୍ରର କାହାଣୀକୁ ଓଡ଼ିଆରେ ବନେଇ ଚୁନେଇ କହିବା ତାଙ୍କର ବିଶେଷତ୍ୱ । ଖାସ୍ ସେଇଥିପାଇଁ ବୁଢ଼ା ଭାଇଙ୍କ ଘରେ ପ୍ରାୟ ପ୍ରତ୍ୟେକ ଦିନ ଓଡ଼ିଆ ଚଳଚ୍ଚିତ୍ରର ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନଙ୍କର ବୈଠକ ବସୁଥିଲା । ହସହସ ମୁହଁରେ ସମସ୍ତଙ୍କୁ ସେ ସ୍ୱାଗତ କରୁଥିଲେ ।

ଅଧୁନା ଓଡ଼ିଆ ଚଳଚ୍ଚିତ୍ରରେ ରିମେକ୍‌ର ଧାରା ଉପରେ ବହୁ ସମାଲୋଚନା ହେଉଛି । ମୌଳିକ କାହାଣୀ ଆଧାରରେ ଚଳଚ୍ଚିତ୍ର ନକରି ସାଉଥ୍ କାହାଣୀକୁ ସିଧାସଳଖ କପି ପେଷ୍ଟ କରାଯାଉ ଥିବାର ଅଭିଯୋଗମାନ ଉଠୁଛି । ତେବେ ଓଡ଼ିଆ ଫିଲ୍ମ ଦୁନିଆରେ ରିମେକ୍‌ର ଧାରା ନୂତନ ନୁହେଁ । ସତୁରୀ ଅଶୀ ଦଶକରେ ଅନେକ ଗୁଡ଼ିଏ ରିମେକ୍ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଥିଲା । ପୁନର୍ମିଳନ (୧୯୭୭), ଏ ନୁହେଁ କାହାଣୀ ପ୍ରଭୃତି ଦକ୍ଷିଣ ଭାରତୀୟ ନିର୍ଦ୍ଦେଶକମାନଙ୍କର ଛବି ବେଶ ଲୋକପ୍ରିୟ ହୋଇ ପାରିଥିଲା । ତେବେ ବୁଢ଼ା ମହାରଣା ପରବର୍ତ୍ତୀ କାଳରେ ଦକ୍ଷିଣ ଭାରତୀୟ ଷ୍ଟୋରି ଲାଇନ୍‌ର ରିମେକ୍ କରିବାରେ ପ୍ରମୁଖ ଭୂମିକା ନେଇଥିଲେ । ରବିନ୍ଦ୍ର ସାହୁଙ୍କ ପ୍ରଯୋଜିତ ବିଜୟ ଭାସ୍କରଙ୍କ ନିର୍ଦ୍ଦେଶିତ 'ନାଗପଞ୍ଚମୀ' (୧୯୯୨) ଓଡିଶାରେ ସୁପର ଡୁପର ହିଟ୍ ସାବ୍ୟସ୍ତ ହେଲା । ସେହି ଦିନ ଠାରୁ ଓଡ଼ିଶାର ବିଶିଷ୍ଟ ପ୍ରଯୋଜକମାନେ ରିମେକ୍ ପ୍ରତି ଆଗ୍ରହ ପ୍ରକାଶ କଲେ ।

ତେବେ ବୁଢ଼ା ମହାରଣାଙ୍କ ଚଳଚ୍ଚିତ୍ର ଦୁନିଆରେ ଅଭିଜ୍ଞତା ତାଙ୍କୁ ନିର୍ଦ୍ଦେଶକ ଭୂମିକା ତୁଲାଇବା ପାଇଁ ଅନୁପ୍ରେରିତ କଲା । ପିପିଲିର ପ୍ରଯୋଜକ ରବି ସ୍ୱାଇଁ ମଧ ପ୍ରଥମ କରି ଚଳଚ୍ଚିତ୍ର ଜଗତରେ ପାଦ ଥାପି ବେଶ୍ ସଫଳ ହୋଇ ପାରିଥିଲେ । ବୁଢ଼ା ମହାରଣା ତାଙ୍କୁ ସହଯୋଗ କରୁଥିଲେ ଚଳଚ୍ଚିତ୍ର ନିର୍ମାଣରେ । 'ଯୋର ଯା'ର ମୂଲକ ତା'ର' (୧୯୮୬), ପଞ୍ଜୁରୀ ଭିତରେ ଶାରୀ (୧୯୯୨), କି ହେବ ଶୁଆ ପୋଷିଲେ ପ୍ରଭୃତି ଚଳଚ୍ଚିତ୍ର ନିର୍ମାଣ କରି ଖୁବ୍ ସଫଳତା ପାଇଥାନ୍ତି । ନିଜ ଘରେ ଷ୍ଟୁଡିଓ ବନାଇ ସୁଟିଂ କରୁଥିଲେ, ରବି ସ୍ୱାଇଁଙ୍କ ସହ ମୋର ସଂପର୍କ ଥିଲା । ସେ ମୋ ଶ୍ୱଶୁରଙ୍କ ବନ୍ଧୁ ଥିଲେ ତଥା ମୋ କଲେଜକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପ୍ରଯୋଜନା କ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ପିପିଲି ସ୍ଥିତ ତାଙ୍କର 'କୌଶଲ୍ୟା' ଫିଲ୍ମ ହଲ୍‌ରେ ବହୁ କାହାଣୀ ଶୁଣାଉଥିଲେ । ତେବେ ତାଙ୍କର ଏସବୁ ଚଳଚ୍ଚିତ୍ରରେ ମତେ ସୁଯୋଗ ଦେଇନଥାନ୍ତି । ଶେଷ ଚଳଚ୍ଚିତ୍ର 'ଉଦଣ୍ଡୀ ସୀତା' (୧୯୯୨)ର ରିଲିଜ୍ ପୂର୍ବରୁ ସେ ଏକ ଚଳଚ୍ଚିତ୍ରର ପରିକଳ୍ପନା କରିଥିଲେ । "ଭାଇ ଭାଇ" ଶୀର୍ଷକରେ ପ୍ରସ୍ତୁତ ହେବାକୁ ଥିବା ଏହି ଚଳଚ୍ଚିତ୍ରଟି ହିନ୍ଦୀ ଚିତ୍ର 'ଅନୋଖା ବନ୍ଧନ'ର ପାରିବାରିକ କାହାଣୀ ଉପରେ ଥିଲା । ବୁଢ଼ା ମହାରଣା ଏହାର ସ୍କ୍ରିପ୍ଟ ପ୍ରସ୍ତୁତ କରିଥିଲେ । ସଂଗୀତ ନିର୍ଦ୍ଦେଶକ ଥିଲେ ସରୋଜ ନନ୍ଦ । ମତେ ବୁଢ଼ା ଭାଇ ଗୋଟିଏ ଗୀତ ଲେଖିବାକୁ ସୁଯୋଗ ଦେଇଥାନ୍ତି । ବାକି ଗୀତଗୁଡ଼ିକ ନିଜାମ୍ ଭାଇ ଲେଖୁଥାନ୍ତି । 'ଚକ୍ରବ୍ୟୂହ'ରେ ସରୋଜ ନନ୍ଦଙ୍କ ସହ ବନ୍ଧୁତ୍ୱ ଜମିଥାଏ । ତେଣୁ ସମସ୍ୟା କିଛି ରହିଲା ନାହିଁ । ରବି ଟକିଜ୍ ବୁଢ଼ା ଭାଇଙ୍କ ଘରେ ମ୍ୟୁଜିକ୍ ସିଟିଂ ଚାଲିଥିଲା । ଶ୍ରୀରାମଚନ୍ଦ୍ରଙ୍କ ଉପରେ ଏକ ଚମତ୍କାର ଭଜନ ନିଜାମ ଭାଇ ଲେଖିଥିଲେ । ପ୍ରଯୋଜକ ରବି ସ୍ୱାଇଁ ମନ୍ତବ୍ୟ ଦେଇଥିଲେ, "ଆପଣ ଅନ୍ୟ ଧର୍ମର ହୋଇ ମଧ ଏତେ ଚମତ୍କାର ଶ୍ରୀରାମ ଭଜନ ଲେଖି ପାରୁଛନ୍ତି କେମିତି ?"

ମୋ ଗୀତଟି ଥିଲା ସାନଭାଇ ଚରିତ୍ର ପାଇଁ । ନିଜାମ୍ ଭାଇ ଗୀତ ଲେଖାରେ ମତେ ସାହାଯ୍ୟ କରିଥିଲେ । ତେବେ ଗୀତ ରେକର୍ଡିଂ ପୂର୍ବରୁ ରବି ସ୍ୱାଇଁଙ୍କ ଚଳଚ୍ଚିତ୍ର "ଉଦଣ୍ଡୀ ସୀତା" ରିଲିଜ୍ ହୋଇ ଫ୍ଲପ୍ ହୋଇଗଲା । ରବି ସ୍ୱାଇଁଙ୍କ ମନ ଭାଙ୍ଗିଗଲା । ବୋଧହୁଏ ପ୍ରଯୋଜକମାନଙ୍କର ଓଭର କନ୍‌ଫିଡେନ୍ସ ବିଫଳତାକୁ ନିମନ୍ତ୍ରଣ କରିଆଣେ । ରବି ସ୍ୱାଇଁଙ୍କ କ୍ଷେତ୍ରରେ ସେଇଆ ଘଟିଲା । ଭାରତୀୟ ସମାଜ ପତିବ୍ରତା ସୀତାଙ୍କୁ ଉଦଣ୍ଡୀ ଭାବରେ ଗ୍ରହଣ କରିବା ଅସମ୍ଭବ ।

'ଭାଇ ଭାଇ' ଚଳଚ୍ଚିତ୍ରର କାମ ସେଇଠି ଅଟକି ଗଲା । ରବି ସ୍ୱାଇଁ ସବୁଦିନ ପାଇଁ ଚଳଚ୍ଚିତ୍ର ଦୁନିଆରୁ ବିଦାୟ ନେଲେ । 'ଚକ୍ରବ୍ୟୂହ' ପରେ 'ଭାଇ ଭାଇ' ମୋର ଗୀତିକାର ହେବାର ସ୍ୱପ୍ନକୁ ପ୍ରାୟତଃ ଭାଙ୍ଗି ଦେଲା । (କ୍ରମଶଃ)

# କବିତା.... ଆମ ସମୟର

## ସୁଶୀଳ କୁମାର ପାଣିଗ୍ରାହୀ

### ॥ ପାଣି ॥



ପକ୍ଷୀମାନଙ୍କୁ ଟିକେ ପାଣି ଦିଅ
ହଜି ଯାଇଥିବା ନଈକୁ ଖୋଜିବାକୁ ଯିବେ

ଫୁଲଗଛକୁ ଆଂଜୁଳାଏ ପାଣି ଦିଅ
ଏ ଧରାରେ
ଆଉ କିଛି ପ୍ରେମ ବିଂଚିଦେବେ

ବୁଢ଼ା ଭିକାରୀକୁ ଗିଲାସେ ପାଣି ଦିଅ
ତୁମକୁ ବତାଇ ଦେବେ
ସମୟ ନଈର ଗଭୀରତା କେତେ ?

ଅଣଦେଖା କରନା ପଥରକୁ
ତା ଉପରେ ଢାଳିଦିଅ କିଛି ପାଣି
ସେ ଜାଣୁ, ହୃଦୟ ବୋଲି ବି
କିଛି ଥାଏ ।

ଯେଉଁମାନେ ମାଟିରେ ପଡ଼ି ରହିଛନ୍ତି
ଏ ଦୁନିଆଁଠୁ ଅଲଗା ହୋଇ
ସେମାନଙ୍କ ଉପରେ ଛିଞ୍ଚି ଦିଅ ବି
ଟିକେ ପାଣି

ଦେଖିବ, ଆଖି ଖୋଲି
ଠିଆ ହୋଇଯିବେ
ନିଜ ଜୀବନ ଲାଗି
ବୁନ୍ଦାଏ ବୁନ୍ଦାଏ ପ୍ରେମ ପାଇ ।

+ ଧୁତୁରାପଡ଼ା, ଅଙ୍ଗନୱାଡି ୧ର ସାମ୍ନା
ସମ୍ବଲପୁର-୧
(ମୋ) ୯୪୩୭୮୦୫୯୬୧

## ଜୟନ୍ତୀ ବିଶ୍ୱାଳ ବେହୁରିଆ

### ॥ କୃଷକର ଝିଅ ॥

କାଲିଯାଏ ଭାବୁଥିଲି
ପଥର ପରି ତୁମର ଦେହ
କଠୋର....
କେବଳ କଠୋର !
ମାଟି ପରି ନିଦା ତୁମର ବୁଦ୍ଧି
ସେଥିରେ ତୁମେ ରକ୍ତ ଢାଳି
ଝାଳ ବୁହାଇ
ବଢେଇ ପାର ଗଛ
ଫୁଟେଇ ପାର ଫୁଲ
ଫଳେଇ ପାର ଫଳ
ହେଲେ ଫସଲକୁ
ନିଜ ଅମାରରେ ରଖିବାର ଅକଲ
କେବେ ହେଇ ନପାରେ ତୁମର ..
କେବେ ନୁହେଁ !
ପାଣିପରି ବହିଯାଏ ତୁମର ଦରଜ
ପାହାଡ ସନ୍ଧିର ଅସ୍ତସୂର୍ଯ୍ୟ ତୁମ ଆଖି
ଜଣାନାହିଁ , କେବେ ଘୋଟିଯାଏ ଅନ୍ଧାର ।

ତୁମେ କାହାକୁ କିଛି ନକହି
ଝୁଲିପଡ କୋଉ ଗଛରେ କେବେ ଦିନେ ...!
ମୁଁ ଏଇ ଦେଶର ଝିଅ
କୃଷକର ଝିଅ
ମୁଁ ତୁମ ପାଇଁ ଗର୍ବରେ ଫାଟିପଡେ
ଯେତେବେଳେ ତୁମକୁ ପାଣିମାଡ ହୁଏ
ତୁମ ରାସ୍ତାରୁ ହଟେଇ
ଦିଆଯାଏ ଆଲୁଅ
ପାଦତଳେ ଖୋଳାଯାଏ ଗାଡ
ଚାରିପାଖେ ଘେରେଇ ଦିଆଯାଏ

କଣ୍ଟାର ବାଡ !
ସାରାଦେଶ ଭୂତାଣୁ ର ଭୟରେ
ଶୋଇଗଲା ବେଳେ
ତୁମେ ଜାଗିଉଠ, ସଭିଙ୍କ ମୁହଁରେ
ଭାତ ପହଞ୍ଚାଇବାର ଦାୟରେ,
ତୁମର ଜିଦ୍
ମରିବତ ମର...
ଭୋକରେ କେହି ନୁହେଁ !
ଯେତେବେଳେ ତୁମେ ଚଟାଣପରି
ଶକ୍ତ ହୋଇଉଠ
କାନ୍ଧ ଉଚ୍ଚାକରି ଛିଡା ହୋଇପଡ,




ସବୁ ଫନ୍ଦି ଫିକର
ଓ କୌଶଳର ଗଳାକାଟି,
ମୃତ୍ୟୁର ବଳୟ ଭିତରେ ଥାଇବି,
ମୁଁ ହସିପାରେ ,
କୃଷକର ଝିଅ ବୋଲି !!

+ କୃଷ୍ଣନଗର, ବାଲିଆ,ବାଲେଶ୍ୱର
(ମୋ) ୮୯୧୭୬୭୫୬୮୩

## ସତ୍ୟରଂଜନ ପ୍ରହରାଜ

### ॥ ଅଘଟଣ ॥



ସେମାନେ ମୋ ଖପୁରୀକୁ ଭାଙ୍ଗି ଦେଇ
ଗାଧୁଆତୁଠକୁ ଗଲେଣି
ମୁଁ ଏକା ବସିଛି ମୋ ଯୁଇ ପାଖେ
କେତେ କାମ ବାକି ରହିଗଲା ଯେ
ବିଦାୟର ଇଚ୍ଛା ନାହିଁ ଏବେ
ଏମିତି ଏକ ଅଲୋଡା ବେଳରେ ।

ସେମାନେ ତେରଦିନ ସରିବା ଆଗରୁ
ଭୁଲିଗଲେ ମୋ ଅନୁପସ୍ଥିତି,
ବୀମା ଟଙ୍କା ଆସିବା ରାତିରେ
ଚାଲିଲା ଯୁକ୍ତିତର୍କ ହିସାବ କିତାବ
ଦଦରା ଛାତିକୁ ଧରି ସେ ସବୁ ଶୁଣିବା
ମୁସ୍କିଲ୍ ଥିଲା
ସଜନା ଗଛରେ ପେଚାଟିଏ ହେଇ ।

ପୁଅ କହୁଥିଲା
ଆଜିଯାଏ ବାପା ଆମ ପାଇଁ କରିଛି କଣ
ସ୍ତ୍ରୀ କହୁଥିଲା ଆସିଲା ଦିନରୁ
ଖଟିଖଟି ଭୁଲିଛି ମୁଁ
ଦର୍ପଣରେ ଦିଶୁଥିବା ମଣିଷର ପରିଚୟ କଣ
ଏକା ସେହି ବୁଢାବାପା

କାଶି କାଶି ଗଳା ଫାଡୁଥିଲା
କର୍ତ୍ତବ୍ୟକୁ ନିଭାଇ ନିଭାଇ ହଜିଥିବା ପୁଅ
ତା'ର ସୁନାମୁଣ୍ଡା
ସଂସାରକୁ ନ ବୁଝି ବି ଯାହା ପାଇଁ
ପରିବାର ସାଜିଥିଲା ଖୁସିର ପସରା ।

ଏବେ ଆଉ ଇଚ୍ଛା ନାହିଁ
ବସିବାକୁ ଯୁଇ ପାଖେ
ଗିଳିବାକୁ ନିଆଁ ଆଉ ଅବସୋସ
ସରିଯାଉଥିବା ସମୟ ପାତ୍ରରେ,
କିଏ କେତେ ଓଗାଳୁଛି ବିଷ ଏଠି
ସତ ମିଛ ଛଳନାପଣରେ
କିଏ କେତେ ଢାଳୁଛନ୍ତି ଲୁହ ଏଠି
ଛାତିତଳେ ହସି ହସି
ସବୁକିଛି ପାଇବାର ବିଭୋରୋଣରେ ।

+ ଲେନ ନଂ ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର ୭୫୧୦୨୦
(ମୋ) ୯୬୫୮୪୧୩୫୩୪

## ଡ. ଶ୍ରୀହରି ଧଳ

### ॥ ନଈ ସୁଅରେ ॥



ଏଇ ସୁଅରେ ଯେଉଁମାନେ
ଭାସିଗଲେ ଅନ୍ଧାର ଆଡ଼କୁ
କିଏ ସେମାନେ ?
ନିଜ ରକ୍ତକୁ ପଚାର ଠିକଣା ।

ଏଇ ବେଳକୁ
ଲୁହ ବତୁରା ଶବ୍ଦମାନେ-
ପାଲଟି ଗଲେକି ପ୍ରାର୍ଥନା ।
କିଏ ଶୁଣନ୍ତା
କାଳ ବଂଶୀର ଧୂନ ଛଡ଼ା
ଆକାଶରେ ଛାଇଯାଇଛି-
ମେଘ, ବଜ୍ର- ଅଣଚାଷ ।

ନଈ ସୁଅରେ ଧାଡ଼ି ଧାଡ଼ି-
ଶବଙ୍କ ଶୋଭାଯାତ୍ରା ।
ଏଇବେଳକୁ-
ଡଙ୍ଗା ପାଲଟି ଯାଉଛିକି
ଫଟା ଛାତି ।
କିଏ ଲଦି ଦେଉଛି
ଡଙ୍ଗାରେ
ନିଜର ଜିଅନ୍ତା ଶବ ?

ନିଜ ଶବ ଉପରେ-
ନିଜର ନାବକେଳି ।
ପଚାରନା
ମୁହାଁଣର କଥା,
ମୁହାଣତ ଏକ ଅନ୍ଧାରର ଆଁ ।
ଯେଉଁଠିକି ଭାସିଚାଲିଛି
ସମ୍ପର୍କ, ପରିଚୟ, ଅହଂକାର,
ଅର୍ଜିତ ଯେତେଯେତେ
ପାପ ଓ ପୁଣ୍ୟର ଅଛିଣ୍ଡା ଅଙ୍କ ।

+ତାଉଁତରା, କପାସି, ଚିଡାଲୋ
ଯାଜପୁର,
(ମୋ) ୯୪୩୮୪୩୭୦୯୨

## ଯଶୋବନ୍ତ ସେଠୀ



### ॥ ଚିହ୍ନା ଈଶ୍ୱର ॥

କେମିତି ଭୁଲିବି ସଖୀ ସେହିଦିନ
ସୁଖର ସାହାନାଇ ତାଳେ ତାଳେ
ଦୁଃଖର ଓଢଣୀ ଟାଣି ତମେ ଯେବେ
ଦୁଃସ୍ୱପ୍ନର ଏରୁଣ୍ଡିବନ୍ଧ ଡେଇଁ ଯାଇଥିଲ
ମନର ଅବାଧ ହ୍ୱିମ୍ ସବୁକୁ
ଅନିଚ୍ଛାର ଚାବୁକ୍ ପ୍ରହାର ଦେଇ !
ଶୂନ୍ୟତାର ଦୋଳି ଝୁଲୁଥିଲେ
ଅବସୋସର ହାତୀମାନେ
ଲୁହ ଆଉ ଦୀର୍ଘଶ୍ୱାସର
ବାଆ ପାଣି ଖାଇ !

ମନେ ମନେ ଅନେକ ଖୋଜିଥିବ
ନିଃଶ୍ୱାସର ବିଶ୍ୱସ୍ତତା ମଧ୍ୟେ
ତମ ଚିହ୍ନା ଈଶ୍ୱରଙ୍କ
ଅଭୟଦାୟୀ ଆଶୀର୍ବାଦ ମୁଦ୍ରାଟିକୁ
ଲୁହମାନଙ୍କର ଆପଣାପଣ ଭିତରେ
ନୈରାଶ୍ୟର ତାଲାବନ୍ଦ କୋଠରୀରେ ।

ହାଃ ! ମୋ'କଥା ପଚାର କାହିଁକି !
ଶୂନ୍ୟତାର କାକୁସ୍ଥତା ସହି ନପାରି
ଜାତି, କୂଳ, ଗୋତ୍ରକୁ ବିସ୍ମରି
ମୁଁ ଏବେ ସ୍ୱର୍ଗକୁ ହାତଟେକି ପିଣ୍ଡଦାନ କରେ
ସ୍ୱପ୍ନମାନଙ୍କର ଅଝଟପଣ ମଧ୍ୟରେ
ଶୋଇ ଶୋଇ ଭୀଷ୍ମଙ୍କ ଶରଶଯ୍ୟାରେ ।

+ ଏ ସି ପି ( ସୁରକ୍ଷା )
ପୋଲିସ କମିଶନରେଟ ଭୁବନେଶ୍ୱର
(ମୋ) ୯୪୩୭୩୪୩୪୫୭

## ଆଲୋଚନା

# ପ୍ରଣତୋସ୍ମି ରଥ ଶ୍ରେଷ୍ଠମ୍

ନକୁଳ ଚନ୍ଦ୍ର ସାହୁ



ଭାରତୀୟ ସାହିତ୍ୟ ବିଶ୍ୱର ପ୍ରାଚୀନତମ ସାହିତ୍ୟ । ଭାରତୀୟ ସାହିତ୍ୟ ବିଶ୍ୱର ମହାନ ରଚନା । ସାହିତ୍ୟର ଆଭିମୁଖ୍ୟ ପୂରଣରେ ଭାରତୀୟ ଭାଷା ସଂସ୍କୃତି ଏବେ ବି ସମର୍ଥ ଓ ସାର୍ଥକ । ଏହା ଭାରତୀୟ ସଂସ୍କୃତିକୁ କରାଇଛି ଶ୍ରେଷ୍ଠ । ପ୍ରାଣୀର ଜନ୍ମ ଉଦ୍ଦେଶ୍ୟ ଏହି ଭାଷାରେ ପରିପ୍ରକାଶିତ । ବିଶ୍ୱର ଐଶ୍ୱର୍ଯ୍ୟ ମାନବ, ତା' ଆଗକୁ ନାହିଁ ଅନ୍ୟ କେହି ! ଅନ୍ୟ ଯିଏ ଆସିବ ସିଏ ଶ୍ରୀଅରବିନ୍ଦଙ୍କ ଅତିମାନବ । ମଣିଷକୁ ବଦଳାଇବ ରୂପାନ୍ତର ଯୋଗ ।

ଏବେ ପାପ, ତାପ, ଦୁଃଖ ଓ ଯାତନା ପୀଡ଼ିତ ମାନବ ପାଇଁ ଉଦ୍ଧାର ମାର୍ଗ ନିର୍ଣ୍ଣୟ କରିଛନ୍ତି ସଂସ୍କୃତି କବି-ପଣ୍ଡିତ-ସିଦ୍ଧ:

ଗୁଣ୍ଡିଚାଖ୍ୟଂ ମହାଯାତ୍ରା ଯେ ପଶ୍ୟନ୍ତି ମୁଦାନ୍ୱିତାଃ
ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତି ଭବନଂ ମମଃ ।

ଉତ୍କଳୀୟ କବି ଲେଖିଛନ୍ତି, 'ତିନି ଯାତ୍ରା ସାର ଦୋଳ, ସ୍ନାନ, ଶ୍ରୀଗୁଣ୍ଡିଚା/ ସକଳ ଜୀବର ଅବଲୋକନରେ ପାତକ ସମୂହ ମୁଂଚା' । ସଂସ୍କୃତ କବି ମଧ୍ୟ ବ୍ୟକ୍ତ କରିଛନ୍ତି, ରଥେ ତୁ ବାମନଂ ଦୃଷ୍ଟ୍ୱା, ଦୋଳେ ଦୋଳ ଗୋବିଂଦମ୍, ଚାପେ ଚ ମଧୁସୂଦନମ୍, ପୁନର୍ଜନ୍ମ ପ୍ରାଣୀର ଆଉ ଘଟେ ନାହିଁ ! ଜନ୍ମ, ଜୀବନ ଓ ମୃତ୍ୟୁ କଳା ବାମନଙ୍କ ରଥଯାତ୍ରା ଦର୍ଶନରେ କଟିଯାଏ ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିବସ, ଶ୍ରୀକ୍ଷେତ୍ରରେ ଯେଉଁ ରଥଯାତ୍ରା ହୁଏ ଅନୁଷ୍ଠିତ, ତାହାର ନାମ ଶ୍ରୀଗୁଣ୍ଡିଚା । ଶ୍ରୀମଂଦିରରୁ ତାଳଧ୍ୱଜ, ଦେବଦଳନ ଓ ନନ୍ଦୀଘୋଷ ରଥ ଆରୋହଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତି କିଂବଦନ୍ତୀର ମହାନାୟିକା ଦେବୀ ଗୁଣ୍ଡିଚାଙ୍କୁ ପିଣ୍ଡଦାନ ପାଇଁ ଶ୍ରୀଗୁଣ୍ଡିଚା ଗୃହକୁ ନବଦିନ ଯାତ୍ରାରେ ବିଜୟ ଲୀଳା କରିଥାନ୍ତି ।

ରଥଯାତ୍ରା ଉପନିଷଦୀୟ ଆଧ୍ୟାତ୍ମିକ ସାଂସ୍କୃତିକ ଯାତ୍ରା । କଠୋପନିଷରେ ଦୃଷ୍ଟିଗୋଚର ହୁଏ-

ଆତ୍ମାନଂ ରଥିନଂ ବିଦ୍ଧି / ଶରୀରଂ ରଥମେବ ତୁ ।
ବୁଦ୍ଧିଂ ତୁ ସାରଥିଂ ବିଦ୍ଧି / ମନଃ ପ୍ରଗ୍ରହମେବ ଚ ॥ (ତୃତୀୟ ବଲ୍ଲୀ, ୩ୟ ମନ୍ତ୍ର)

ଗୋଟିଏ ସରଳ ରୂପକ ଅଳଙ୍କାରରେ ଋଷିପୁତ୍ର ନଚିକେତାଙ୍କୁ ବୁଝାଇ ଦିଆଯାଇଛି, ଆତ୍ମା ବା ଜୀବାତ୍ମା ରଥି । ଦେହ ରଥ । ବୁଦ୍ଧି ସାରଥି ଏବଂ ମନ ଲଗାମ । ଇନ୍ଦ୍ରିୟଗଣ ଅଶ୍ୱ, ବିଷୟ ମାର୍ଗରେ ସେମାନେ ଦୌଡୁଛନ୍ତି ।

ଋକ୍‌ବେଦ ଦଶମ ମଣ୍ଡଳ ଏକଶତ ପଞ୍ଚାବନ ତମ ସୂକ୍ତ ତୃତୀୟ ମଂତ୍ର ପ୍ରଦାନ କରେ ଦାରୁବ୍ରହ୍ମଙ୍କ ଜନ୍ମ ରହସ୍ୟ-

ଅଦୋ ଯଦ୍ଦାରୁ ପ୍ଲବତେ / ସିନ୍ଧୋଃ ପାରେ ଅପୁରୁଷମ୍ ।
ତଦ୍ଦାରୁଭାସ୍ୱ ଦୁର୍ହଣୋ / ତେନ ଗଚ୍ଛ ପରସ୍ତରମ୍ ॥

ଏହି ମଂତ୍ରଟି ବ୍ୟତୀତ ବେଦରେ ଅନ୍ୟ କୌଣସି ଠାରେ ଦାରୁ ବିଗ୍ରହ କିଂବା ଶ୍ରୀଜଗନ୍ନାଥଙ୍କ ବିଷୟରେ ସୂଚନା ମିଳେ ନାହିଁ । ମାତ୍ର ଶ୍ରୀଜଗନ୍ନାଥ ଶାବର ସାଂସ୍କୃତିକ ଦେବ । ନିଗମଶାସ୍ତ୍ର ପ୍ରଚଳନ ପୂର୍ବରୁ ଭାରତ ବର୍ଷରେ ପ୍ରଚଳିତ ଥିଲା ଆଗମଶାସ୍ତ୍ର ବା ତନ୍ତ୍ର । ଶ୍ରୀ ଜଗନ୍ନାଥ ତନ୍ତ୍ରର ଦେବତା । ତେଣୁ କୁହାଯାଇଛି, ଉତ୍କଳେ ନାଭି ଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ / ବିମଳାସ୍ତୁ ମହାଦେବୀ ଜଗନ୍ନାଥସ୍ତୁ ଭୈରବ ।

ଗଣେଶ ପ୍ରସାଦ ପରିଜା ଉଲ୍ଲେଖ କରିଛନ୍ତି, 'ପୁରଂଦର' ଶବ୍ଦର ଅର୍ଥ ନଗର ବିଧ୍ୱଂସକାରୀ; ପୁଣି ଇନ୍ଦ୍ର ! ହରପ୍ପା ଓ ମହେଂଜୋଦାରୋ ସଭ୍ୟତା ଆର୍ଯ୍ୟ ସୈନ୍ୟ ଇନ୍ଦ୍ରଙ୍କ ନେତୃତ୍ୱରେ କରିଥିଲେ ବିଧ୍ୱଂସ । ଆର୍ଯ୍ୟଙ୍କ ପୂର୍ବରୁ ଏଠାରେ ଥିବା ଭୂମଧ୍ୟ ସାଗରୀୟ ଅଧିବାସୀ ଯାହାଙ୍କୁ ଦ୍ରାବିଡ଼ କୁହାଯାଏ ସେମାନେ ଆସିଥିଲେ । ଦ୍ରାବିଡ଼ଙ୍କ ପୂର୍ବରୁ ଆସିଥିଲେ ପ୍ରୋଟ- ଅଷ୍ଟ୍ରାଲଏଡ୍ ଜାତୀୟ ଆଦିମ ଅଧିବାସୀ, ଯେଉଁମାନଙ୍କୁ କୁହାଯାଏ 'ଶବର' । ତାଙ୍କ ପୂର୍ବରୁ ନେଗ୍ରିଟୋମାନଙ୍କୁ ଭାରତର ପ୍ରଥମ ଅଧିବାସୀ ରୂପେ ଧରାଯାଏ ।

(ତନ୍ତ୍ର ଦେବତା ଜଗନ୍ନାଥ, ଉତ୍କଳ ପ୍ରସଙ୍ଗ, ଜୁଲାଇ- ୧୯୭୦, ପୃଷ୍ଠା-୪୪) ।

ବୌଦ୍ଧ ଯୁଗ ପୂର୍ବରୁ ଓଡ଼ିଶା ଥିଲା ତନ୍ତ୍ରର ପ୍ରଧାନ ପୀଠ । ଆଦିବାସୀମାନଙ୍କ ପାଖରେ ତନ୍ତ୍ରବିଦ୍ୟା ଅଦ୍ୟାବଧି ରହିଛି ଜୀବିତ । ବିଶ୍ୱାବସୁ ଜଗନ୍ନାଥ ସଂସ୍କୃତିର ଜଣେ ମହାନ ଚରିତ୍ର ଥିଲେ ସିଦ୍ଧତନ୍ତ୍ର ସାଧକ । କାଳିକା ପୁରାଣରେ ପ୍ରସିଦ୍ଧ ତନ୍ତ୍ର ପୀଠ ବର୍ଣ୍ଣନାରେ 'ଓଡ୍ରପୀଠ' ଶ୍ରୀଜଗନ୍ନାଥ କ୍ଷେତ୍ର ଏବଂ ତନ୍ତ୍ର ସାଧନାର ପ୍ରଥମ ପୀଠ ଓଡ଼ିଶା, ୬୪ ଅଧ୍ୟାୟରେ ହୋଇଛି ସୂଚିତ-

ଓର୍ଡ୍ରାଶଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜାଳ ଶୈଳକଂ
ତୃତୀୟଂ ପୂର୍ଣ୍ଣ ପୀଠନ୍ତୁ କାମରୂପଂ ଚତୁର୍ଥକଂ
ଓଡ୍ରପୀଠଂ ପଶ୍ଚିମେତୁ ତଥୈବୋଡ୍ରେଶ୍ୱରୀ ଶିବାଂ
କାତ୍ୟାୟନୀଂ ଜଗନ୍ନାଥ ମୋଡେଶଂତ ପ୍ରପୂଜୟତ୍ ।

ଉଡ୍ରେଶ୍ୱରୀ କାତ୍ୟାୟନୀ ଶିବା ହେଲେ ଉଡ୍ରେଶ ଜଗନ୍ନାଥ ! ଯାହାଙ୍କୁ କୁହାଯାଇଛି 'ଭୈରବ' । କୌଣସି କୌଣସି ସ୍ଥାନରେ ଉଲ୍ଲେଖ ରହିଛି, ସୁଭଦ୍ରାସ୍ତୁ ମହାଦେବୀ । ଗଣେଶ ପ୍ରସାଦ ପରିଜା କହନ୍ତି, ପୁରାଣୋକ୍ତ ଲକ୍ଷ୍ମୀ ତନ୍ତ୍ରର ମହାଦେବୀ । ବେଦୋକ୍ତ ଲକ୍ଷ୍ମୀ ଓ ପୁରାଣୋକ୍ତ ଲକ୍ଷ୍ମୀ ଏକ ନୁହନ୍ତି । ବୋଧହୁଏ ବହୁପରେ କାଳନ୍ତରରେ ଲକ୍ଷ୍ମୀଙ୍କୁ ପତ୍ନୀ ରୂପେ ଶ୍ରୀମନ୍ଦିରରେ କରାଯାଇଛି ସ୍ଥାପନା ।

ଭୈରବଙ୍କ ପାଖରେ ଶକ୍ତି ରହିବା ବିଧେୟ । ତେଣୁ ଶକ୍ତି ସ୍ୱରୂପା ସୁଭଦ୍ରା ବିଜେ କରିଛନ୍ତି ଜଣେ ଜ୍ଞାନୀ ସାଧକଙ୍କ ପାର୍ଶ୍ୱରେ ରହି ତାଙ୍କୁ ଆଗକୁ ଚାଳିତ କରନ୍ତି, ସିଏ ବଳଭଦ୍ର । ସୁଦର୍ଶନ ଦଣ୍ଡ ସ୍ୱରୂପ ସୁଭଦ୍ରାଙ୍କ ରଥରେ ବିଜୟ କରନ୍ତି । ତାଙ୍କୁ ମଧ୍ୟ କୁହାଯାଏ ଚକ୍ର: ଚକ୍ର ଶରୀରସ୍ଥ ଶକ୍ତି କେନ୍ଦ୍ର । ତନ୍ତ୍ର ସାଧନାର ପ୍ରଥମ ପାଦ ଏହି ଚକ୍ର ବା ଶକ୍ତିଙ୍କ ଜାଗରଣ । ତନ୍ତ୍ର ସାଧନାର ପ୍ରଥମ ଚରଣ କୁଣ୍ଡଳିନୀ ଉତ୍ଥାନ ଏବଂ ଷଡ଼ ଚକ୍ର ଜାଗରଣ । ତନ୍ତ୍ର ମତରେ ଶିବ ବ୍ରହ୍ମ ନୁହଁନ୍ତି, ବ୍ରହ୍ମ ଶକ୍ତି । ସାଧକ ନିଜକୁ ପ୍ରଥମେ ଶିବ ପଦରେ କରନ୍ତି ଅଭିଷିକ୍ତ ଏବଂ ତାହା ପରେ ହୁଅନ୍ତି ଶକ୍ତି ଉପାସନା ରତ । ପଞ୍ଚମକାର ଦ୍ୱାରା କରିଥାନ୍ତି ଉପାସନା । ଏହା ଅଦ୍ୟାବଧି ଶ୍ରୀମନ୍ଦିରରେ ପ୍ରଚଳିତ ।

ବିଶ୍ୱର ପ୍ରାଚୀନତମ ଯାନ ରଥ । ଭାରତରେ ରଥ ନିର୍ମାଣ କୌଶଳ ଋଗ୍‌ବେଦ ଗୋପଥ ବ୍ରାହ୍ମଣ, ତୈତିରୀୟ ବ୍ରାହ୍ମଣ ଏବଂ ଶତପଥ ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ, (ଦ୍ରଷ୍ଟବ୍ୟ ପ୍ରବନ୍ଧ 'ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ତତ୍ତ୍ୱବୋଧ', ପଣ୍ଡିତ ସଦାଶିବ ରଥଶର୍ମା, ଉତ୍କଳ ପ୍ରସଙ୍ଗ, ଜୁନ୍- ୧୯୭୪) । ଆଷାଢ଼ ମାସରେ ଏହି ଯାତ୍ରା ଆରମ୍ଭର କାରଣ ହେଉଛି 'ଯଜ୍ଞ', ଆଡ଼ପ ମଣ୍ଡପ ବା ଶ୍ରୀଗୁଣ୍ଡିଚା ମଂଦିରରେ ଯଜ୍ଞ ସ୍ୱରୂପ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ପ୍ରାଣୀ ଜଗତର କଲ୍ୟାଣ କାମନା କରି ଯାନରେ ଆରୋହଣ କରାଯାଏ ।

ରଥ ଭାରତୀୟ ଆଧ୍ୟାତ୍ମିକ ଚେତନାର ପ୍ରତୀକ । ତେଣୁ ତାଙ୍କୁ ପ୍ରାର୍ଥନା କରାଯାଇଛି, ପ୍ରଣିତୋସ୍ମି ରଥ ଶ୍ରେଷ୍ଠଂ ଦେବଯାନ ବର ପ୍ରଦମ୍ । ସାଧକଙ୍କ ଦୃଷ୍ଟିରେ, 'କଳା ଷୋଡ଼ଶୀ ଚକ୍ରାଣି', ଷୋହଳ କଳା ଷୋଳ ଚକ୍ର, ଯାହାଙ୍କ 'ଅରାଣି ଅୟନ' ! 'ସପ୍ତ ଛଂଦମୟ ଗର୍ଭଂ' ରଥ ତହିଁରେ ସଂଯୁକ୍ତ ପ୍ରଣବ । ଦଧି କୁମ୍ଭାମୃତ କୁମ୍ଭଂ ରଥମୌଳୀ ମହୋଜ୍ୱଳଂ, ଉଜ୍ୱଳ ଦଧିନୌତି ଅମୃତ କଳସ ! ଚକ୍ଷୁବାଟ ଦେଇ ମନ, ପ୍ରାଣ ଓ ଆତ୍ମା ଦର୍ଶନ କରି ନିବାରିତ କରିଥାଏ ଶୋଷ । 'ଜଗନ୍ନାଥ ପୁରାଣ'ରେ ଉଲ୍ଲେଖ ଅଛି, ଗୁଣ୍ଡିଚା ନାମେ ମୋ ଯାତ୍ରା ପରମ ପାବନୀ / ରଥଯାତ୍ରା ନାମେ ଖ୍ୟାତ ହେବ ଯେ ଅବନୀ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରାର୍ଥନା କରିଥିଲେ ତାଙ୍କ ସରୋବର ନିକଟରେ ସପ୍ତଦିନ ବ୍ୟାପି ହେବ ଏହି ଯାତ୍ରା । ଭକ୍ତି ମୁକ୍ତି ପ୍ରଦାୟକ 'ଗୁଣ୍ଡିଚା'; କଠୋର ତପସ୍ୟା, ବ୍ରହ୍ମଚର୍ଯ୍ୟ, ପ୍ରାଣାୟାମ, ସହସ୍ର ଜପ ପରି କୌଣସି କ୍ଲିଷ୍ଟ ସାଧନା ଦରକାର ନାହିଁ ! ପତିତଙ୍କୁ ପାବନ କରିବାକୁ ରଥରେ ଯାତ୍ରା କରନ୍ତି ମହାବାହୁ !

'କପିଳ ସଂହିତା'ରେ ବର୍ଣ୍ଣିତ ହୋଇଛି,

ଗୁଣ୍ଡିଚାଖ୍ୟଂ ମହାଯାତ୍ରାଂ ଯେ ପଶ୍ୟନ୍ତୀ ମୁହାନ୍ୱିତାଃ
ସର୍ବପାପ ବିନିର୍ମୁକ୍ତାସ୍ତେ ଯାନ୍ତି ଭବନଂ ମମ ।

\+ + + + +

ଇନ୍ଦ୍ରଦ୍ୟୁମ୍ନୋପି ରାଜର୍ଷି ଦେବଦେବ ଜନାର୍ଦ୍ଦନ
ପୂଜୟିତ ପ୍ରଜନ୍ନେନ ତତୋ ମୁକ୍ତି ମବାପ୍‌ସ୍ୟତି ।

ମହାଯଜ୍ଞର ମହାବେଦୀକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରଥରେ ବିରାଜମାନ ହୋଇ ଯାତ୍ରା କରିଥାନ୍ତି । ଗୁଣ୍ଡିଚାଘର ମହାଯଜ୍ଞଦେବୀ ସେମାନଙ୍କ ଜନ୍ମ ବେଦୀ । ରାଜ ମହିଷୀ ଗୁଣ୍ଡିଚା ଏବଂ ଇନ୍ଦ୍ରଦ୍ୟୁମ୍ନଙ୍କ ପାଇଁ କାଳକାଳ ଧରି ଜଗନ୍ନାଥ ସେଠାରେ ପିଣ୍ଡଦାନ ବା ଶ୍ରାଦ୍ଧ ବାଢ଼ି ଆସିଛନ୍ତି ।

'ନୀଳାଦ୍ରି ମହୋଦୟଃ' ଏହି ରଥଯାତ୍ରା ପ୍ରସଙ୍ଗରେ ବ୍ୟକ୍ତ କରିଛନ୍ତି-

ରାମକୃଷ୍ଣଂ ସୁଭଦ୍ରାଂଚ / ପଶ୍ୟେନ୍ମାର୍ଗେ ରଥେ ସ୍ଥିତଂ
ପଦେ ପଦେଶ୍ୱମେଧାନାଂ / ଫଳଂ ପ୍ରାପ୍ୟ ମହୀତଳେ ।

ଋକ୍‌ବେଦ ରଚନା ହେବା ବେଳକୁ ସମାଜରେ ରଥଯାତ୍ରାର ପ୍ରଚଳନ ଘଟି ସାରିଛି । ସୂର୍ଯ୍ୟ ଦେବଙ୍କ ରଥଯାତ୍ରା ଚିତ୍ର ଋକ୍‌ବେଦସ୍ଥ ନିମ୍ନ ମଂତ୍ର କରେ ପ୍ରତିପାଦିତ-

ଆକୃଷ୍ଣେନ ରଜସା ବର୍ତ୍ତମାନୋ ନିବେଶୟନ୍ନୁ / ମୃତଂ ମର୍ତ୍ତ୍ୟଂ ଚ ।
ହିରଣ୍ୟୟେନ ସବିତା ରଥେନ ଦେବୋ ଯାତି / ଭୁବନାନି ପଶ୍ୟନ ॥ (କ୍ରମଶଃ)

+ ଶବଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

---

## ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ) ୯୪୩୯୪୪୨୯୪୨



**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**



ଭାଗ-୩୬
(ପୂର୍ବ ପ୍ରକାଶିତ ଉତ୍ତାରୁ..)

|| ୧୯ ||

ସେଇଦିନ ଅପରାହ୍ନରେ ଶୁଭକାନ୍ତ ବାପାଙ୍କୁ ଫୋନ୍ ଲଗେଇଲା, କହିଲା - "ହଁ ବାପା ! ଆଜି ପୁଅର ଇ.ସି.ଜି. ହୋଇଗଲା । କିଛି ଅସୁବିଧା ନାହିଁ । ଅଡ଼ିଓ ଟେଷ୍ଟ୍ କରିବା ଉଚିତ୍ ମଣିଲୁ ନାହିଁ । ଏମିତି ତ ସେ ସାଧାରଣ ଶବ୍ଦରେ ଚମକି ପଡୁଛି । ତେଣୁ ଅଡ଼ିଓ ଟେଷ୍ଟ୍ ମୁଁ ଭାବୁଛି ଆବଶ୍ୟକ ନାହିଁ । ଆସନ୍ତାକାଲି ରିଲିଭ୍ କରିଦେବେ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି ।" ପୁଣି, "ଏବେ ମା' କେମିତି ଅଛନ୍ତି ?"

ସେତେବେଳେ କଲେଜରୁ ଫେରି ଦୀନନାଥ ଚାହା ପିଉଥିଲେ । ଏ ପର୍ଯ୍ୟନ୍ତ ପୂରା ସୁସ୍ଥ ହୋଇ ନାହାନ୍ତି କଳ୍ପଲତା । ଜ୍ୱର ଛାଡ଼ି ଯାଇଛି । ହେଲେ ଦେହରେ ଦୁର୍ବଳତା ଜନିତ ପୀଡ଼ା ଲାଗି ରହିଛି ଯାହା ।

"ତୋ ମାଆର ଜ୍ୱର ସଂପୂର୍ଣ୍ଣ ଭଲ ହୋଇଯାଇଛି । ହେଲେ ଦୁର୍ବଳତା ଲାଗି ରହିଛି । ଆହୁରି ଦୁଇ ତିନି ଦିନ ଏମିତି ରହିବ । ଯଦି ସଂଭବ ହୁଏ ନାତିକୁ ଦେଖିବା ପାଇଁ କାଲି ମୁଁ କଟକ ଯାଇପାରେ !" - ଆଗ୍ରହରେ କହିଲେ ଦୀନନାଥ ।

"ତୁମେ ଆଉ କାହିଁକି କଷ୍ଟ କରି ଆସିବ ବାପା ! ମା'ଙ୍କର ଦେହ ଭଲ ନାହିଁ । ଯଦିଓ ଆସନ୍ତା କାଲି ରବିବାର, ତଥାପି ତୁମେ ଟିକେ ରେଷ୍ଟ୍‌କର । ସପ୍ତାହର ଶେଷ ରବିବାରଟା ରେଷ୍ଟ୍ କଲେ ଦେହ ଭଲ ରହିବ । ପୁଣି ସୋମବାରରୁ କଲେଜ । ହଁ, ମା'ଙ୍କୁ ଟିକେ ଫୋନ୍ ଦିଅ, ମୁଁ ତାଙ୍କ ସହିତ କଥା ହେବି ।"

ଦୀନନାଥ ଫୋନ୍ ବଢ଼େଇ ଦେଲେ କଳ୍ପଲତାଙ୍କ ହାତକୁ । ଫୋନ୍ ଧରି ସେ ଚାଲିଗଲେ ନିଜ ଶୋଇବା ଘରକୁ । ଦୀନନାଥ ଲୁଗା ବଦଳ କରି ଗଲେ ବାଥ୍‌ରୁମ୍ ।

ନାତି ଜନ୍ମ ହେବାର ଆସନ୍ତା କାଲି ପନ୍ଦରଦିନ । କାଲି ବି ରବିବାର । ରବିବାରକୁ ରବିବାର ପନ୍ଦରଦିନ । ଅନେକ ଭୟ, ଉଦ୍‌ବେଗ, ଯାତନା ଓ ଯନ୍ତ୍ରଣା ଭିତରେ ଏଇ ଦିନଗୁଡ଼ିକ ଅତିକ୍ରମ କରିଗଲା ଯାହା । କିଏ ଜାଣେ ଯା'ପରେ ଦୀନନାଥଙ୍କ ସମ୍ମୁଖରେ ଆଉ କେଉଁ ସମସ୍ୟା ଧାଡ଼ିରେ ଛିଡ଼ା ହୋଇଛନ୍ତି ଦୋହଲେଇ ଦେବାପାଇଁ ! ଜୀବନରେ ଆଉ କୌଣସି ଘଟଣା ଅବିସ୍ମରଣୀୟ ହୋଇ ରହୁ ବା ନରହୁ, ନାତି ଜନ୍ମ ଘଟଣାଟି ତାଙ୍କର ଚିରକାଳ ସ୍ମରଣୀୟ ହୋଇ ରହିବ, ଅନ୍ତତଃ ଯେତେଦିନ ପର୍ଯ୍ୟନ୍ତ ଏ ପିଣ୍ଡକୁ ଆତ୍ମା ପରିହାର ନ କରିଛି ।

ବାଥ୍‌ରୁମ୍‌ରୁ ଫେରି ଦୀନନାଥ ପୋର୍ଟିକୋରେ ପଡ଼ିଥିବା ଆରାମ ଚୌକିରେ ପିଠି ଆଉଜେଇ ବସିଲେ । ସେତେବେଳେ ପ୍ରାୟ ଆସନ୍ନ ଗୋଧୂଳି । ଲଗାଲଗି ଠେଲିପେଲି ହୋଇ ସୁଉଚ୍ଚ ଅଟ୍ଟାଳିକା ସଦୃଶ ଦୁଇ ଚାରୋଟି କୋଠାଘର ସେପାଖକୁ ଅରାଏ ଫାଙ୍କା ପଡ଼ିଆକୁ ଢ଼ାଙ୍କିଛି ଚେନାଏ ଆକାଶ । ତଳେ ସାନ ସାନ ପିଲାଏ କ୍ରିକେଟ୍ ଖେଳୁଛନ୍ତି । ଉପରେ ଡେଣାଝାଡ଼ି ଚକ୍‌କର କାଟୁଛନ୍ତି ଦୁଇଟି ଶଙ୍ଖଚିଲ ।

'ଶଙ୍ଖଚିଲ ଶୁଭ ଆଉ ମାଟିଆ ଚିଲ ଅଶୁଭ ।' ଏମିତି ଏକ ଧାରଣା କାହିଁକି କେଜାଣି ଦୀନନାଥଙ୍କ ଭିତରକୁ ଧସେଇ ପଶି ଆସିଲା । ଅନେକ ଦିନ ହେବ ସେ ଶଂଖଚିଲ ଦେଖି ନ ଥିଲେ । ପିଲାଟି ବେଳେ ଦେଖିଥିଲେ ଯାହା ଗାଁରେ । ଶଂଖଚିଲ ଗାଁ ଦାଣ୍ଡ ଆକାଶରେ ଚକ୍‌କର କାଟି ଉଡ଼ିଲେ କିମ୍ବା ପୋଖରୀ ଧରାବେଳେ ଗଛଡାଳରେ ବସିଥିଲେ ପିଲାମାନେ ତାଳି ମାରି ଗୀତ ଗାଇ ନାଚନ୍ତି -

"ଶଂଖଚିଲ ଭାଇ ନମସ୍କାର,
ମାଟିଆ ଚିଲକୁ ଗୋଇଠା ମାର !"

ଏବେ ଆଉ ସେସବୁ ନାହିଁ । ଶଂଖଚିଲ ବା ହଳଦୀବସନ୍ତକୁ ଦେଖି ଏବେ କେଉଁପିଲା ଉତ୍‌ଫୁଲିତ ହେଉଥିବାର ଦେଖି ନାହାନ୍ତି ଦୀନନାଥ । ହେଲେ ସେ ନିଜେ ଏ ବୟସରେ ବି ଉତ୍‌ଫୁଲିତ ହୋଇ ପାରୁଛନ୍ତି । ଦକ୍ଷିଣା ହାଓ୍ୱାରେ ଦେହ ମନ ପୁଲକିତ ହେଉଛି । ଧୀରେ ଧୀରେ ଦେହରୁ କ୍ଳାନ୍ତି ଓହ୍ଲେଇ ଯାଉଛି । କଳ୍ପଲତା ଘର ଭିତରେ ପୁଅ ସହିତ କଥା ହେଉଛନ୍ତି । ଯା'ଡ଼କୁ ଆସୁ ନାହାନ୍ତି । ନହେଲେ ସେ ତାଙ୍କୁ ଦେଖେଇ ଦେଇଥାନ୍ତେ ଅଭାବିତ ଦୃଶ୍ୟଟି । କେବେଠାରୁ ଦେଖି ଥିବେ କି ନାହିଁ !

ମୁହଁ ବୁଲେଇ ଘରଆଡ଼କୁ ଚାହିଁଲେ ଦୀନନାଥ । ରିଂ ହେଉଥିବା ମୋବାଇଲ୍ ହାତରେ ଧରି କ୍ଷିପ୍ର ପାଦରେ ଆସୁଛନ୍ତି କଳ୍ପଲତା ତାଙ୍କ ଆଡ଼କୁ । "ବୋଧହୁଏ ତୁମକୁ କିଏ ଫୋନ୍ କରିଛି" କହି ବଢ଼େଇ ଦେଲେ ସ୍ୱାମୀଙ୍କ ହାତକୁ । ଦୀନନାଥ ଗୋଟିଏ ହାତରେ ମୋବାଇଲ୍ ଅନ୍ କରୁ କରୁ ଅନ୍ୟ ହାତଟି ଉଠେଇ ଅଙ୍ଗୁଳି ନିର୍ଦ୍ଦେଶ କଲେ ଆକାଶ ଆଡ଼କୁ । କିନ୍ତୁ ହାୟ ! କଳ୍ପଲତା କିଛି ବୁଝି ପାରିବା ପୂର୍ବରୁ ଚିଲ ଦୁଇଟି ଦୂରେଇ ଗଲେଣି, ସୁଉଚ୍ଚ କୋଠା ଘରଟି ଅନ୍ତରାୟ ହେଉଛି ଦୃଶ୍ୟଟିର ।

"ହାଲୋ ! କିଏ କହୁଛ ?" - ବିରକ୍ତିଭରା କଣ୍ଠରେ ପଚାରିଲେ ଦୀନନାଥ । ସେପାଖରୁ ଶୁଣାଗଲା ଜଣେ ଅପରିଚିତ ଲୋକର କଣ୍ଠସ୍ୱର -

"ଦୀନନାଥ ବାବୁ କହୁଛନ୍ତି ତ ?"

"ହଁ, କ'ଣ ହେଲା ?"

"ଆପଣଙ୍କ ଝିଅର ଏଇ ନର୍ସିଂହୋମ୍‌ରେ ଡେଲିଭରୀ ହୋଇଥିଲା । ତେବେ କଥା ହେଉଛି, ସେ ପିଲାର ବାର୍ଥ୍ ସାର୍ଟିଫିକେଟ୍ ହେବ କି ?" - ପ୍ରଶ୍ନ କରୁଥିଲେ ନର୍ସିଂହୋମ୍‌ରେ ଜନ୍ମଗତ ପ୍ରମାଣପତ୍ର କାର୍ଯ୍ୟ ବୁଝାବୁଝି କରୁଥିବା ଜନୈକ ଯୁବକ ।

"ନ ହେବାର କୌଣସି ହେତୁ ନାହିଁ, ହେବ ।" ସାମାନ୍ୟ ସ୍ୱର ଉଚ୍ଚ କରି କହିଲେ ଦୀନନାଥ ଏବଂ ମନେ ମନେ ବିରକ୍ତି ହେଲେ ଲୋକଟା ଉପରେ । ଶଳା ! ନାତିକୁ ଏକ ତ୍ରୁଟିପୂର୍ଣ୍ଣ ସିଦ୍ଧାନ୍ତରେ ଜନ୍ମମାତ୍ରେ ଡାକ୍ତରଖାନା ପଠେଇ ଦେଇ ଏବେ ଅଲଗା କିଛି ଭାବୁଛନ୍ତି ! ନ ହେଲେ ଏପରି ପ୍ରଶ୍ନ କାହିଁକି ?

"ତେବେ ଆପଣ ଟିକେ ବର୍ତ୍ତମାନ ଆସନ୍ତୁ । କାଲି ରବିବାର । ପରଦିନ ସକାଳେ ଆଉ କେତୋଟି କେସ୍ ସହିତ କାଗଜପତ୍ର ଓ ଫର୍ମ ମ୍ୟୁନିସିପାଲଟି ଅଫିସ୍‌ରେ ଦାଖଲ ହୋଇଯିବ ।" - ଲୋକଟି କହିଲା -

"ଆସନ୍ତା କାଲି ଗଲେ ହେବ ନାହିଁ ?" - ପ୍ରଶ୍ନକଲେ ଦୀନନାଥ ଟିକେ ସ୍ୱର ନରମ କରି ।

"ଆସନ୍ତା କାଲି ମୁଁ ରହୁନାହିଁ । ଭୁବନେଶ୍ୱର ଯିବି । ନ ହେଲେ କିଛି ଅସୁବିଧା ନଥିଲା । ଏଇନେ ଟିକେ ଆସି ପାରିଲେ ଭଲ ହେବ ।" - କହିଲା ଲୋକଟି ।

ଦୀନନାଥଙ୍କର ଏବେ ନଯିବାର କୌଣସି ଉପାୟ ନଥିଲା । ଅନେକ କ୍ଳାନ୍ତି ଓ ଅବସନ୍ନ ସତ୍ତ୍ୱେ ବି ସେ ଯାଇ ପହଞ୍ଚିଲେ ନର୍ସିଂହୋମ୍‌ରେ, ଫୋନ୍ କରିଥିବା ସେହି ଲୋକଟି ପାଖରେ । ସେତେବେଳକୁ ସଂଧ୍ୟା ଉପଗତ ।

କାଉଣ୍ଟର୍‌ରେ ପଚାରି ଲୋକଟିକୁ ଚିହ୍ନଟ କଲାପରେ ଦୀନନାଥ ନିଜର ପରିଚୟ ଦେଲେ ଏବଂ ଜାଣିଲେ ଫୋନ୍ କରିଥିବା ଲୋକଟି ଯୁବକ ନୁହେଁ । ଜଣେ ମଧ୍ୟମ ବୟସ୍କ ମଣିଷ । ମାଖୁନା ମୁହଁ, ପତଳା ଓ ଗୋରା ତକ୍ ତକ୍ ଚେହେରା । ନାତି ଜନ୍ମବେଳେ ଦେଖିଥିଲେ କି ନାହିଁ ମନେ ପଡ଼ିଲା ନାହିଁ ତାଙ୍କର । ହୁଏତ ଆଦୌ ନ ଦେଖିଲା ପରି ମନେ ହେଉଥିଲା ।

ପରିଚୟ ଦେଉଁ ଦେଉଁ ଦୀନନାଥଙ୍କୁ ଡାକି ନେଲା ଗୋଟିଏ କୋଠରୀ ଭିତରକୁ । ସେଇଟା ବୋଧହୁଏ ତା' ଅଫିସ୍ । ଦୁଇଖଣ୍ଡ ଚେୟାର୍, ଖଣ୍ଡେ ଟେବୁଲ୍ ଏବଂ ଛୋଟ ଆଲମାରୀଟିଏ ତା' ଅଫିସ୍‌ର ପରିପାଟୀ । ଦୀନନାଥଙ୍କୁ ବସିବାକୁ କହି ଆଲମାରୀ ଭିତରୁ ଲୋକଟା ଗୋଟେ ରେଜିଷ୍ଟାର୍ ଓ ମୋଟା ଫାଇଲ୍ ବିଡ଼ାଟେ ବାହାର କଲା । ରେଜିଷ୍ଟାର୍ ଖୋଲୁ ଖୋଲୁ ପଚାରିଲା -

: "ଆପଣଙ୍କ ଝିଅର ସେଇଟା କେତେ ତାରିଖ କେସ୍ ଥିଲା ?"

"ମାର୍ଚ୍ଚ ଦଶ ତାରିଖ ।" - କହିଲେ ଦୀନନାଥ ।

ଠିକଣା ପୃଷ୍ଠାରେ ଅଟକିଗଲା ଲୋକଟିର ଆଖି । କହିଲା -

"ପୁଅଟିଏ ହୋଇଥିଲା, ମନେ ପଡୁଛି । ସଂଗେ ସଂଗେ ପିଲାକୁ ଡାକ୍ତରଖାନା ଏସ୍.ଏନ୍.ସି.ୟୁ.କୁ ସ୍ଥାନାନ୍ତର କରାଯାଇଥିଲା ନା ?"

"ହଁ ।" - ସଂକ୍ଷିପ୍ତ ଉତ୍ତରଟିଏ ଦେଲେ ଦୀନନାଥ । ଲୋକଟା ପାଖରେ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରିବାକୁ ଇଚ୍ଛା ହେଲା ନାହିଁ ତାଙ୍କର ।

ସେଇଠୁ ଲୋକଟି ଗୋଟେ ଫର୍ମ ପୂରଣ କରିବାରେ ଲାଗିଗଲା । ଶୁଭଦା ଓ ଭବେଶର ପୂରା ନାମ, ବୟସ, ଘର ଠିକଣା ଇତ୍ୟାଦି ଗୋଟି ଗୋଟି ପଚାରି ଲେଖିଲା । ଆଉ ଶେଷରେ ପଚାରିଲା - "ପୁଅର ନାମ କ'ଣ ଲେଖିବି ?"

"ତା'ର କୌଣସି ନାମ ବିଧିବଦ୍ଧ ଭାବେ ନିର୍ଦ୍ଦିଷ୍ଟ ହୋଇନାହିଁ । ତେବେ 'ସୁମନ' ବୋଲି ଲେଖିଦିଅ ।" - କହିଲେ ଦୀନନାଥ ।

"ଏଇ ନାଁଟା କ'ଣ ଚୂଡ଼ାନ୍ତ ?" - ପଚାରିଲା ଲୋକଟି ।

ଦୀନନାଥ ଟିକେ ହଡ଼ବଡ଼େଇ ଗଲେ । 'ସୁମନ' ନାଁଟି ତାଙ୍କ ପ୍ରଦତ୍ତ ନାଁ । ତେବେ ଭବେଶ ଆଉ ଶୁଭଦାଙ୍କର ମନୋପୂତ ହେବ କି ନାହିଁ କିଏ ଜାଣେ ! ଏ ସମୟରେ ଭବେଶ କିମ୍ବା ଶୁଭଦାଙ୍କୁ ଏ ବିଷୟରେ ଫୋନ୍‌ରେ ପଚାରି ହେବ ନାହିଁ । ଏବେ କ'ଣ କରିବେ ସେ ? ଲୋକଟି ଦୀନନାଥଙ୍କୁ ଚାହିଁ ପ୍ରତୀକ୍ଷା କରିଛି । ଆଉ ଅଧିକ କିଛି ଭାବି ପାରିଲେ ନାହିଁ ସେ । କହିଲେ - "ହଁ ଚୂଡ଼ାନ୍ତ ।"

ଲୋକଟିର ଫର୍ମପୂରଣ ସରିଲା । ସେଇଟାକୁ ବଢ଼େଇ ଦେଲା ଦୀନନାଥଙ୍କୁ ଦସ୍ତଖତ କରିବା ପାଇଁ । ତିଳେମାତ୍ର ଆଉ ଚିନ୍ତା ନ କରି ସେ ନିଜର ନାମ ଦରଜ କରିଦେଲେ । ଅବଶେଷରେ ଲୋକଟି ଟଙ୍କା ସହିତ ମାଗିଲା ଝିଅ ଜ୍ୱାଇଁଙ୍କ ଭୋଟର ପରିଚୟପତ୍ରର ଜେରେକ୍ସ ନକଲ । ଦୀନନାଥ ଆଣି ନାହାନ୍ତି ବୋଲି କହିଲେ । ଲୋକଟି ପରେ ଆଣି ମୋତେ ଦେଇଯିବେ ।" କହି ଫାଇଲ୍ ବନ୍ଦକଲା । ଦୀନନାଥ ଚେୟାର୍ ଛାଡ଼ିବା ପୂର୍ବରୁ ପଚାରିଲେ -

"କେତେ ଟଙ୍କା ?"

"ସାର୍, ଆପଣଙ୍କ ଇଚ୍ଛା ।"

ଦୀନନାଥ ଅନୁଭବ କଲେ ଲାଞ୍ଚ ନେବାଟା ଏ ଦେଶରେ ଆଜି ବୈଧ ହୋଇଗଲାଣି । ଏ ସବୁ କରିବାକୁ ଲୋକେ ଆଉ ସଂକୋଚ କରୁ ନାହାନ୍ତି । ଭାବବାଦୀମାନେ ନେବାଲୋକ ଓ ଦେବାଲୋକ ଉଭୟଙ୍କୁ ଏଥିପାଇଁ ଦାୟୀ କରିଥାନ୍ତି । କିନ୍ତୁ ଲାଞ୍ଚ ଦେଉଥିବା ଲୋକ ପରିସ୍ଥିତି ଅନୁସାରେ ବାଧ ହୋଇଥାଏ ଦେବାପାଇଁ । ତା'ର କାମ ହେବା ଦରକାର । ଲାଞ୍ଚ ନ ଦେଉଥିବା ଲୋକର ଫାଇଲ୍ ହଜିଯାଏ, କାଗଜପତ୍ର ଗାଏବ୍ ହୋଇଯାଏ । ଲାଞ୍ଚ ଦେବା କ୍ଷେତ୍ରରେ ମଣିଷଟି ଯେପରି ଅସହାୟତା ଅନୁଭବ କରି ବାଧ ହୋଇଥାଏ ଦେବାକୁ । ଲାଞ୍ଚ ନେଉଥିବା ଲୋକଟିକୁ ସେହି କ୍ରମରେ ସେ ନିର୍ଦ୍ଦୟ ଓ ଅବିବେକୀ ବୋଲି ଭାବେ । ଏ କ୍ଷେତ୍ରରେ ତାଙ୍କ ଜୀବନରେ ଘଟିଥିବା ପ୍ରତ୍ୟକ୍ଷ ଅନୁଭୂତିଟିଏ ମନେପଡ଼ିଲା । ଦୀନନାଥ ଚାକିରୀ କରିବାର କେତେ ବର୍ଷ ପରେ ପ୍ରମୋସନ୍ ପାଇଁ ପ୍ରସ୍ତାବ ପଠେଇବାକୁ ସରକାରରୁ କଲେଜକୁ ଚିଠି ଆସିଲା । ଠିକ୍ ସମୟରେ ଅଫିସ୍‌ରୁ ପ୍ରସ୍ତାବ ଗଲା । ଗୁପ୍ତ ଚରିତ୍ର ପଞ୍ଜିକା ସହିତ ସମସ୍ତ କାଗଜପତ୍ର ଯାହା ଯେପରି ଦେବା କଥା ଦିଆଗଲା । କିନ୍ତୁ ଆଶ୍ଚର୍ଯ୍ୟ, କିଛି ଦିନପରେ ଗୁପ୍ତ ପଞ୍ଜିକାରୁ ଏକ ବର୍ଷ ତିନିମାସ ଉଣା ରହିଛି ବୋଲି ପୁଣି ଏକ ଚିଠି ଆସିଲା । ଏପରି ବ୍ୟତିକ୍ରମ ତାଙ୍କର ଏକା ନଥିଲା । ତାଙ୍କପରି ଅନେକ ଲୋକଙ୍କର ଏପରି ଘଟିଥିଲା । (କ୍ରମଶଃ)

---

## ଅଣୁ ଗଳ୍ପ

# ବାପାଙ୍କ ଘର

ମୂଳହିନ୍ଦୀ- ନୀନା ସିହ୍ନା

ଅନୁବାଦ: ବିନୟ କୁମାର ଦାସ

"ବଡଭାଇ ଆଉ ସାନଭାଇ..ଏଇ ନିଅ ଘରର ସବୁ ଚାବିକାଠି । ବାପାଙ୍କ ଶୁଦ୍ଧିକର୍ମ ଭୋଜିଭାତ ସବୁ ତ ଭଲରେ ଭଲରେ ସରିଗଲା । ବନ୍ଧୁବାନ୍ଧବମାନେ ବି ଯିଏ ଯାହାର ନିଜଘରକୁ ଫେରିଗଲେଣି । ଘର ଦୁଆର ଆଉ ପ୍ରତିଟି କୋଠରୀ ମୁଁ ଲୋକ ଲଗାଇ ଭଲ ଭାବରେ ସଫା ସୁତୁରା କରାଇ ଦେଇଛି । ଏବେ ମୋ ଦାୟିତ୍ୱ ସରଛି । ମୋତେ ବିଦାୟ ଦିଅ । ମୋତେ ପୁଣି ମୋ ଘର ବି ଦେଖିବାକୁ ପଡିବ । ସେଠାକାର ସବୁ ଦାୟିତ୍ୱ ବୋହୂମାନଂକ ହାତରେ ସମର୍ପି ଦେଇ ଆସିଥିଲି । ସେମାନେ ପିଲାଲୋକ..ଠିକ୍ ଭାବରେ ଘର ସମ୍ଭାଳି ପାରୁ ନାହାନ୍ତି । ସେଥିପାଇଁ ତୁମ ଭିଣେଇ ଅବଶ୍ୟ ମନ ଉଣା କରୁଥିଲେ । ମୋତେ ଫେରିଯାଇ ପୁଣି ସବୁ ସଜାଡି ନେବାକୁ ହେବ ।" ଦୁଇଭାଇଙ୍କୁ ବୁଝାଇଲା ସ୍ୱରରେ କହିଲେ କାନ୍ତିଦେବୀ ।

ଏତକ ଶୁଣି ବଡଭାଇଙ୍କ ମୁହଁ ଶୁଖିଗଲା ପରି ଜଣାଗଲା । ହୁଏତ ସେ ଏମିତି କିଛି ଶୁଣିବେ ବୋଲି ଆଶା କରୁନଥିଲେ । ସାନଭାଇ କହିଲେ, "ତୁ ଏ କଣ କହୁଛୁ କାନ୍ତି ? ତୋର ଏବେ ବାଷଠି ବର୍ଷ । ତୁ ପୁଣି ହୃଦ୍ ରୋଗରେ ଆକ୍ରାନ୍ତ । ମଝିରେ ମଝିରେ ଡାକ୍ତରଙ୍କ ପରାମର୍ଶ ଦରକାର । ଗାଁ କୁ ଚାଲିଗଲେ କେମିତି ହେବ ?"

"ଗାଁକୁ ଗଲେ ବି ମୁଁ ଦରକାର ବେଳେ ସହରକୁ ଆସିବିନି କି ? ଆସିଲେ ତ ଏଇଠି ରହିକରି ଯିବି । ମୋ ଅସୁବିଧା କଥା ତ ମୁଁ ସବୁ ତମୁକୁ କହିଦେଲି । ମୋତେ ଫେରିଯିବାକୁ ହେବ ଭାଇ ।"

"ସେକଥା ହୋଇପାରିବନି । ତୁ ଏତେଦିନ ଏଠାରେ ରହିଲୁ । ବାପାଙ୍କ ସେବା କଲୁ । ଏ ଘର, ଜମିବାଡି ଆଉ ବାପାଙ୍କ କଥା ବୁଝୁଥିବାରୁ ଆମେ ନିଶ୍ଚିନ୍ତରେ ରହିଥିଲୁ । ଏବେ ଗାଁକୁ ଫେରିଯିବା କଥା କହୁଚୁ ...ସେକଥା ଜମା ମନକୁ ଆଣନା ଭଉଣୀ ।"

କାନ୍ତିଦେବୀ କିଛି କହିବା ପୂର୍ବରୁ ବଡଭାଇ କହିଲେ, "ତୋର ଏ ସିଦ୍ଧାନ୍ତ ଠିକ୍ ହେଉନି କାନ୍ତି । ତୁ କଣ ନ କରିଛୁ ଏ ଘର ପାଇଁ ? ଏ ଘର ପାଇଁ ତୋ ତ୍ୟାଗ ଆଉ ଶ୍ରମ ଆମ ଦୁଇଭାଇଙ୍କୁ ସତରେ ଚକିତ କରାଇ ଦେଇଛି । ବାପାଙ୍କର ସ୍ୱଳ୍ପ ପେନସନ୍ ଆଉ ଜମିବାଡିରୁ ଆୟ ହେଉଥିଲା ସୀମିତ ଅର୍ଥରାଶିକୁ ଘରଖର୍ଚ୍ଚ ଆଉ ବାପାଙ୍କ ଔଷଧପତ୍ର ଓ ଅନ୍ୟାନ୍ୟ ଯାବତୀୟ ଖର୍ଚ୍ଚକୁ ତୁ ଶୃଂଖଳିତ ଭାବରେ କରି ଆସୁଥିଲୁ । ଆମେ ତୋ କାମରେ କେବେ ବି ମୁଣ୍ଡ ପୂରେଇନାହୁଁ । ଅଥଚ ଆଜି ତୋର ଏ ଆକସ୍ମିକ ସିଦ୍ଧାନ୍ତ ଆମକୁ ଚିନ୍ତାରେ ପକାଇ ଦେଇଛି ।"

କାନ୍ତିଦେବୀ କିଛି କହିବେ କହିବେ ହେଉଥିଲେ । କିନ୍ତୁ ତା ପୂର୍ବରୁ ବଡଭାଇ ପୁଣି କହିଲେ, "କାନ୍ତି, ଆଜି ଏହି ଅବସରରେ ଆମେ ଦୁଇ ଭାଇ ତୋତେ ଗୋଟେ ଅତି ଗୋପନୀୟ ଗୁରୁତର ସତ୍ୟର ପର୍ଦ୍ଦାଫାସ୍ କରିବାକୁ ଉଚିତ ମନେ କରୁଚୁ..। ଜାଣିଚୁ, ଆମେ ଭାବୁଥିଲୁ, ଏମିତି ତ ତୁ ହୃଦରୋଗୀ । ଔଷଧ, ପଥ୍ୟ, ଚିକିତ୍ସା ବାବଦରେ ତୋର ବହୁତ ଖର୍ଚ୍ଚ ହେଉଥିବ । ଭିଣେଇଙ୍କର ତ ସେମିତି ବିଶେଷ କିଛି ରୋଜଗାର ନାହିଁ । ତେଣୁ ତୁ ଏଠାରେ ରହି ବାପାଙ୍କ ସେବା କରିବା ଆଳରେ ତାଙ୍କ ପେନସନ୍ ଆଉ ଜମିରୁ ଆୟ ହେଉଥିବା ଅର୍ଥକୁ ତୋ କାମରେ ବିନିଯୋଗ କରୁଥିବୁ ନିଶ୍ଚୟ । ହେଲେ ଏଠାକୁ ଆସି ସବୁ କିଛି ଜାଣିବା ପରେ ଆମେ ତ ଆଶ୍ଚର୍ଯ୍ୟ ହୋଇଗଲୁ । ଜମିରୁ ମିଳୁଥିବା ସମସ୍ତ ଅର୍ଥକୁ ତୁ ବ୍ୟାଙ୍କରେ ଜମା କରିଦେଇଛୁ । କେବଳ ପେନସନ୍ ଟଙ୍କାରେ ତୁ ସବୁ ଖର୍ଚ୍ଚ ତୁଲାଉଥିଲୁ । କେମିତି ଯେ ତୁ ଏତକ ମେନେଜ୍ କରିପାରୁଥିଲୁ, ଆମେ ତ ଭାବି ପାରୁନୁ ।"

ଏତକ କହିଦେଇ ସେ ଖୁବ୍ ଭାବପ୍ରବଣ ହୋଇଗଲେ । ଟିକେ ରହି ପୁଣି କହିଲେ, "ଆମେ ଦୁଇ ଭାଇ ନିଜ ନିଜ ପରିବାରକୁ ନେଇ ଦୁଇ ଭିନ୍ନ ସହରରେ ରହୁଥିଲୁ । ଚାକିରିରୁ ଅବସର ନେବା ପରେ ବି ବାପାଙ୍କ କଥା ଆମେ ବୁଝିପାରିନୁ । ତୁ ସେତକ କାମ ଏତେ ସୁରୁଖୁରୁରେ କରୁଥିଲୁ ଯେ ଆମକୁ ସେ ବିଷୟରେ କେବେ ଚିନ୍ତା କରିବାକୁ ପଡିନି । ଏବେ ଆମ ପୁଅମାନେ ବାପାଙ୍କ ସଂପତ୍ତିରୁ ଭାଗ ନେବା ପାଇଁ ଅଡି ବସିବେ । ହେଲେ ଆମେ ଦୁହେଁ ମିଶି ଏ ସବୁ ସଂପତ୍ତିକୁ ତୋ ନାମରେ କରିଦେଇଛୁ । ତୁ ବ୍ୟାଙ୍କରେ ଜମା କରିଥିବା ଅର୍ଥକୁ ବି ତୋ ନାମରେ ସ୍ଥାୟୀ ଜମା ହିସାବରେ ରଖିଦେଇଛୁ । ସେଥିରୁ ତୁ ପ୍ରତି ମାସ ଭଲ ପରିମାଣର ସୁଧ ପାଇଯିବୁ ।"

ଏକଥା କହିବା ସମୟରେ ସାନଭାଇ ମୁରୁକି ମୁରୁକି ହସୁଥିଲେ ଆଉ କାନ୍ତିଦେବୀ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । କଣ ଏମିତି ସବୁ କହିଯାଉଛନ୍ତି ବଡଭାଇ ? ତହୁଁ ସାନଭାଇ କହିଲେ, "ଆମେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସହରରେ ରହୁଥିଲେ ବି ଫୋନ୍‌ରେ ତୋ କଥା ଆଲୋଚନା କରୁଥିଲୁ । ତୋ ପ୍ରତି ଆମର ଏକ ମସ୍ତବଡ ଭୁଲ ଧାରଣା ରହିଥିଲା । ଏଠାକୁ ଆସିବା ପରେ ଆଉ ସବୁକଥା ଜାଣିଯିବା ପରେ ଆମ ଆଖିରେ ତୁ ଦେବୀ ପ୍ରତିମାଟିଏ ବନି ଯାଇଛୁ । ଭାଇ ଭଉଣୀ ଭାବରେ ପିଲାଦିନେ ଆମେ କଣ କଳି କରିଛୁ..ପୁଣି ମିଶିଯାଇଛୁ..ମାନ ଅଭିମାନ ଭିତରେ ଆମ ପିଲାଦିନ ବେଶ୍ ଭଲରେ ବିତିଥିଲା । ଆମ ସଂପର୍କର ସେଇ ଝଙ୍କାଳିଆ ଗଛଟିର ଚେର ଭୂମିର ଏତେ ଭିତରକୁ ଯାଇଛି ଯେ ତାହା କେବେ ବି ଆମ ସଂପର୍କର ଗଛକୁ ଉପୁଡି ଯିବାକୁ ଦେବନି । ଜୀବନରେ ଯେତେ ଝଡଝଂଜା ଆସିଲେ ବି ଆମେ ସେଇ ଭାଇ ଭଉଣୀ ।"

ଏତକ କହିସାରି ଦୁଇଭାଇ ପରସ୍ପରକୁ ଚାହିଁ ଟିକେ ଆତ୍ମ ତୃପ୍ତିର ହସ ହସିଦେଲେ । ଆଦେଶ ଦେବା ସ୍ୱରରେ ବଡଭାଇ କହିଲେ, "ଶୁଣ କାନ୍ତି, ଏଇଟା ମୋର ବଡଭାଇ ହିସାବରେ ତୋତେ ଆଦେଶ । ତୁ ଏଠାରୁ କୁଆଡେ ଯିବାର ନାମ ନେବୁନି । ଏ ଜମିବାଡି ଘର ସବୁ ତୋର । କାଗଜପତ୍ର ସରିଛି । ତୁ ତୋ ପରିବାରକୁ ନେଇ ଏଠାକୁ ଚାଲିଆସିବୁ । ସୁଧ ଟଙ୍କାରେ ତୁମେ ଭଲରେ ଚଳିଯିବ । ତୁ ଏଠାରେ ରହିଲେ ବାପାଙ୍କ ଆତ୍ମା ନିଶ୍ଚୟ ଶାନ୍ତି ପାଇବ ।"

"ବଡଭାଇ ଆଉ ସାନଭାଇ, ତୁମେ ଦୁହେଁ ମୋର ଜୀବନର ଅନ୍ତିମ ସମୟରେ ଆତ୍ମବିଶ୍ୱାସର ବଳ ଭରିଦେଲ ।ଏତିକି ମୋ ପାଇଁ ଯଥେଷ୍ଟ । ତୁମ ଦୁହିଁଙ୍କର ସ୍ନେହ ଏ ଭଉଣୀ ପ୍ରତି ସେମିତି ଶେଷ ପର୍ଯ୍ୟନ୍ତ ଅତୁଟ ରହୁ । ତୁମେ ଦୁହେଁ ଈଶ୍ୱରଙ୍କ ଦୟାରୁ ନିଜ ପରିବାର ସହ ଭଲରେ ରୁହ..ଏତିକି ମୋର କାମନା ।"

କାନ୍ତିଦେବୀଙ୍କ ଆଖିରୁ କେଇବୁନ୍ଦା ଲୁହ ଝରି ଆସୁଥିଲା ଏତକ କହିବା ସମୟରେ ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଚିନ୍ତା ଅନୁଚିନ୍ତା (୧୭)

# ବୈବାହିକ ଜୀବନ ଏଣିକି ହେଉନି ସୁଖମୟ


କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩


**ବିବାହପରର ପୁଅଝିଅଙ୍କ ସୁଖମୟ ଜୀବନ ଗଢ଼ିଦେବା କ୍ଷେତ୍ରରେ ଦୁହିଁଙ୍କ ପରିବାର ମଧ୍ୟ ଖୁବ୍ ଯତ୍ନଶୀଳ ହେବା ଦରକାର । କେବଳ ଆକ୍ଷେପ ପ୍ରତି ଆକ୍ଷେପରେ ରହିଲେ ନୂଆକରି ବସାଟିଏ ବାନ୍ଧୁଥିବା ଦୁଇ ଶୁଆଶାରୀ ପରସ୍ପରଠୁଁ ଦୂରେଇ ଯିବେନି ବରଂ ଅକାଳ ଅଘଟଣକୁ ଆପଣେଇ ନେବାରେ ଦ୍ୱିଧା ଅନୁଭବ କରନ୍ତି ନାହିଁ ।**

ସଂପ୍ରତି ଭାରତୀୟ ଜନଜୀବନରେ ଯେଉଁ ପ୍ରମୁଖ ସମସ୍ୟାଟି ମୁଣ୍ଡ ଟେକିଛି ତାହା ହେଲା ବୈବାହିକ ଜୀବନର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ । ଏହା କ୍ରମଶଃ ଜଟିଳ ହେବାରେ ଲାଗିଛି । ପୁଣି ଭାରତର ଉଚ୍ଚତମ ନ୍ୟାୟାଳୟ ସ୍ୱାମୀ ସ୍ତ୍ରୀଙ୍କ ବିବାହ ପରର ଜୀବନଧାରାରେ ଯେଉଁସବୁ ନୂତନ ଆଇନର ପ୍ରବର୍ତ୍ତନ କଲେ ତାହା ସମସ୍ୟାକୁ ଦ୍ୱିଗୁଣିତ କରାଇଛି । ଫଳରେ ପରିବାର ଜୀବନ କ୍ରମଶଃ ଅସଜଡ଼ା ହୋଇ ଅଶାନ୍ତିର ବଳୟ ମଧ୍ୟକୁ ଠେଲି ହୋଇଯାଉଛି । ଏଣୁ ବୈବାହିକ ଜୀବନ ଆଉ ସୁଖପ୍ରଦ ନହୋଇ ଯନ୍ତ୍ରଣାମୟ ହେବାକୁ ବସିଲାଣି । ଯାହା ଏକ ସୁସ୍ଥ ଜୀବନଧାରା ପାଇଁ ଶୁଭଙ୍କର ନୁହେଁ । ଏ ଦିଗରେ ବିବିଧ କ୍ଷେତ୍ରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲେ ବି ତାର ଗମ୍ଭୀରତାକୁ ଦେଶର ନ୍ୟାୟାଳୟ ବା ଜନପ୍ରତିନିଧିମାନେ ଏତେ ଗୁରୁତ୍ୱଦେଇ ବିଚାର ବିମର୍ଷ କ୍ଷେତ୍ରକୁ ଆଣି ନାହାଁନ୍ତି । କିନ୍ତୁ କ୍ରମଶଃ ଯେ ବୃଦ୍ଧିପାଇ ପରିଣତି ଭୟାବହ ଅବସ୍ଥାକୁ ଯାଉଛି ତାହାକୁ ଅନୁଭବ କରି ଜନସାଧାରଣଙ୍କ ମଧ୍ୟରେ ଖୋଲା ବିତର୍କ ସହ ଏ ଦିଗରେ ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରିବାର ବେଳ ଉପନୀତ ହୋଇସାରିଛି । ଅଧିକ ବିଳମ୍ବରେ ଆମର ଯେଉଁ ସ୍ୱତନ୍ତ୍ର ପରିଚୟ ବିଶ୍ୱ ସମୁଦାୟ ଆଗରେ ରହିଆସିଛି ତାହା କ୍ଷୁର୍ଣ୍ଣ ହେବାକୁ ବେଶି ସମୟ ଲାଗିବନାହିଁ ।

'ବିବାହ'ର ଆକ୍ଷରିକ ଅର୍ଥ ହେଲା ପାଣିଗ୍ରହଣ ବା ପରିଣୟ । ପାଣି ଅର୍ଥାତ୍ ହସ୍ତ । ଜଣେ ଆଉ ଜଣଙ୍କ ହସ୍ତକୁ ଗ୍ରହଣ କରିନିଏ ସାରା ଜୀବନ ପାଇଁ । ତାହାକୁ ବହନ କରିବାକୁ ବଚନ ଦିଏ ଅଗ୍ନି ସମ୍ମୁଖରେ ହୋମକୁଣ୍ଡର ଯଜ୍ଞମନ୍ତ୍ରର ଉଚ୍ଚାରଣରେ ଉଭୟ ବର ଓ କନ୍ୟାପକ୍ଷ ସହ ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ । ଏହା ଦେଶାଚାର, ଲୋକାଚାର, ଶାସ୍ତ୍ରସମ୍ମତ ବା ବିଧି ସମ୍ମତ । ଯାହାକୁ ବୈଦିକରୀତିରେ ସମ୍ପନ୍ନ ବୈବାହିକ ପଦ୍ଧତି ରୂପେ ଆମ ସମ୍ବିଧାନ ସ୍ୱୀକୃତି ଦେଇସାରିଛି । ଗୋଟିଏ ଭୂଖଣ୍ଡ ତାର ପୂର୍ବସୁରୀଙ୍କ ପ୍ରଦତ୍ତ ବିଧିବ୍ୟବସ୍ଥା, ପ୍ରଚଳିତ ପଦ୍ଧତିକୁ ଗ୍ରହଣ କରି ନିଜସ୍ୱ ପରିଚୟରେ ଗୌରାବାନ୍ୱିତ ହୁଏ । ସେହି ବ୍ୟବସ୍ଥା ବଞ୍ଚିରହିବା ଅର୍ଥ ଆମର ପରିଚୟର ପରାକାଷ୍ଠା ପ୍ରଦର୍ଶନ । ସେହି ବ୍ୟବସ୍ଥା ଆଜି ଯେବେ ଭୁଶୁଡ଼ି ପଡ଼ିବାକୁ ଯାଉଛି ସେତେବେଳେ ସବୁସ୍ତରରେ ଚିନ୍ତାପ୍ରକଟ ନକଲେ କ୍ରମଶଃ ଆମ ଜୀବନଯାତ୍ରାରେ ଯେଉଁ ନୂତନ ଘଟଣା ଘଟିବାର କ୍ଷେତ୍ର ପ୍ରସ୍ତୁତି ହେଉଛି ତାହା କେବେ ଶୁଭଙ୍କର ହେବନାହିଁ । ବରଂ ଜୀବନ ଦୁର୍ବିସହ ହେବ ।

ସୃଷ୍ଟି ସର୍ଜନାରେ ଉଦ୍ଭିଦ ଜଗତଠାରୁ ପ୍ରାଣୀଜଗତ ଓ ଜୀବଜଗତ (କୀଟ ପତଙ୍ଗଠାରୁ ମନୁଷ୍ୟ ପର୍ଯ୍ୟନ୍ତ) ଲିଙ୍ଗଗତ ପାର୍ଥକ୍ୟ ହେତୁ ସୃଷ୍ଟି ପ୍ରକ୍ରିୟା ଧାବିତ । ଏହା ମଧ୍ୟ ବିଜ୍ଞାନସମ୍ମତ । ଏଣୁ ପୁରୁଷ ନାରୀ ମଧ୍ୟରେ ବୈବାହିକ ସଂପର୍କ ଯୋଡ଼ାଯାଇ ସମାଜ ଓ ଆଇନ ସମ୍ମତ ବିଧିବ୍ୟବସ୍ଥାରେ ସ୍ୱାମୀ ଓ ସ୍ତ୍ରୀ ରୂପେ ଏକତ୍ର ସହାବସ୍ଥାନ ପୂର୍ବକ ଉତ୍ତରସୁରୀ ସୃଷ୍ଟି କରି ସଂସାରକୁ ଆଗେଇ ନିଅନ୍ତି । ପିଢ଼ି ପରେ ପିଢ଼ି ଏହି ପ୍ରକ୍ରିୟାରେ ହଜାର ହଜାର ବର୍ଷ ଧରି ସଂସାର ସଂରଚନାର ଏହି ପଥକୁ ଗ୍ରହଣ କରାଯାଇ ଚାଲିଛି । ତେବେ ବିଧିବ୍ୟବସ୍ଥା ଭିତରେ ନରନାରୀ ସଂସାର ବାନ୍ଧି ସେମାନେ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ବାଧ ହୁଅନ୍ତି । ଯାହାଫଳରେ ଏକ ସୁସ୍ଥ ପରିବାର ବା ସୁସ୍ଥ ସମାଜ ଗଠନର ପ୍ରକ୍ରିୟା ଚିରନ୍ତନ ଆଗେଇ ଚାଲିଛି । ନଚେତ୍ ତ' ସବୁ ଦେବାଳିଆ ହୋଇଯାନ୍ତା । ଏହି କ୍ରମରେ ହିଁ ବଂଶ ପରିଚିତିର ସୃଷ୍ଟି । ସମଗ୍ର ବିଶ୍ୱର ସମସ୍ତ ରାଷ୍ଟ୍ର ଭାରତୀୟ ପାରିବାରିକ ଜୀବନଧାରାର ପ୍ରଶଂସା ସଦା କରି ଆସିଛନ୍ତି । ତେବେ ଅଧୁନା ଏହି ଜୀବନଧାରାର ସ୍ଥିତାବସ୍ଥା ବଜାୟ ରଖିବା ଉପରେ ବିରାଟ ପ୍ରଶ୍ନବାଚୀ ଦଣ୍ଡାୟମାନ ।

'ବିବାହ' ସୁଖ ଶାନ୍ତି ପାଇଁ ଉଦ୍ଦିଷ୍ଟ । କର୍ମକ୍ଳାନ୍ତ ଜୀବନରେ ଦାମ୍ପତ୍ୟର ମଧୁମୟ ଆବେଗ ହିଁ ଦିଏ ସାନ୍ତ୍ୱନା ସୁଷୁପ୍ତି । ଏହା ଏକ ଆବେଗମୟ ଘଟଣା । ଏଥିରେ ଭରିଥାଏ ବିଶ୍ୱାସ ଭଳି ମହାମନ୍ତ୍ର । ମାତ୍ର ସନ୍ଦେହର ସାମାନ୍ୟକୀଟ ଧ୍ୱଂସ କରିଦିଏ ବିଶ୍ୱସ୍ତ ଦାମ୍ପତ୍ୟମୟ ଜୀବନକୁ । ହାହାକର କରିଉଠେ ଦାମ୍ପତ୍ୟ । ଯେବେ ଦୁଇ ଅଚିହ୍ନା ଯୁବକ ଯୁବତୀ ବିବାହ ବନ୍ଧନରେ ବାନ୍ଧିହୁଅନ୍ତି ସେବେ ଯେଉଁ ସମ୍ପର୍କର କୋଣାର୍କ ଗଢ଼ି ଚାଲନ୍ତି ତହିଁରେ ଦଧିନଉତି ସଦୃଶ ବିଶ୍ୱାସ ହିଁ କାର୍ଯ୍ୟକରେ । ଧୈର୍ଯ୍ୟର ମନ୍ତ୍ରରେ ଦୀକ୍ଷିତ ନହୋଇପାରିଲେ ଅଚିରେ ଏହା ମଧୁମୟ ଇନ୍ଦ୍ରଧନୁର ସପ୍ତରଙ୍ଗରେ ଭରା ବୈବାହିକ ଜୀବନରେ ଘୋଟିଆସେ ଅକାଳ କୁହୁଡ଼ି । ପାରସ୍ପରିକ ବୁଝାମଣାର ଅଭାବ ହେତୁ ରଙ୍ଗିନ ସ୍ୱପ୍ନରେ ବସାଇଥିବା ଚିତ୍ରିତ ଚୌହଦୀରେ ଭରିଯାଏ ଅବିଶ୍ୱାସର ଅନଳ । ଯାହାକି ଦାମ୍ପତ୍ୟର ମଧୁଶାଳା ହୋଇଯାଏ ଛାରଖାର । ଏ ଦିଗରେ ଉଭୟ ବର ଓ କନ୍ୟା ପରିବାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିହିତ । ବିବାହପରର ପୁଅଝିଅଙ୍କ ସୁଖମୟ ଜୀବନ ଗଢ଼ିଦେବା କ୍ଷେତ୍ରରେ ଏମାନେ ମଧ୍ୟ ଖୁବ୍ ଯତ୍ନଶୀଳ ହେବା ଦରକାର । କେବଳ ଆକ୍ଷେପ ପ୍ରତିଆକ୍ଷେପରେ ରହିଲେ ନୂଆକରି ବସାଟିଏ ବାନ୍ଧୁଥିବା ଦୁଇ ଶୁଆଶାରୀ ପରସ୍ପରଠୁଁ ଦୂରେଇ ଯିବେନି ବରଂ ଅକାଳ ଅଘଟଣକୁ ଆପଣେଇ ନେବାରେ ଦ୍ୱିଧା ଅନୁଭବ କରନ୍ତି ନାହିଁ । ଏଣୁ କେବଳ ବିବାହକର୍ମ ସାରିଦେଲେ ଯେ ପିତାମାତାଙ୍କର କାର୍ଯ୍ୟ ସରିଗଲା ଏହା ଭାବି ବସିଲେ ବିରାଟ ଭୁଲ ହୋଇଯାଏ । ବରଂ ଅଧିକ ଧ୍ୟାନଶୀଳ ହେବାକୁ ପଡ଼େ ବିବାହ ପରର ଅନ୍ତତଃ କିଛି ବର୍ଷ ସେମାନେ କିଭଳି ପରସ୍ପର ସହିତ ଖାପଖୁଆଇ ଚଳିବେ, ସେ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖି ସମସ୍ୟା ଲକ୍ଷ୍ୟ କଲେ ଓ କାଳବିଳମ୍ବ ନକରି ସମାଧାନର ସୂତ୍ର ବାହାର କରିବା ଉଚିତ୍ । ନଚେତ୍ ନିକଟ ଅତୀତରେ ଓଡ଼ିଶାର ଭୁବନେଶ୍ୱର, ପରଳାଖେମୁଣ୍ଡି, ରାଇକିଆ ଭଳି ଅଞ୍ଚଳରେ ଘଟିଥିବା ଲୋମହର୍ଷଣକାରୀ ଘଟଣାକୁ ଏଡ଼ାଇ ହେବନାହିଁ ।

---




■ ବିପିନ ମହାନ୍ତି

୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## ପ୍ରେମରେ ପ୍ରେମରେ ଗୀତି ....(୧୦)

### ॥ ଚାଲ ଫେରିଯିବା ॥

ପ୍ରିୟା ! ପ୍ରିୟା !! ପ୍ରିୟା !!!
ଫେରିଯିବା ସେ ପିଲାଦିନକୁ
ଆ ମୋ' ପାଖକୁ ଆ ।

ତୁ ହବୁ ଲୋ କନିଆଁ ମୋର
ମୁଁ ହେବି ତୋ' ବର,
ତୋ'ର ମୋର ମିଛିମିଛିକା
ହବ ଲୋ ବାହାଘର,
ଜାମା ଉପରେ ଗାମୁଛା ପିନ୍ଧି ଆସିବୁ ନଇଁନଇଁ,
ଶାଶୁଘରକୁ ବିଦା ହେବୁଲୋ କାନ୍ଦିବୁ କଇଁକଇଁ,
ସାଙ୍ଗ ସାଥୀଏ ତୋ' ଲୁହ ପୋଛି,
ବୁଝାଇବେ ତୋତେ ହାଁ ହାଁ ହାଁ ।

ବୋହୂବେହୂକା ଖେଳରେ ଆମେ
ଯିବା ଲୋ ଦୁହେଁ ମାତି,
ଛାଇଛାଇକା ଗାଁ ଦାଣ୍ଡରେ
ଥିବ ଲୋ ଜହ୍ନରାତି,
ମିଛିମିଛିକା ଶଢ଼େଇରେ ତୁ ରାନ୍ଧିବୁ ଡାଲି ଭାତ,
ମଉକା ଦେଖି ସତସତିକା ଧରିବି ତୋ'ର ହାତ,
ଚୋରେଇ ନେବି ତୋ' ହାତ ଧରି,
ତୁ କରୁଥିବୁ ନା... ନା... ନା... ।

---

# ଅମର ଶହୀଦ୍ ରଘୁନାଥ ମହାନ୍ତି

## ୧୧୨ତମ ଜୟନ୍ତୀ ଅବସରରେ

ଆଲେଖ୍ୟ- ଅରବିନ୍ଦ ତ୍ରିପାଠୀ

ଉତ୍କଳର ସୁଯୋଗ୍ୟ ସନ୍ତାନ ତଥା ନୟାଗଡ଼ ଜିଲ୍ଲାର ଯୁବବିପ୍ଳବୀ, କବି ତଥା ରଣପୁର ଗଡ଼ଜାତ ଆନ୍ଦୋଳନର ମହାନ ସଂଗ୍ରାମୀ ଶହୀଦ୍ ରଘୁନାଥ ମହାନ୍ତି ଦେଶମାତୃକା ପାଇଁ ବଳୀଦାନ ଦେଇଥିଲେ । ରଣପୁର ପ୍ରଜା ଆନ୍ଦୋଳନରେ ସକ୍ରୀୟ ଭାବେ ଅଂଶଗ୍ରହଣ କରିବା ସହିତ ତତ୍କାଳୀନ ରାଜା ଓ ବ୍ରିଟିଶ୍ ଶାସକମାନଙ୍କ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତୋଳନ କରିଥିଲେ । ସେହି ଯୁବ ସଂଗ୍ରାମୀ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ବାଦଭୂଇଁ ଗ୍ରାମରେ ୧୯୧୦ ମସିହା ଜୁଲାଇ ମାସ ୧୮ ତାରିଖରେ ପିତା ନଟବର ମହାନ୍ତି ଓ ମାତା ଲାବଣ୍ୟ ଦେବୀଙ୍କ ଔରସରୁ ଭୂମିଷ୍ଠ ହୋଇଥିଲେ । ଛାତ୍ର ଅବସ୍ଥାରେ ସମାଜରେ ଅନ୍ୟାୟ ଅତ୍ୟାଚାର, ଶୋଷଣ ବିରୋଧରେ କବିତା ଓ ଲେଖାମାନ ପ୍ରକାଶ କରିବା ସହିତ ଓଡ଼ିଶାର ମୁକ୍ତି ପାଇଁ ନିଜ ଜୀବନକୁ ମଧ୍ୟ ବଳୀ ଦେଇଥିଲେ । ପରାଧୀନ ଭାରତ ବର୍ଷର ଓଡ଼ିଶାର ରଣପୁର ପରି ଏକ ଛୋଟଗଡ଼ଜାତ ରାଜ୍ୟରେ ଘଟିଥିବା ଏକ ସଂଗ୍ରାମ ସେତେବେଳେ ସମଗ୍ର ଭାରତବର୍ଷ ଏପରିକି ବ୍ରିଟିଶ୍ ମାନଙ୍କୁ ଦୋହଲାଇ ଦେଇଥିଲା । ନିଜ ବାଲ୍ୟବନ୍ଧୁ ଦିବାକର ପରିଡ଼ାଙ୍କ ସହ ମିଶି ରଘୁନାଥ ଜନସାଧାରଣଙ୍କୁ କିପରି ରାଜା ଓ ଇଂରେଜମାନଙ୍କ କବଳରୁ ମୁକ୍ତ କରିବେ ତାହାର ଚିନ୍ତା ଅହରହ କରୁଥିଲେ । ରଣପୁର ରାଜାଙ୍କ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ବେଠୀ ତଥା ବିଭିନ୍ନ ପ୍ରକାର କୁସଂସ୍କାର ବିରୋଧରେ ପ୍ରଜାମାନଙ୍କୁ ଏକତ୍ରିତ କରିବା ସହିତ ଅନ୍ୟାୟ ବିରୋଧରେ ସ୍ୱର ଉତୋଳନ କରିବା ପାଇଁ ପ୍ରବର୍ତାଉଥିଲେ । ୧୯୩୭-୩୮ ମସିହାରେ ଓଡ଼ିଶାରେ କଂଗ୍ରେସ ଶାସନ ଚାଲିଥିବା ସମୟରେ ରାଜାଙ୍କ ସ୍ୱେଚ୍ଛାଚାରୀ, ଅନ୍ଧାରୀ ଆଇନ ଓ ସେ ସମୟରେ ଏକ ନରବଳୀ ପ୍ରଥା ଯାହାକି ଏକ ଘୃଣ୍ୟ ପ୍ରଥା ଥିଲା । ତାହାର ଉଚ୍ଛେଦ ପାଇଁ ଦିବା-ରାତ୍ର ଲଢ଼େଇ ଆରମ୍ଭ କରିଥିଲେ । ସେତେବେଳେ ରଣପୁରର ପ୍ରଜାମାନେ ୨୮ ପ୍ରକାରର କର ରାଜାଙ୍କୁ ଦେଉଥିଲେ ଯାହାକି ରାଜାଙ୍କ ସ୍ୱେଚ୍ଛାଚାରୀ ଶାସନର ପ୍ରମାଣ ଦେଉଥିଲା । ରଣପୁର ରାଜ୍ୟବାସୀ ରଘୁନାଥ ମହାନ୍ତି ଓ ତାଙ୍କ ବାଲ୍ୟ ସାଥୀ ଦିବାକର ପରିଡ଼ାଙ୍କ ନେତୃତ୍ୱରେ ଏକାଠି ହେବା ସହିତ ଇଂରେଜ ଓ ରାଜାଙ୍କ ଶାସନକୁ ସମାପ୍ତ କରିବା ପାଇଁ ପଣ ଧରିଲେ । ସେତେବେଳେ ପ୍ରଜା ଆନ୍ଦୋଳନ କ୍ରମଶଃ ବୃଦ୍ଧି ପାଇ ଢେଙ୍କାନାଳକୁ ବ୍ୟାପୀ ଯାଇଥିଲା । ଢେଙ୍କାନାଳରେ ବାଜି ରାଉତ ଭଳି ଏକ ସାହସୀ ଯୁବକର ମୃତ୍ୟୁ ଇଂରେଜମାନଙ୍କ ଗୁଳିରେ ହୋଇଥିବା ଜାଣି ନିମିଷକ ମଧ୍ୟରେ ଉକ୍ତ ଖବର ରଣପୁରକୁ ବ୍ୟାପୀଯାଇଥିଲା । ଫଳରେ ରଣପୁର ପ୍ରଜାମାନଙ୍କ ମଧ୍ୟରେ ଆକ୍ରୋଶର ଭାବ ଜାତ ହୋଇଥିଲା । ଏହି ଆନ୍ଦୋଳନକୁ ବିଫଳ କରିବା ପାଇଁ ବିପ୍ଳବୀ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତିଙ୍କୁ ରାଜାଙ୍କ ତରଫରୁ ବହୁ ଅର୍ଥର ଲୋଭ ଦିଆଯାଇଥିଲା ମାତ୍ର ଦେଶପ୍ରେମୀ, ସ୍ୱାଭିମାନୀ, କର୍ମନିଷ୍ଠ ଦୁଇ ବିପ୍ଳବୀ ଏହାକୁ ପ୍ରତ୍ୟାଖାନ କରିଥିଲେ । ରଣପୁରରେ ପ୍ରଜାଙ୍କ ଆନ୍ଦୋଳନ ରାଜାଙ୍କ ବିରୋଧରେ ତୀବ୍ର ଭାବରେ ଘଟିଥିଲା । ଫଳରେ ବହୁ କର୍ମୀ ଓ



ଜନସାଧାରଣଙ୍କୁ ରାଜା ଗିରଫ କରିଥିଲେ । ତାଙ୍କର ମୁକ୍ତି ପାଇଁ ୧୯୩୯ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ପ୍ରଜାମଣ୍ଡଳ ତରଫରୁ ରାଜପ୍ରାସାଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ସହିତ ରାଜଶାସନ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ଏହି ପରିସ୍ଥିତିକୁ ଆୟତ କରିବା ପାଇଁ ବ୍ରିଟିଶ ସରକାର ନୟାଗଡ଼ରେ ଥିବା ପଲିଟିକାଲ୍ ଏଜେଂଟ୍ ମେଜର ଆର୍.ଏଲ୍ ବେଜେଲ୍‌ଗେଟ୍‌ଙ୍କ ସାହାଯ୍ୟ ନେଇଥିଲେ । ଅତ୍ୟାଚାରୀ ବେଜେଲ୍‌ଗେଟ୍ ରଣପୁର ଆସିଲେ ଲୋକମାନଙ୍କ ଉପରେ ଅତ୍ୟାଚାର ହେବା ଜାଣି ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତେଜନା ବୃଦ୍ଧି ପାଇଥିଲା । ରଣପୁର ରାଜାଙ୍କଠାରୁ ସମ୍ବାଦ ପାଇ ବେଜେଲ୍‌ଗେଟ୍ ପୋଲିସ୍‌ମାନଙ୍କ ସହିତ ରଣପୁର ଆସିଲେ । ବାଟରେ କିଛି ବ୍ୟକ୍ତି ତାଳପତ୍ର ଦ୍ୱାରା ରାସ୍ତା ଅବରୋଧ କରିଥିଲେ । ଏହି କ୍ରମରେ ବେଜେଲ୍‌ଗେଟ୍ ଏବଂ ରାସ୍ତା ଅବରୋଧ କରିଥିବା ବୁଦ୍ଧନାଥ ଭୋଳ ଓ ତାଙ୍କ ସହକର୍ମୀମାନଙ୍କୁ ନିର୍ମମ ଭାବେ ସେ ମରଣାନ୍ତକ ପ୍ରହାର କରିଥିଲେ । ଏହି ଖବର ଆଖିପିଛୁଳାକେ ରଣପୁରରେ ପହଂଚିଯାଇଥିଲା । ଫଳରେ ରଣପୁର ଜନସାଧାରଣଙ୍କ ମନରେ ତାଙ୍କ ପ୍ରତି କ୍ରୋଧର ଭାବ ଚରମ ସୀମାରେ ପହଂଚିଯାଇଥିଲା । କିଛି ସମୟ ପରେ ସାହେବ ସେଠାରେ ପହଂଚିବା ପରେ ଉତ୍ୟକ୍ତ ଓ କ୍ରୋଧିତ ଜନତା ତାଙ୍କୁ ଘେରି ଯାଇଥିଲେ । ଏହି ସମୟରେ ମୟୁରଝୋଲିଆ ଗ୍ରାମର ଅର୍ଜୁନ ରାଉତଙ୍କ ଘଟଣାସମୟରେ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଉତ୍ୟକ୍ତ ପ୍ରଜା ମିଳିତଭାବେ ବେଜେଲ୍‌ଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ମାରିଦେଇଥିଲେ । ଯେହେତୁ ଯୁବ ବିପ୍ଳବୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଏହାର ନେତୃତ୍ୱ ନେଉଥିଲେ ସେମାନଙ୍କ ବିରୋଧରେ ମିଥ୍ୟା ଷଡ଼ଯନ୍ତ୍ର ଓ ସାକ୍ଷପ୍ରମାଣ ସଂଗ୍ରହ କରି ଅଭିଯୋଗପତ୍ର ପ୍ରସ୍ତୁତ କରାଯାଇଥିଲା । ବିହାର ପ୍ରଦେଶର ଅନ୍ତର୍ଭୁକ୍ତ ଗୟାର ଦୌରାଜଜଙ୍କ ନିକଟରେ ଶୁଣାଣି ହୋଇଥିଲା । ଶେଷରେ ଦୁଇ ବିପ୍ଳବୀ ମିଥ୍ୟା ଷଡ଼ଯନ୍ତ୍ରର ଶିକାର ହୋଇ ୧୯୪୧ ମସିହା ଏପ୍ରିଲ୍ ମାସ ୪ ତାରିଖରେ ଭାଗଲପୁର ଜେଲ୍‌ରେ ଉଭୟଙ୍କୁ ଫାଶୀଦଣ୍ଡାଦେଶ ହୋଇଥିଲା । ଉକ୍ତ ଦୁଇ ବିପ୍ଳବୀ ଆଜି ଆମ ଗହଣରେ ନାହାନ୍ତି ସତ ମାତ୍ର ତାଙ୍କ ଦେଶପ୍ରେମ, ନିଷ୍ଠା, ବଳିଦାନର ଆଜିବି ପ୍ରାସଙ୍ଗିକତା ରହିଛି । ଶହୀଦ୍ ରଘୁ-ଦିବାକର ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ା ରାଜଧାନୀରେ ଥିବା ତାଙ୍କ ପ୍ରତିମୂର୍ତ୍ତି ସ୍ଥଳଠାରେ ଆବିର୍ଭାବ ଓ ତିରୋଧାନ ଦିବସମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତିଚାରଣ ସଭାର ଆୟୋଜନ କରିଆସୁଛନ୍ତି । ଏହିପରି ମହାନ୍ ଦେଶପ୍ରେମୀ ଉତ୍କଳର ସନ୍ତାନ ଶହୀଦ୍ ରଘୁନାଥ ମହାନ୍ତିଙ୍କ ୧୧୨ତମ ପୁଣ୍ୟତିଥି ଅବସରରେ କୋଟି ପ୍ରଣାମ ।


+ ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ
ଭୁବନେଶ୍ୱର, ମୋ: ୯୯୩୭୬୮୯୬୮୩


---



# ॥ କଳି ଯୁଗର ବାଲ୍ମୀକି : ରାମାନନ୍ଦ ସାଗର୍ ॥


● ଦୀପକ ରଂଜନ ମିଶ୍ର




(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟ୍ରଙ୍କ୍ ସମେତ ପରିବାରର ସମସ୍ତଙ୍କୁ ଜାହାଜ ଭିତରକୁ ଠେଲିଦେଇ ମିଷ୍ଟର ପଟ୍ଟନାୟକଙ୍କ ଆଖିରେ ଆଖି ମିଶାଇ କହନ୍ତି, "ତୁମଠାରେ ଲାଜସରମ କିଛି ନାହିଁକି ? ସିଏ ଆମ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଆମେ ଚାରିଦିନ ହେଲା ଭୋକ ଓପାସରେ ପଡ଼ିଛୁ । ତାଙ୍କୁ କିଛି ବି ଯଦି ତୁମେ କହିବ ତେବେ ମୁଁ ଓ ମୋ ଟବ୍ବର୍ (ସଂଯୁକ୍ତ ପରିବାର) ତୁମକୁ କଞ୍ଚା ଚୋବାଇ ଖାଇଯିବୁ ।" ମିଷ୍ଟର ପଟ୍ଟନାୟକ ରକ୍ତଚାଉଳ ଚୋବାଇ ଟ୍ରଙ୍କ୍‌କୁ ଗୋଟେ ଗୋଇଠା ପକାନ୍ତି । ଡାଙ୍କୁଣିଟି ଖୋଲିଯିବା ସହ କିଛି କାଗଜ ଛିଟ୍‌କି ପଡ଼େ ବାହାରକୁ । ସିଏ ତା' ଭିତରେ କ'ଣ ଏମିତି ଅମୂଲ୍ୟ ରତ୍ନ ଅଛି ବୋଲି ନିରେଖି ଦେଖନ୍ତି । ନଇଁପଡ଼ି କାଗଜ ସବୁକୁ ଉଠାଉଥିବା ବେଳେ ଛଳଛଳ ଆଖିରେ ରାମାନନ୍ଦ କହନ୍ତି, "ସେମିତି କିଛି ନାହିଁ ଆଜ୍ଞା ! ଏସବୁ ମୋର କିଛି ହାତଲେଖା ନୋଟ୍ । ପାଦରେ ଦଳି, ମକଚି ଦେଇଥିବା ମୋ ଭାବନା, ଯୁଦ୍ଧର ଅସାରତା ତଥା ଶାନ୍ତିର ଆବଶ୍ୟକତାକୁ ନେଇ ଲେଖିବାକୁ ଚେଷ୍ଟା କରୁଛି ଏକ ଉପନ୍ୟାସ । ଏଇତକ ହିଁ ମୋର ସମ୍ପତ୍ତି ଯାହା ମୁଁ ସାଙ୍ଗରେ ନେଇକରି ଯାଉଛି ଆପଣା ଲାହୋରରୁ ଆପଣଙ୍କ ଭାରତକୁ ।" ପାଇଲଟ୍ ଟିକିଏ ନିରେଖି ଚାହାନ୍ତି ସେଇ ମଇଳା ପୋଷାକ ପରିହିତ ଲୋକ ଆଡ଼କୁ । କେଇବିଡ଼ା ହାତଲେଖା କାଗଜ ପାଇଁ ଆପଣା ସମଗ୍ର ପରିବାରକୁ ବଳି ଚଢ଼ାଇବାକୁ ପ୍ରସ୍ତୁତ ଥିବା ଲୋକଟି ଜଣେ ଲେଖକ ହିଁ ହୋଇପାରେ । କହିବା ଭଙ୍ଗୀରେ ପରିବର୍ତ୍ତନ ଆସିଯାଏ ତାଙ୍କର । ନମ୍ରତାର ସହ ପଚାରନ୍ତି, "ଆପଣଙ୍କ ନାଁ ?" ରାମାନନ୍ଦଙ୍କ ସଂକ୍ଷିପ୍ତ ଉତ୍ତର ଥିଲା - "ସାଗର" ।

ପ୍ରାୟ ଛ'ବର୍ଷ ପୂର୍ବେ ଉର୍ଦ୍ଦୁ ପତ୍ରିକାରେ ପ୍ରକାଶିତ ହେଉଥିବା ସ୍ତମ୍ଭ 'ମୌତ୍ କେ ବିସ୍ତର୍ ସେ' ର ଲେଖକ 'ସାଗର' ନୁହେଁ ତ !!! ରାମାନନ୍ଦ ସମ୍ମତିରେ ମୁଣ୍ଡ ହଲାଇବା ଦେଖି ଗ୍ଳାନି ତଥା ଲଜ୍ଜାବୋଧରେ ଝାଉଁଳି ପଡ଼ନ୍ତି ପାଇଲଟ୍ । ନଇଁପଡ଼ି ପାଦଛୁଇଁ ସମ୍ମାନ ଜଣାଇବା ସହ କୁଣ୍ଢେଇ ଭିଡ଼ି ଧରନ୍ତି ଛାତିରେ । ପାଠକ ଓ ଲେଖକର ମହାମିଳନ । ଶକ୍ତ ବାହୁବେଷ୍ଟନୀ ଭିତରେ ଆଲିଙ୍ଗନବଦ୍ଧ ବିଜୟାନନ୍ଦ ଓ ରାମାନନ୍ଦ । ଏୟାରପୋର୍ଟ ବାହାରେ ଭୀଷଣ ମାତ୍ରାରେ ଫାୟାରିଂ ଚାଲିଥାଏ । ସେଇ କାନଫଟା ଶବ୍ଦରେ ପ୍ରକୃତିସ୍ଥ ହୁଅନ୍ତି ଦୁହେଁ । କିଛି ମୁହୂର୍ତ୍ତ ପରେ ଡେକୋଟା ବିମାନ ଆକାଶକୁ ଉଠେ ।

ଦିଲ୍ଲୀରେ ପହଞ୍ଚିବା ପରେ ସେମାନଙ୍କୁ ସରକାରୀ ବସ୍ ଯୋଗେ ବିର୍ଲା ମନ୍ଦିର ସ୍ଥିତ ଶରଣାର୍ଥୀ ଶିବିରକୁ ନିଆଯାଏ । ଶହ ଶହ ରିଫ୍ୟୁଜୀ ସେଇଠି ମୁଠାଏ ଖାଦ୍ୟ ଓ ମୁଣ୍ଡ ଉପରେ ଟିକିଏ ଛାତ ପାଇବା ଆଶାରେ ରୁଣ୍ଡ ହୋଇଥାନ୍ତି । ଛୁଆଙ୍କ ଅବସ୍ଥା ଦେଖି ନପାରି ଲୀଳାବତୀ ହାତରୁ ସୁନା ଚୁଡ଼ି ଦି'ପଟ କାଢ଼ି ରାମାନନ୍ଦଙ୍କୁ ଦିଅନ୍ତି କୋଉଠି ବିକି କିଛି ପଇସା ଆଣିବା ପାଇଁ । ଦିଲ୍ଲୀର ଲେଖକୀୟ ମହଲରେ ତାଙ୍କର ଭଲ ପରିଚିତି ଥିବାରୁ କୌଣସି ବନ୍ଧୁଙ୍କ ସହାୟତାରେ ତାକୁ ଉଚିତ୍ ମୂଲ୍ୟରେ ବିକ୍ରିକରି ସେ ପଇସା ଆଣି ପାଖରେ ଥିବା ଗୋଟେ ଢାବାଙ୍କୁ ସମସ୍ତଙ୍କୁ ସାଙ୍ଗରେ ନେଇକରି ଯାଆନ୍ତି । ତାଙ୍କୁ ଦେଖି ଢାବା ମାଲିକ ବାହାରକୁ ବାହାରିଆସି କହେ, "ଏଠି ମାଗଣା ଖାଦ୍ୟ ବାଣ୍ଟିବାର ବ୍ୟବସ୍ଥା ନାହିଁ ଭିକାରୀଙ୍କ ପାଇଁ । ତୁମେମାନେ ଶରଣାର୍ଥୀ ଶିବିରକୁ ଚାଲିଯାଅ । ସେଇଠି ସମସ୍ତେ ମୁଠାଏ ଲେଖା ଖାଇବାକୁ ପାଇଯିବ ।" ମାଲିକର ଏଇ ବ୍ୟବହାର ରାମାନନ୍ଦଙ୍କ ଛାତିରେ ଗଭୀର ଆଘାତ ହାଣେ । ଟିକିଏ ଆଡୁଆଳକୁ ଯାଇ କାନ୍ଦି ପକାନ୍ତି ବିକଳ ହୋଇ । ତାଙ୍କ ଅବସ୍ଥା ଦେଖି ସେଇ ଢାବାରେ କାମ କରୁଥିବା ଜଣେ ମୁସଲମାନ୍ ବୁଢ଼ାଲୋକ ପାଖକୁ ଆସି ସାନ୍ତ୍ୱନା ଦେବାସହ ଅଣ୍ଟିରୁ କିଛି ପଇସା କାଢ଼ି ତାଙ୍କୁ ଯାଚି କହେ, "ଆମ ମାଲିକ ବଡ଼ କାମ୍ପି । କାହାକୁ ରୁଟି ଫାଳେ ବି ଦିଏନି । ତେଣୁ ତାଙ୍କ କଥାକୁ ଦେହକୁ ନନେଇ ଛୁଆମାନଙ୍କୁ କିଛି କିଛି ଖୁଏଇ ଦିଅନ୍ତୁ । ଭାରି ଭୋକେଇଲେଣି ସେମାନେ ।" ରାମାନନ୍ଦ ଆଖିରୁ ଲୁହପୋଛି, ପକେଟ୍‌ରୁ ଛ'ଟି ଶହେ ଟଙ୍କିଆ ନୋଟ୍ କାଢ଼ି ତାଙ୍କୁ ଦେଖାଇ କହନ୍ତି ସେ ଭିକାରୀ ନୁହଁନ୍ତି ବୋଲି । ସେ ମାଗଣାରେ ଖାଇବାକୁ ଆସି ନାହାନ୍ତି । ୧୯୪୭ ମସିହାରେ ଛ'ଟି ଶହେ ଟଙ୍କିଆ ନୋଟ୍ ! ଢାବା ମାଲିକ ନିଜର ଭୁଲ ବୁଝିପାରି ନିଜେ ଆସି ଗୋଟେ ଟେବୁଲ ରେ ଏମାନଙ୍କର ବସିବାର ବ୍ୟବସ୍ଥା କରିଦିଏ । ସମସ୍ତଙ୍କ ଆଗରେ ଥୋଇ ଦିଆହୁଏ ରୁଟି ତରକାରୀ । ପ୍ରେମ ସାଗରଙ୍କୁ ସେତେବେଳେ ମାତ୍ର ଚାରିବର୍ଷ ବୟସ । ସେଇ ବୟସରେ ପୁଣି ପେଟରେ ଅଛି ଚାରିଦିନର ଭୋକ । ପାଣି ମୁନ୍ଦିଏ ମୁନ୍ଦିଏ ପିଇ କେତେ ଧୈର୍ଯ୍ୟ ଧରିବ ଛୁଆଟା । ଗାଉଁ ଗାଉଁ ହୋଇ ରୁଟି ଛିଣ୍ଡାଇ ପାଟିରେ ଭରିଦେଇ ପୁଣି ମାଗନ୍ତି । ଏମିତି ଆଠ ଦଶପଟ ମାଗିବାରୁ ଲୀଳାବତୀଙ୍କ ସନ୍ଦେହ ହୁଏ । ଏଡ଼େ ବକଟେ ଛୁଆ, ଦଶପଟ ରୁଟି ଖାଇବା କ'ଣ ସମ୍ଭବ ? ଭଲକରି ଦୃଷ୍ଟି ଦେବାରୁ ସିଏ ଜାଣି ପାରନ୍ତି ଯେ ସେ ରୁଟି ଖାଇବା ବଦଳରେ ନିଜ ପେଣ୍ଟ ପକେଟ୍‌ରେ ଭର୍ତ୍ତି କରି ଚାଲିଛନ୍ତି । ଭାରି ରାଗଲାଗେ ମା'ଙ୍କୁ । ପିଟିବାକୁ ହାତ ଉଠାନ୍ତି । ରାମାନନ୍ଦ ତାଙ୍କୁ ବାରଣ କରି କହନ୍ତି, "ପୁଅର ତା' ବାପାମା' ଉପରେ ଭରସା ନାହିଁ । କେମିତି ବା ଭରସା ରହିବ କୁହତ, ପାଞ୍ଚଦିନ ହେଲା ଆମେ ତାକୁ କିଛି ଖାଇବାକୁ ଦେଇ ପାରିନୁ ଯେ ।"

ଢାବାରେ ପେଟପୂରା ଖୁଆଇ ଦେଇ ସମସ୍ତଙ୍କୁ ବିର୍ଲା ମନ୍ଦିର ପାଖରେ ଛାଡ଼ି ରାମାନନ୍ଦ ଉର୍ଦ୍ଦୁ ପତ୍ରିକା 'ଡେଲି ମିଲାପ୍'ର ଦିଲ୍ଲୀସ୍ଥିତ କାର୍ଯ୍ୟାଳୟକୁ ଯାଆନ୍ତି । ଲାହୋରରୁ ଉକ୍ତ ପତ୍ରିକାର ମାଲିକ ସରଦାର ରଣବୀର ସିଂହ ପଳାଇଆସି ସପରିବାର ସେଇ ଛୋଟିଆ ଅଫିସ୍‌ରେ ରହୁଥାନ୍ତି । ରାମାନନ୍ଦଙ୍କୁ ଦେଖି ସେ ଭାରି ଖୁସିହୋଇ କୁଣ୍ଢେଇ ପକାନ୍ତି । ତାଙ୍କ ଘନିଷ୍ଠ ବନ୍ଧୁ ମୌଲାନା ଅବ୍‌ଦୁଲ୍ କାଲାମ୍ ଆଜାଦ୍ ସେତେବେଳେ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ । ଦୁହେଁ ଯାଆନ୍ତି ତାଙ୍କୁ ଭେଟିବା ପାଇଁ । ରଣବୀର ତାଙ୍କୁ ପରିଚୟ କରେଇବାର ଆବଶ୍ୟକତା ପଡ଼େନି । ଆଜାଦ୍ କେବେ ରାମାନନ୍ଦଙ୍କୁ ଦେଖି ନଥିଲେ ବି ଜାଣିଥାନ୍ତି ତାଙ୍କ ବିଷୟରେ । ପୁରୁଣା ବନ୍ଧୁଙ୍କ ଭଳି ଅତି ଆତ୍ମୀୟ ଢଙ୍ଗରେ ସ୍ୱାଗତ କରନ୍ତି । ଦରିୟାଗଞ୍ଜରୁ ପାକିସ୍ଥାନ ଚାଲିଯାଇଥିବା ମୁସଲମାନ ମାନଙ୍କ ଦୁଇଟି ଘର ରାମାନନ୍ଦଙ୍କ ନାଁରେ ମଞ୍ଜୁର କରିଦିଆଯାଏ । ଆଉ ତାଙ୍କୁ ନିଯୁକ୍ତି ଦିଆଯାଏ ଅଲ ଇଣ୍ଡିଆ ରେଡ଼ିଓରେ ନାଟକ ତଥା ଗଳ୍ପ ଲେଖକ ଭାବରେ । ମାସେ ଖଣ୍ଡେ ସେଠିକି ଯିବାପରେ ରାମାନନ୍ଦଙ୍କୁ ଉପରିସ୍ଥ ଅଫିସରଙ୍କ ନିର୍ଦ୍ଦେଶମୁତାବକ କାମ କରିବାକୁ ଭଲ ଲାଗେନି । ଦରିୟାଗଞ୍ଜରେ ପରିବାରକୁ ଛାଡ଼ି ସେ ଚାଲିଯାଆନ୍ତି ବମ୍ବେ । ଦେବାନନ୍ଦ ଓ ମଦନ ମୋହନ ସେତେବେଳେ ସେଇଠି ଗୋଟେ କୋଠରୀ ଭଡ଼ାରେ ନେଇ ନିଜକୁ ଫିଲ୍ମ ଲାଇନ୍‌ରେ ପ୍ରତିଷ୍ଠା କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଥାନ୍ତି । ତାଙ୍କ ସହ ଯୋଗ ଦିଅନ୍ତି ରାମାନନ୍ଦ । ଆପଣା ରୋଜଗାରରୁ ଖୁବ୍ କମ୍ ପଇସା ପଠାଇ ପାରନ୍ତି ଦିଲ୍ଲୀ, ପରିବାରର ଭରଣ ପୋଷଣ ପାଇଁ । ସେତେବେଳେ ଅଣ୍ଟା ଭିଡ଼ି ସଂସାର ଶଗଡ଼ ଭିଡ଼ିବା ପାଇଁ ବାହାରି ପଡ଼ନ୍ତି ଲୀଳାବତୀ । ପୁରୁଣା ଖବର କାଗଜ ସଂଗ୍ରହ କରି ଘରେ ପିଲାଛୁଆ ସମସ୍ତେ ମିଶି ଠୁଙ୍ଗା ତିଆରି କରନ୍ତି । ସ୍ଥାନୀୟ ଡି ଏ ଭି ସ୍କୁଲରେ ଛୁଆମାନେ ନାମ ଲେଖାଇ ପାଠ ପଢ଼ନ୍ତି । ଘରେ ଛୋଟ ମୋଟ କାମ ବି କରନ୍ତି । ସାଇ ପଡ଼ିଶାଙ୍କ ବୋଲହାକ କରି ଯେନତେନ ପ୍ରକାରେଣ ଚଳିଯାଆନ୍ତି । ଆଉ କିଛି ବର୍ଷର ଜୀବନ ସଂଘର୍ଷ ପରେ ରାମାନନ୍ଦ ଆରମ୍ଭ କରନ୍ତି ତାଙ୍କର ନିଜର ପ୍ରଡକ୍ସନ କମ୍ପାନୀ - ସାଗର ଆର୍ଟସ୍ । ଏତେ ବଡ଼ ପ୍ରୋଜେକ୍ଟ । ଏକା ସବୁକିଛି ସମ୍ଭାଳିବା ବଡ଼ ମୁସ୍କିଲ । ତାଙ୍କୁ ଜଣେ ବିଶ୍ୱସ୍ତ ସହଯୋଗୀଙ୍କ ଆବଶ୍ୟକତା ଅନୁଭୂତ ହୁଏ । ଭାରି ମନେ ପଡ଼ନ୍ତି ଜଗଦୀଶ ଚନ୍ଦ୍ର ଭକ୍ରି । ଲାହୋରରେ ତାଙ୍କ ଘର ପାଖରେ ବନ୍ଧୁଙ୍କର ଗୋଟେ ଛୋଟିଆ ସାଇକେଲ ମରାମତି ଦୋକାନ ଥିଲା । ପଇସେ ଦୁଇ ପଇସା ପାଇଁ ଖରାତରାରେ ହାଡ଼ଭଙ୍ଗା ପରିଶ୍ରମ କରୁଥିଲେ ବି ସିଏ ଥିଲେ ଖୁବ୍ ସଚ୍ଚୋଟ୍ । ଆଉ ତାଙ୍କ ଭଳି ମଣିଷ ସେ ସାରା ଦୁନିଆଁରେ କାହିଁ ଦେଖି ନାହାନ୍ତି । କେତେ ଭଲ ପାଉଥିଲେ ରାମାନନ୍ଦଙ୍କୁ । ଶାଶୁ ସୁହାଗବତୀ ନିଜ ସ୍ୱାମୀଙ୍କ ଅଗୋଚରରେ ତାଙ୍କୁ ମନ୍ଦିରକୁ ନେଇ ଲୀଳାବତୀଙ୍କ ହାତ ଧରାଇଦେବା ବେଳେ ଏଇ ଜଣେ ହିଁ ତ ବନ୍ଧୁ ଥିଲେ ପାଖରେ । ଟୋଙ୍ଗା ରେ ଘର ସମ୍ମୁଖରେ ଓହ୍ଲାଇଲା ବେଳେ ପକେଟ୍ ରେ କିଛି ନଥିବା ଦେଖି ନିଜେ ଦେଇଦେଇଥିଲେ ଗାଡ଼ିଭଡ଼ା । ଆଉ ମାତାଜୀ ଭିତରୁ କବାଟ ନ ଖୋଲିବାରୁ ..... କେବେହେଲେ କ'ଣ ସେଇ ସାଇକେଲ ମେକାନିକ୍ ବନ୍ଧୁଙ୍କ ଋଣ ଶୁଝି ପାରିବେ ରାମାନନ୍ଦ ? ସେ ଖୁବ୍ ଖୋଜନ୍ତି ତାଙ୍କୁ । ଖୋଜି ଖୋଜି ପାଆନ୍ତି ଜଳନ୍ଧରରେ । ପଲା କୁଡ଼ିଆଟେ କରି ସେଠି ସପରିବାର ରହୁଥିବା ସହ ପଲିଥିନ୍ ତଳେ ଜଗଦୀଶ ଚନ୍ଦ୍ର କରୁଥାନ୍ତି ସାଇକେଲ ମରାମତି କାମ । ଲାହୋରରୁ ଶରଣାର୍ଥୀ ସାଜି ଚାଲିଆସିବା ପରେ ବହୁତ୍ କଷ୍ଟରେ ଚଳୁଥାନ୍ତି ସେମାନେ । ରାମାନନ୍ଦ ତାଙ୍କୁ କମ୍ପାନୀରେ ଯୋଗ ଦେବାକୁ ଅନୁରୋଧ କରନ୍ତି । ସେ ହୁଅନ୍ତି ପ୍ରଡକ୍ସନ୍ ଇନ୍‌ଚାର୍ଜ ରାମାନନ୍ଦଙ୍କ ପ୍ରତ୍ୟେକ ଫିଲ୍ମର । ସାଗର ଆର୍ଟ୍‌ସରେ ସେ ଓ ତାଙ୍କ ପୁଅମାନେ ଖୁବ୍ ଉଚ୍ଚ ପଦରେ କାମ କରନ୍ତି । ରାମାନନ୍ଦ ତାଙ୍କ ବନ୍ଧୁଙ୍କ ରହିବା ପାଇଁ ଗୋଟେ ଫ୍ଲାଟ୍ ବି କିଣି ଦିଅନ୍ତି । ୟା'କୁ କହନ୍ତି ବନ୍ଧୁତା । କୃଷ୍ଣ ସୁଦାମା କ'ଣ କେବଳ ପୌରାଣିକ ଚରିତ୍ର ? ତା' ହୋଇଥିଲେ ଏଇ ଦେଶର ମାଟି, ପାଣି ଓ ପବନ ଏତେ ପବିତ୍ର ହୋଇ ନଥାନ୍ତା । ଏଇ ଦେଶରେ କୃଷ୍ଣ ସୁଦାମା ପ୍ରତିଦିନ କୋଳାକୋଳି ହୁଅନ୍ତି । ବନ୍ଧୁ ଆପଣା ବନ୍ଧୁ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥାଏ ସର୍ବଦା । ସେଇ ମହାନ୍ ଆତ୍ମାଙ୍କୁ ୧୯୮୭ ମସିହାରେ ହିନ୍ଦୀ ଭାଷା ଆଦୌ ବୁଝି ପାରୁ ନଥିବା ବେଳେ ଭାବିଥିଲି ବାଲ୍ମୀକି ବୋଲି । ଭୁଲ ଭାବି ନଥିଲି ମୁଁ । ହଁ ସେ ରାମାୟଣର ରଚୟିତା ବାଲ୍ମୀକି ହୋଇ ନପାରନ୍ତି କିନ୍ତୁ ପୁରୁଷୋତ୍ତମ ରାମଙ୍କ ଆଦର୍ଶକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିଥିବା 'ରାମାୟଣ' ର ନିର୍ମାତା ବାଲ୍ମୀକି ବୋଲି ଆମେ କହିପାରିବା । ତାଙ୍କ ବାଁ ପଟ ଆଖି ଉପରକୁ କପାଳରେ ଥିବା ଗଭୀର କ୍ଷତଚିହ୍ନ ଦେଖି ମୁଁ ଅତୀତରେ ଭାବିଥିଲି ବାଲ୍ମୀକି ବି କ'ଣ ମୋ ବାପାଙ୍କ ପରି ପିଲାଦିନେ ନଦୀରେ ଚିଲାମାରି ଗାଧୋଉଥିଲେ ? ଏତେ ବର୍ଷ ପରେ ଉତ୍ତର ଆଜି ପାଇଛି । ଏତେ ବଡ଼ ଚିଲା ହୁଏତ କେହି ମାରି ନଥିବେ ଆଜିଯାଏଁ । ଶରଣାର୍ଥୀରୁ ପୁରୁଷାର୍ଥୀ ପାଲଟିବା କ'ଣ ସହଜ କଥା ? (ସମାପ୍ତ)

**ମା' ଥିଲେ ଇଶାଦେବୀ ଓ ବାପା ଲାଲା ଦୀନାନାଥ ଚୋପ୍ରା । ଲାହୋର ସ୍ଥିତ ଅଜାଙ୍କ ଘରେ ତାଙ୍କର ଜନ୍ମ ହୋଇଥିଲା ୧୯୧୭ ମସିହା ଡିସେମ୍ବର ୨୯ ତାରିଖରେ । ଜନ୍ମ ପରେ ନା ଛୁଆ ଆଖିଖୋଲେ ନା କାନ୍ଦେ । ସମସ୍ତେ ଚିନ୍ତିତ ହୋଇ ପଡ଼ନ୍ତି । କ'ଣ କିଛି ଅସୁବିଧା ଅଛି ଛୁଆର ? + + + କିଛି ସମୟ ପରେ ଛୁଆ ଆଖି ଖୋଲେ ଓ ଚିହିଡ଼ା ଛାଡ଼ି କାନ୍ଦେ । ସଭିଙ୍କ ମନରେ ଭରସା ଆସେ ଛୁଆଟି ବଂଚିବ ବୋଲି । ଅଜା, ଲାଲା ଲଲିୟାରାମ୍ ବେଦୀ ଶିବକୃପାରୁ ଛୁଆଟି ବଂଚିଯାଇଛି ବୋଲି ଭାବି ତା'ର ନାମକରଣ କରନ୍ତି - ଚନ୍ଦ୍ରମୌଲି ।**


ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ଜୁଲାଇ, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୪୪)



# ଆମ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷା (୧)

ଡ. ରାଧାରଂଜନ ପଟ୍ଟନାୟକ

ମାତୃଭାଷା ନିଜ ଜନ୍ମମାଟିର ଭାଷା। ମା'ର ଭାଷା ହିଁ ମାତୃଭାଷା। ଯେଉଁ ଭାଷା ଆମ ପ୍ରାଣରେ ଉଦ୍‌ବେଳନ ସୃଷ୍ଟି କରେ ତାହା ହିଁ ମାତୃଭାଷା। ଭାଷା ହିଁ ପ୍ରାଣ ଏବଂ ମନର କଥା କହେ। ହୃଦୟର ଆବେଗକୁ ପ୍ରତିଫଳିତ କରେ। ଆମକୁ ଆମର ଜୀବନ ଯେମିତି ପ୍ରିୟତମ, ସେମିତି ଆମର ଭାଷା। ଏହି ଭାଷା ହିଁ ଝରାଇଥାଏ ପଲ୍ଲୀବଧୂର କଣ୍ଠରୁ କବିତାର କଳଧ୍ୱନି। ସବୁଜ ଶସ୍ୟ କେଦାରରେ କୃଷକ ତୁଣ୍ଡରୁ ଶୁଭେ ଅଲିଖିତ କବିତାର ଉଚ୍ଚାରଣ, ସଂଗୀତର ଲହରୀ। ଏଇଥିପାଇଁ ତ ମାତୃଭାଷା ନିଜ୍ଜର ପରିପ୍ରକାଶର ଶ୍ରେଷ୍ଠ ମାଧ୍ୟମ ହୋଇଥାଏ।

ମାତୃଭାଷା ସମ୍ପର୍କରେ ନିଜର ମତ ଦେବାକୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧି କହିଥିଲେ- 'ଜଣେ ଭାରତବାସୀ ନିଜର ମାତୃଭାଷା ଭୁଲିବେ, ଅବହେଳା କରିବେ ବା ନିଜ ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବ- ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବି ନାହିଁ।' ସେ ପୁଣି ଜୋର୍ ଦେଇ କହିଛନ୍ତି- ଉଭୟ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଦେଶୀୟ ଭାଷା ଶିକ୍ଷାର ମାଧ୍ୟମ ହେବା ଜରୁରୀ।

ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ବାପୁଙ୍କ ସ୍ୱୀକାରୋକ୍ତିକୁ ସମର୍ଥନ ଜଣାଇ କହିଛନ୍ତି- "ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶିକ୍ଷା ଦେଶୀୟ ଭାଷା ସାହାଯ୍ୟରେ ଦିଆଯିବା ଉଚିତ।" ଅନୁରୂପ ଭାବେ କବି ଗଙ୍ଗାଧର ପ୍ରତ୍ୟେକଙ୍କୁ ସଚେତନ କରାଇବାକୁ ଯାଇ କହିଛନ୍ତି- 'ଯା ଭାଷା ଦୁର୍ବଳା ସେ ନିଷେ ଅଧମ / କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ।' ବ୍ୟାସକବି ଆଉ ପାଦେ ଆଗକୁ ଯାଇ କହିଛନ୍ତି- 'ପଢ଼ିଲି ନାନା ଦେଶ ଭାଷା / କାହିଁ ତ ନ ପୂରିଲା ଆଶା / ହେଉ ପଛକେ ସେ ନିକୃଷ୍ଟ / ମୋ ମାତୃଭାଷା ମୋତେ ଶ୍ରେଷ୍ଠ।' ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାକୁ ଭଲ ପାଉଥିବା ଉତ୍କଳ ଗୌରବ ମଧୁସୂଦନ ମଧ୍ୟ ଠୋକ୍ ଠୋକ୍ ମତ ରଖି କହିଛନ୍ତି- 'ଜାତି ଇତିହାସ ଜାତିର ନିର୍ଭର / ତହୁଁ ବହେ ସଦା ଜାତି ପ୍ରାଣ ଧାର।' ସୁତରାଂ, ମାତୃଭାଷା ହିଁ ଆମ ହୃଦୟର ଅମୂଲ୍ୟ ପୁଞ୍ଜି।

ପ୍ରାକ୍ ସ୍ୱାଧୀନତା କାଳରେ ଇଂରେଜମାନେ ସମଗ୍ର ଭାରତ ବର୍ଷକୁ ନିଜର ଆୟତ୍ତରେ ରଖିଥିଲେ ଏବଂ ସାରା ଦେଶରେ ଇଂରେଜୀ ଭାଷାର ପ୍ରଚଳନ କରାଇଥିଲେ। ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଦୀର୍ଘ ଦୁଇଶହ ବର୍ଷ ଇଂରେଜ ରାଜତ୍ୱ କାଳରେ ତତ୍କାଳୀନ ଭାରତର ଦୁଇକୋଟି ଲୋକଙ୍କ ମଧ୍ୟରେ ମାତ୍ର ୨ଜଣ ଲୋକ ଇଂରାଜୀ ଭାଷାକୁ ଆପଣେଇ ନେଇଥିଲେ ବୋଲି ସେ ସମୟର ସର୍ବେକ୍ଷଣରୁ ଜଣାପଡ଼ିଥିଲା। ସୁତରାଂ, ଆଜିବି ଇଂରାଜୀ ଭାଷା ସଭିଙ୍କର ପ୍ରିୟ ହୋଇ ପାରିନାହିଁ। ଯଦିଓ ପଶ୍ଚିମା ହାୱା ଏତିକି ଜୋର୍ ଧରିଛି, ଯେଉଁଥିରେ ଅଧା ଓଡ଼ିଆ ଏବଂ ଅଧା ଇଂରାଜୀ କହି ଯାହାକୁ ଓଡ଼ିଆ+ଇଂଲିଶ୍ (ଓଂଲିଶ୍) ଆଖ୍ୟା ଦିଆଯାଇପାରେ। ଏଭଳି ମିଶ୍ରଭାଷା ମାତୃଭାଷାର ଘୋର ଘାତକ। ସେଥିପାଇଁ ସାଂପ୍ରତିକ ଯୁଗପରି ପ୍ରଦୂଷଣମୁକ୍ତ କରି ପାରୁନାହାନ୍ତି। ଏଥିପାଇଁ ପ୍ରତ୍ୟେକ ସ୍ତରରୁ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ସମୟ ଆସିଛି।

ସ୍ୱାଧୀନତାର ଉତ୍ତର କାଳରେ କେନ୍ଦ୍ର ସର୍କାର ଶିକ୍ଷାର ବିକାଶ ପାଇଁ ଡକ୍ଟର ଡି.ଏସ୍. କୋଠାରୀଙ୍କ ପ୍ରତିନିଧିତ୍ୱରେ ଏକ ଶିକ୍ଷା କମିଶନ ଗଠନ କରିଥିଲେ। ଏହି କମିଶନ (୧୯୬୪-୬୬) ଶିକ୍ଷା ସମ୍ପର୍କରେ ଅନେକ ସୁଚିନ୍ତିତ ମତ ଦେବା ସହ ଭାରତୀୟ ଆଞ୍ଚଳିକ ଭାଷା (ମାତୃଭାଷା) ମାଧ୍ୟମରେ ଶିକ୍ଷା ପ୍ରଦାନ କରାଗଲେ ଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ସେମାନଙ୍କର ମାନସିକ ଦକ୍ଷତାର ବିକାଶ ହୋଇପାରିବ ବୋଲି ବିଧିବଦ୍ଧ ଭାବେ କେନ୍ଦ୍ର ସର୍କାରକୁ ରିପୋର୍ଟ ପ୍ରଦାନ କରିଥିଲେ।

ବିଜ୍ଞାନ ଓ କାରିଗରୀ ଶିକ୍ଷାରେ ଶିକ୍ଷିତ ଲୋକେ ଭାରତର ବିଭିନ୍ନ ଆଞ୍ଚଳିକ ଭାଷା ମାଧ୍ୟମରେ ବିଜ୍ଞାନ ସମ୍ପର୍କିତ ତଥ୍ୟକୁ ସରଳୀକରଣ କରିବା ସହଜସାଧ୍ୟ ହୋଇପାରିବ ବୋଲି କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ଭାରତୀୟ ଭାଷାର ବିକାଶ ହେଲେ ଗଣତାନ୍ତ୍ରିକ ଭାରତବର୍ଷର ମୂଳଦୁଆ ସୁଦୃଢ଼ ହୋଇପାରିବ ଏହାକୁ କେହିବି ଅସ୍ୱୀକାର କରିପାରିବେ ନାହିଁ। କୋଠାରୀ କମିଶନ ରିପୋର୍ଟ ଏବଂ ତତ୍କାଳୀନ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କର ପରାମର୍ଶକୁ ଆଧାର କରି ୧୯୬୮ ଜାନୁଆରୀ ୧୮ ତାରିଖ ଦିନ ଭାରତୀୟ ଭାଷା ମାଧ୍ୟମରେ ଶିକ୍ଷା ଏବଂ ପରୀକ୍ଷାର ମାଧ୍ୟମ ହେବା ଉଚିତ ବୋଲି 'ଜାତୀୟ ଶିକ୍ଷାନୀତି' ଜରିଆରେ ସର୍ବସମ୍ମତି କ୍ରମେ ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କଲା। ଫଳରେ ଭାରତବର୍ଷରେ ସେ ସମୟର ୧୪ଟି ଭାରତୀୟ ଭାଷାରେ ବିଦ୍ୟାଳୟର ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ପଠନୋପଯୋଗୀ ପାଠ୍ୟପୁସ୍ତକ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରାଦେଶିକ ସର୍କାରଙ୍କୁ ଆର୍ଥିକ ସାହାଯ୍ୟ ଦେବାକୁ ଘୋଷଣା କରିଥିଲେ। ସେହି ଅନୁସାରେ ଆମ ରାଜ୍ୟରେ 'ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ପ୍ରକାଶନ ସଂସ୍ଥା' ୧୯୭୦ ମାର୍ଚ୍ଚ ୧୧ ତାରିଖରେ ପ୍ରତିଷ୍ଠା ହେବା ସହ ମାତୃଭାଷା ମାଧ୍ୟମରେ ଉଚ୍ଚମାନର ପାଠ୍ୟପୁସ୍ତକ ପ୍ରକାଶିତ ହେବାକୁ ଲାଗିଲା। ମାତ୍ର ଏହି ପ୍ରକାଶିତ ପୁସ୍ତକ ଗୁଡ଼ିକର ଉପାଦେୟତାର ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ସମଭାଗୀତାର ପରିଣତ ହେବା ପରିବର୍ତ୍ତେ ସମ୍ଭାବ୍ୟାନୁକ୍ରମେ ସେମାନଙ୍କର ସ୍ୱୀକୃତିର ସହଯୋଗର ଅଭାବ ହେତୁ 'ମାତୃଭାଷା' ଅଧ୍ୟୟନ ଉପରେ ଜଟିଳ ସମସ୍ୟା ଦୃଷ୍ଟିଗୋଚର ହେଲା।

ମାତୃଭାଷା ପ୍ରତି ଗଭୀର ଅନୁରକ୍ତି ଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଶ୍ରଦ୍ଧା ଏବଂ ଆତ୍ମବିଶ୍ୱାସର ସହ ଶିକ୍ଷାଦାନ କରିପାରିଥିଲେ ଛାତ୍ରଛାତ୍ରୀମାନେ ମାତୃଭାଷା ପ୍ରତି ଅଧିକ ଆଗ୍ରହୀ ହୋଇ ଆନ୍ତେ। ମାତ୍ର ଏହାର ବ୍ୟତିକ୍ରମ ହେବାରୁ 'ମାତୃଭାଷା' ଶିକ୍ଷାୟତନର କୋଣଠେସା ହୋଇପଡ଼ିଛି।

ଏବେ ସମୟ ଆସିଛି ପ୍ରତ୍ୟେକ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ମାତୃଭାଷା ପ୍ରତି ମମତା ଏବଂ ଲୋକପ୍ରିୟତା ସୃଷ୍ଟି କରିବା ପାଇଁ ସବୁ ସ୍ତରରେ ପ୍ରୟାସ କରିବା ବିଧେୟ। ଆଜିକାଲି ଶ୍ରେଣୀ ଗୃହରେ ଶିକ୍ଷକମାନେ ପାରମ୍ପରିକ ଶିକ୍ଷାପଦ୍ଧତି ମାଧ୍ୟମରେ ମାତୃଭାଷା ପଢ଼ାଉଛନ୍ତି। ଏହି ପଦ୍ଧତି ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଏକ ବିଷୟବସ୍ତୁ ଉପରେ ଛାତ୍ର ନିଜର ମୁକ୍ତ ଚିନ୍ତନକୁ ଲିପିବଦ୍ଧ କରିଥାଏ। ଭାଷା ଶିକ୍ଷଣର ପ୍ରଥମ ପର୍ବରେ ସୃଜନଶୀଳ ରଚନା କିମ୍ବା ପରିଚ୍ଛେଦକୁ କେତେକ ଅର୍ଥରେ ସୀମାବଦ୍ଧ କରାଯାଇଥାଏ। ମାତ୍ର ଉଚ୍ଚତର ଶ୍ରେଣୀରେ ଏହା ଏକ ଦୀର୍ଘ ପ୍ରବନ୍ଧ ପର୍ଯ୍ୟାୟକୁ ଉନ୍ନୀତ ହୋଇଥାଏ। ଏଭଳି ପଦ୍ଧତିରେ ମୂଲ୍ୟାୟନ କରିବା କଷ୍ଟସାଧ୍ୟ। ଛାତ୍ରଛାତ୍ରୀମାନଙ୍କର ଯେ ଭାଷା କ୍ଷମତାକୁ ବିଶ୍ଳେଷଣ କରି ବିଚାର କରିହେବ, ତାହା ନୁହେଁ। ରଚନାଟିର ଆଲୋଚନା, ପର୍ଯ୍ୟାଲୋଚନା ବା ଅନୁଶୀଳନ କଲାବେଳେ ସେମାନଙ୍କର ଭାବନା ଶକ୍ତି, କଳ୍ପନା ସୃଜନବୋଧ, ଯଥାର୍ଥ ଉପସ୍ଥାପନା ଆଦି ବିଷୟରେ ବିଚାର କରିବା ପ୍ରତ୍ୟେକ ଶିକ୍ଷକମାନଙ୍କର ଲକ୍ଷ୍ୟ ହେବା ଆବଶ୍ୟକ। ପ୍ରବନ୍ଧ ଲିଖନ ବା ରଚନା ଉପସ୍ଥାପନାକୁ ଭାଷା ପରୀକ୍ଷଣର କୌଶଳ ରୂପେ ବିଶେଷଜ୍ଞମାନେ ଗ୍ରହଣ କରିଥାନ୍ତି। ସୁତରାଂ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଭାଷା ଅଧ୍ୟାପନା ସମୟରେ ଭାଷା ପରିବେଷଣକୁ ବିଭିନ୍ନ ଦିଗ ଉପରେ ସର୍ବଙ୍କ ଦୃଷ୍ଟି ଦେବା ଜରୁରୀ ହୋଇଥାଏ।

ଅନୁବାଦ ସାହିତ୍ୟ କଥା ବିଚାର କରାଯାଉ। ଓଡ଼ିଆ ଭାଷା ସାହିତ୍ୟର ସ୍ନାତକୋତ୍ତର ବିଭାଗକୁ ବାଦ୍ ଦେଲେ ବିଦ୍ୟାଳୟ ମହାବିଦ୍ୟାଳୟମାନଙ୍କର ଅନୁବାଦ ସାହିତ୍ୟ ସମ୍ପର୍କିତ ସିଲାବସ୍ ପ୍ରସ୍ତୁତ କରାଯାଇ ନାହିଁ। ମାତୃଭାଷାର ଶିକ୍ଷାଦାନ କ୍ଷେତ୍ରରେ ଏହାର ପ୍ରଚଳନ ବେତେ ବେଶି ନଥିଲେ ବି ଅନ୍ୟ ଭାଷା କ୍ଷେତ୍ରରେ ଏହା ଅବଶ୍ୟମ୍ଭାବୀ ରୂପେ ବେଶ୍ ବିଦ୍ୟମାନ। ଯଦି ଆମର ଛାତ୍ର ସମାଜ ମାତୃଭାଷା ମାଧ୍ୟମରେ ଅନ୍ୟ ପ୍ରାନ୍ତୀୟ ଭାଷା ବା ପଶ୍ଚିମା ଭାଷା ଅନୁବାଦ କରି ଶିଖନ୍ତି, ତେବେ ସେମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଚିନ୍ତା ଓ ଚେତନାର ପରିସର ବ୍ୟାପକ ହୋଇପାରିବ।

ଠିକ୍ ସେହିପରି ପ୍ରାଥମିକ ସ୍ତରରୁ ଆରମ୍ଭ କରି ବିଦ୍ୟାଳୟ ପର୍ଯ୍ୟନ୍ତ ଶ୍ରୁତଲିଖନର ଆବଶ୍ୟକତା ଅତୀବ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ପ୍ରାୟତଃ ଶ୍ରୁତଲିଖନର ମହତ୍ତ୍ୱମରଗୁଣକୁ ଶିକ୍ଷକ ସମାଜ ବିସ୍ମରି ଯାଇଛନ୍ତି। ଭାଷାର ସୌନ୍ଦର୍ଯ୍ୟବୋଧ ଏବଂ ଭ୍ରମ ପ୍ରମାଦର ଦୂରୀକରଣ ପାଇଁ ଶ୍ରୁତଲିଖନର ଆବଶ୍ୟକତାକୁ ଏଡ଼ାଇ ଦିଆଯାଇ ନପାରେ। ବର୍ଣ୍ଣ ବିଚାର, ବ୍ୟାକରଣ ତ୍ରୁଟି ଓ ଶବ୍ଦ ଭଣ୍ଡାର ଶୁଦ୍ଧିକରଣ ହିଁ ଏକ ଉପାଦେୟ ଶିକ୍ଷଣ ପ୍ରକ୍ରିୟା। ମାତୃଭାଷା ପ୍ରତି ଭୟଶୂନ୍ୟ କରାଇବା ପାଇଁ (ମୌଖିକ Oral Test ପରୀକ୍ଷା)ର ଆବଶ୍ୟକତା ଅଛି ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରମାଣ ସିଦ୍ଧ ଯୁକ୍ତିର ତଥ୍ୟକୁ ଉପସ୍ଥାପନ କରାଇବାର ସକ୍ଷମ ହୋଇଥାନ୍ତି। ଭବିଷ୍ୟତରେ କର୍ମନିଯୁକ୍ତି କ୍ଷେତ୍ରରେ ମଧ୍ୟ ସାକ୍ଷାତକାର ଭିତ୍ତିକ ପ୍ରାର୍ଥୀ ନିର୍ବାଚନ ପାଇଁ ଏତାଦୃଶ ପ୍ରକ୍ରିୟା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। (କ୍ରମଶଃ)

କାଡ଼ାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

---

## ସ୍ମୃତି ଶତଦଳ ୨୦୪



# ଆସାମର ଆତ୍ମୀୟତା (୨)

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଗୌହାଟୀ ଓ ତା' ଆଖପାଖ ଅଂଚଳ ଆମ ପାଇଁ ସ୍ୱର୍ଗର ଅମରାବତୀ ପାଲଟି ଯାଇ ଥିଲା। ତେଣୁ ତା'ର ଐତିହାସିକ ଓ ଭୌଗୋଳିକ ପରିବେଶ ଉପରେ କିଛି ଆଲୋକପାତ କରୁଛି।

ମଂଗୋଲିଆରୁ ଆସି ଅହୋମ୍‌ମାନେ ଦୀର୍ଘ ଛଅଶହ ବର୍ଷ ଧରି ଶାସନ କରୁଥିଲେ ବୋଲି ଏହି ରାଜ୍ୟର 'ଆସାମ' ନାମ କରଣ ହୋଇଛି। ବ୍ରହ୍ମପୁତ୍ର ଆସାମର ବକ୍ଷଚିରି ବହିଯାଉଛି। ଏହାର ଉତ୍ପତ୍ତି ହିମାଳୟରୁ। ତା'ପରେ ଏହା ତିବ୍ବତ, ଚୀନ ଓ ଅରୁଣାଚଳ ପ୍ରଦେଶ ଦେଇ ଆସାମରେ ପ୍ରବାହିତ ହୋଇଛି ଏବଂ ପରେ ପରେ ବାଂଲାଦେଶରେ ବଙ୍ଗୋପ ସାଗରରେ ଲୀନ ହୋଇଯାଇଛି। ବଙ୍ଗୋପସାଗରରେ ଲୀନ ହେବା ଆଗରୁ ଗଙ୍ଗା ସହ ମିଳିତ ହୋଇ ତିଆରି କରିଛି ପୃଥିବୀର ବୃହତ୍ତମ ତ୍ରିକୋଣ ଭୂମି "ସୁନ୍ଦରବନ"। ଆସାମର ଜନ, ଜୀବନ ଓ ସଂସ୍କୃତି ସହ ବ୍ରହ୍ମପୁତ୍ରର ସଂପର୍କ ଭାରି ନିବିଡ଼। ଆମେ ଯେଉଁ ଗୌହାଟୀ ସହର ଅଭିମୁଖେ ଯାଉଥିଲୁ ତାହା ଖୁବ୍ ଐତିହ୍ୟ ସଂପନ୍ନ। ମୋଟ ଉପରେ କହିବାକୁ ଗଲେ ବ୍ରହ୍ମପୁତ୍ର ନଦୀ ହିଁ ଗୌହାଟୀ କୁ କରିଛି ଖୁବ୍ ସୌନ୍ଦର୍ଯ୍ୟମୟ ଓ ଋଦ୍ଧିମନ୍ତ। ବ୍ରହ୍ମପୁତ୍ରର ପ୍ରବାହ ତଥା ଗୌହାଟୀର ଜୀବନଧାରା ସବୁ ଏକାକାର କରି ଦେଇଛି ଏବଂ ବ୍ରହ୍ମପୁତ୍ର ଗୌହାଟୀର ଏକ ଅଙ୍ଗ ହୋଇ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଦେବୀ କାମାକ୍ଷାଙ୍କ ମନ୍ଦିର, କାଜିରଙ୍ଗା ଜାତୀୟ ଉଦ୍ୟାନ, ବିରଳ ଏକଶିଙ୍ଗୀ ଗଣ୍ଡା, ତଥା ଏହାର ନିବିଡ଼, ନିଆରା ଜୀବନଶୈଳୀ, ଆସାମର ମାଇଲ ମାଇଲ୍ ବ୍ୟାପି ଚା' ବଗିଚା,ଏହାର ପ୍ରାକୃତିକ, ତୈଳ ଓ ଗ୍ୟାସ ଆସାମକୁ ଏକ ଭିନ୍ନ ପରିଚୟ ଦେଇଛି।

ବ୍ରହ୍ମପୁତ୍ର ନଦୀ ଗୌହାଟୀରେ ମାଟିସଂଲଗ୍ନା ହୋଇ ବହିଯାଇଛି। ସକାଳର ଅରୁଣ କିରଣ ଏବଂ ସନ୍ଧ୍ୟାରେ ବୁଡ଼ି ଯାଉଥିବା ଅସ୍ତଗାମୀ ସୂର୍ଯ୍ୟର ଲାଲ୍ ରଙ୍ଗର ଆଭା ଯେତେବେଳେ ପ୍ରତିଫଳିତ ହୁଏ ବ୍ରହ୍ମପୁତ୍ର ନଦୀର ଉତ୍ତୁଙ୍ଗ ଜଳ ରାଶିରେ, ସେତେବେଳେ ସୃଷ୍ଟିହୁଏ ଏକ ଅପୂର୍ବ ଲାଲ ରଙ୍ଗ। ଏଇ ବିସ୍ତୀର୍ଣ୍ଣ ଜଳରାଶି ଉପରେ ଏଇ ଲୋହିତ ରଙ୍ଗ, ଏକ ଅପରୂପ ଦୃଶ୍ୟ ସୃଷ୍ଟି କରିଥାଏ, ସେଥିପାଇଁ ଆସାମକୁ କୁହାଯାଏ "ଲାଲ ନଦୀର ରାଜ୍ୟ"। ମହାଦେବଙ୍କ ବେକରେ ନାଗରାଜ ଗୁଡ଼ାଇ ହୋଇ ରହିବା ପରି ବ୍ରହ୍ମପୁତ୍ର ଆସାମର ପ୍ରାୟ ଅଧିକାଂଶ ଜିଲ୍ଲାକୁ ଛୁଇଁ ବୋହି ଯାଉଛି। ବାଲାଂଦେଶକୁ ପ୍ରବେଶ କରିବା ପୂର୍ବରୁ ପ୍ରାୟ ୪୫୦ କିଲୋମିଟର ରାସ୍ତା ଆସାମରେ ହିଁ ପ୍ରବାହିତ ହୋଇଛି। ଏହାରି ଭିତରେ ରହିଛି ନୀଳ ପାହାଡ଼ ମିର୍କର ଓ ଚଚର ପାହାଡ଼, ପୁଣି ଉତ୍ତର ପୂର୍ବ ଭାରତର ହୃତପିଣ୍ଡ ଗୌହାଟୀ ସହରର ମଝିରେ ଅଛି ନୀଳାଚଳ ପର୍ବତ, ଯାହା ଉପରେ ବିଦ୍ୟମାନ ଦେବୀ କାମାକ୍ଷା। ସେଇ ନୀଳ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦିଏ, ବିସ୍ତୀର୍ଣ୍ଣ ଗୁଆ ଗଛର ମେଖଳା।

ବ୍ରହ୍ମପୁତ୍ର ନଦୀର କୂଳେ କୂଳେ ନଦୀର ଶୋଭା ଦେଖି ଦେଖି ଆମେ ପହଞ୍ଚିଲୁ ଗୌହାଟୀ ମେଡ଼ିକାଲ୍ କଲେଜ ପାଖରେ ଥିବା ଗେଷ୍ଟ ହାଉସ୍‌ରେ। ସୁନ୍ଦର ଗେଷ୍ଟହାଉସ୍‌ର ଚାରିଆଡ଼େ ଫୁଲ ବଗିଚାର ସୌନ୍ଦର୍ଯ୍ୟ ଏବଂ ସୁନ୍ଦର ପ୍ରାକୃତିକ ପରିବେଶ। ଆମେ ସନ୍ଧ୍ୟାବେଳର ଚା' ଖାଇସାରିବା ପରେ କିଛି ସମୟ ବିଶ୍ରାମ ନେଲୁ। ଓଡ଼ିଆ ଏବଂ ବଙ୍ଗାଳୀମାନଙ୍କ ଭଳି ଖାଦ୍ୟପଦାର୍ଥ - ଭାତ, ରୁଟି, ମାଛ ତରକାରୀ, ମିଠା, ଆଦି।

ତା' ପରଦିନ ସକାଳୁ ଆରମ୍ଭ ହୋଇଗଲା ଗୌହାଟୀ ମେଡ଼ିକାଲ୍ କଲେଜ ପରିଦର୍ଶନ। ହୃଦ୍‌ବକ୍ଷଶଲ୍ୟ ବିଭାଗର ଆଉଟ୍‌ଡୋର, ଓ.ଟି, ୱାର୍ଡ଼ ଆଦି ପରିଦର୍ଶନ କରିବା ସମୟରେ ଲାଗିଲା ଆମ ଏସ୍.ସି.ବି ମେଡ଼ିକାଲ କଲେଜ ମଧ୍ୟ ସର୍ବଭାରତୀୟ ସ୍ତରରେ ଖୁବ୍ ଉଚ୍ଚସ୍ତରରେ ଅଛି ଓ ଚିକିତ୍ସା ପ୍ରଦାନ କରୁଛି। ମୋର ସବୁଠାରୁ ବଡ଼ ଇଚ୍ଛାଥିଲା ଶୀଘ୍ର ଆମେ ଯାଇ କାମାକ୍ଷା ମନ୍ଦିର ପରିଦର୍ଶନ କରିବୁ କିନ୍ତୁ ଯେହେତୁ କର୍ତ୍ତବ୍ୟ ଆଗରେ ସବୁ ତୁଚ୍ଛ, ଆଗ ଡଃ ଷଡ଼ଙ୍ଗୀ ବାହାରିଲେ ହୃଦ୍‌ବକ୍ଷଶଲ୍ୟ ବିଭାଗକୁ। ତେଣୁ କାମାକ୍ଷା ମନ୍ଦିର ଦର୍ଶନ ତା' ପରଦିନକୁ ବାକି ରହିଲା।

ଆସାମର ଗର୍ବ ଓ ଗୌରବ ହିସାବରେ ଦୁଇଟି ବିରାଟ ବ୍ୟକ୍ତିତ୍ୱଙ୍କୁ ମୁଁ ଜାଣିଥିଲି ସେ ହେଲେ ପ୍ରସିଦ୍ଧ ଲେଖିକା ଡଃ ଇନ୍ଦିରା ଗୋସ୍ୱାମୀ, ଯିଏ ମାମୋନି ରାଇସମ୍ ଗୋସ୍ୱାମୀ ବା ମାମୋନି ବୈଦେଓ ହିସାବରେ ମଧ୍ୟ ବେଶ୍ ଜଣାଶୁଣା ଏବଂ ଦ୍ୱିତୀୟ ଜଣକ ହେଲେ ପ୍ରସିଦ୍ଧ ଗାୟକ, ଭୂପେନ୍ ହଜାରିକା। ତେଣୁ ମୁଁ ଜଣେ ଡାକ୍ତରଙ୍କୁ ଅନୁରୋଧ କଲି ମତେ ଡଃ ଇନ୍ଦିରା ଗୋସ୍ୱାମୀଙ୍କ ପାଖକୁ ନେଇଯିବାକୁ। ପ୍ରାୟ ଦିନ ଏଗାରଟା ପାଖାପାଖି ଆମେ ତାଙ୍କ ଘରେ ପହଞ୍ଚିଲୁ।

ଆସାମର ଗୌରବ ଇନ୍ଦିରା ଗୋସ୍ୱାମୀ ଏକାଧାରରେ ଜଣେ ସଂପାଦିକା, କବି, ଲେଖିକା, ଔପନ୍ୟାସିକା, ପ୍ରଫେସର ତଥା ରିସର୍ଚ୍ଚ ବିଦ୍ୟାର୍ଥୀ ଥିଲେ। ସେ ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ସେ ଭାରତୀୟ ଭାଷାର ଏକ ଉଚ୍ଚକୋଟୀର ଲେଖିକା ଥିଲେ ଏବଂ ତାଙ୍କର ଅନେକ ପୁସ୍ତକ ଇଂରାଜୀରେ ଅନୁଦିତ ହୋଇ ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲା। ସେ ତାଙ୍କ ଲେଖା ମାଧ୍ୟମରେ ସାମାଜିକ ପରିବର୍ତ୍ତନ କରିଥିଲେ। ସେ ଉଲ୍‌ଫା ଓ ଆସାମ ସରକାରଙ୍କ ମଧ୍ୟରେ ଶାନ୍ତିଦୂତ ଭାବରେ କାମ କରୁଥିଲେ। ତାଙ୍କର କେତୋଟି ଉପନ୍ୟାସ ମଧ୍ୟ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇଥିଲା।

କିଛି ସମୟ ଅଧାପନା ଭିତରେ ସେ ପୁଣି ଲେଖାଲେଖି ଆରମ୍ଭ କରିଥିଲେ ଏବଂ ମଝିରେ କିଛି ବର୍ଷ ବୃନ୍ଦାବନରେ କଟାଇଥିଲେ। ବୃନ୍ଦାବନ ପୀଠ, ଅସହାୟା ବିଧବାମାନଙ୍କର ଆଶ୍ରୟସ୍ଥଳ। କିଛିବର୍ଷର ରହଣି ଭିତରେ ଇନ୍ଦିରା ସେଠି ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ନିଜ ଆଖି ଆଗରେ ବିଧବାମାନଙ୍କର ଦୁଃଖ ତଥା ନିଷ୍ପେଷିତା ହେବାର କାହାଣୀ ଦେଖି ବୃନ୍ଦାବନ ଓ ବାଙ୍କେରାମ୍ ପାଇଁ ସେ ବିତସ୍ପୃହ ହୋଇ ପଡ଼ିଲେ। ସେମାନଙ୍କର ଦୁଃଖ, ସେ କଲମ ମୁନରେ ରୂପରେଖ ଦେଲେ, ଯାହା ପରେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା ଏବଂ ସେ ସୌଦାମିନୀର ଜୀବନ ଚରିତମାଧ୍ୟମରେ ନିଜ କଥା ହିଁ ଲେଖି ଥିଲେ। ତାହା ତତ୍‌କାଳୀନ ସମୟରେ ଖୁବ୍ କଳରୋଳ ସୃଷ୍ଟି କରିଥିଲା। ପରେ ଦିଲ୍ଲୀ ୟୁନିଭର୍ସିଟିରେ ପ୍ରଫେସର ହୋଇ ବହୁବର୍ଷ ଅଧ୍ୟାପନା କାର୍ଯ୍ୟରେ ବ୍ୟସ୍ତଥିଲେ। ତାଙ୍କ କଲମ ଆଉ ଅଟକି ନଥିଲା କି' ସେ ଆଉ ପଛକୁ ଫେରି ଚାହିଁ ନଥିଲେ ଏବଂ ଡଃ ଇନ୍ଦିରା ଗୋସ୍ୱାମୀଙ୍କ ନାଁ ସେତେବେଳେ ସାରା ଭାରତରେ ବିଖ୍ୟାତ ହୋଇ ଯାଇଥିଲା। ଅବସର ନେବା ପରେ, ସେ ପୁଣି ଆସାମ ଫେରି ଆସି ନିଜକୁ ଲେଖାଲେଖି ଓ ସଂସ୍କାର ମୂଳକ କାର୍ଯ୍ୟ କଳାପରେ ନିୟୋଜିତ କରିଥିଲେ।

କାଠସିଡ଼ି ଦେଇ ତାଙ୍କ ଘରେ ପହଞ୍ଚିଲା ବେଳେ ଦେଖିଲୁ, କେବଳ ସେ ଏକା ତ ନାହାଁନ୍ତି, ଗୋଟିଏ ବିରାଟ ଲେଖାଲେଖିର କାରଖାନା ଓ ଅଫିସ୍ ତାଙ୍କ ଘରେ। ତାଙ୍କ ଘର ଓ ଅଫିସ୍‌ରେ ଡିକ୍ଟେସନ୍ ନେବାଠାରୁ ଆରମ୍ଭ କରି ଡିଟିପି ଯାଏ ସବୁ ଜିନିଷ ହେଉଛି ଓ ବହି ମୁଦ୍ରଣ ଚାଲିଛି। ଆମେ ଗଲାବେଳକୁ ସେ ସାମାନ୍ୟ ଅସୁସ୍ଥ ଥିଲେ ଏବଂ କିଛିଦିନ ଆଗରୁ ମଧ୍ୟ ମାନସିକ ଅବସାଦ ପାଇଁ ଔଷଧ ଖାଉଥିଲେ। ତଥାପି ପ୍ରାୟ ଏକଘଣ୍ଟା କାଳ ଇନ୍ଦିରା ଗୋସ୍ୱାମୀ ସାଙ୍ଗରେ କଥାବାର୍ତ୍ତା କରି ଓଡ଼ିଶାର କାବ୍ୟ, କବିତା ଓ ସାହିତ୍ୟ ବିଷୟରେ ଚର୍ଚ୍ଚା କଲେ। କଥାଛଳରେ ସେ କେତେକ ଓଡ଼ିଆ କବି ଓ ଔପନ୍ୟାସିକଙ୍କର ଉଚ୍ଚପ୍ରଶଂସା ମଧ୍ୟ କରିଥିଲେ।


ମୋ ସାଙ୍ଗରେ କଫି ପିଇବା ପରେ ସେ ଫଟୋ ଉଠାଇଲେ ଏବଂ ତାଙ୍କ ସଦ୍ୟ ପ୍ରକାଶିତ ବହିଟିଏ ମତେ ଉପହାର ଦେଇଥିଲେ। ମୁଁ ତାଙ୍କଠାରୁ ବିଦାୟ ନେଇ ଫେରି ଆସିଲି ଗୌହାଟୀ ମେଡ଼ିକାଲ୍ କଲେଜକୁ। ଲଂଚ ପରେ କିଛି ସମୟ ବିଶ୍ରାମ ନେଇ ତା ପରେ ଆମେ ଗୌହାଟୀର ସିଲ୍‌କ ହାଉସ୍‌ରେ ପହଂଚିଲୁ। ଆସାମ ସିଲ୍କ ପାଇଁ ଖୁବ୍ ପ୍ରସିଦ୍ଧ। ସୁନ୍ଦର ସୁନ୍ଦର ଶାଢ଼ୀର ଡିଜାଇନ୍ ସହ ଅନେକ ଶାଢ଼ୀରେ ମେଖଳା ଥିବାର ଦେଖିଲୁ ଯାହା 'ମେଖଳା' ଶାଢ଼ୀ ନାମରେ ବିଖ୍ୟାତ। ପରିବାରର ସମସ୍ତଙ୍କ ପାଇଁ ଖଣ୍ଡିଏ ଖଣ୍ଡିଏ ସିଲ୍କ୍‌ଶାଢ଼ୀ କିଣିଲୁ ଏବଂ ଆସାମର ପ୍ରସିଦ୍ଧ ଚା'ବଗିଚାରୁ ସଦ୍ୟ ତୋଳା ହୋଇଥିବା ଚା' ପତ୍ର ମଧ୍ୟ ନେଇ ଆସିଲୁ।

କାମାକ୍ଷା ଦେବୀଙ୍କ ମନ୍ଦିର ଦର୍ଶନ କରିବାହିଁ ଆମର ସବୁଠାରୁ ବଡ଼ ଲକ୍ଷ୍ୟସ୍ଥଳ ଥିଲା। ଗୌହାଟୀ ସହର ଉତ୍ତର ପୂର୍ବାଚଂଳର ପ୍ରବେଶ ଦ୍ୱାର ଭାବେ ଖ୍ୟାତ ତଥା ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର। ବ୍ରହ୍ମପୁତ୍ରର କୁଳୁକୁଳୁ ନାଦରେ ପୁଲକିତ, ଭାରତର ଏହା ଏକ ଦ୍ରୁତ ଅଭିବୃଦ୍ଧି ସଂପନ୍ନସହର। ବ୍ରହ୍ମପୁତ୍ର ଯେଉଁଠି ଧୋଇ ଦେଇଥାଏ ଏହି ପ୍ରାଚୀନ ସହରର ପାଦ, ନୀଳାଚଳ ପାହାଡ଼ ଉପରେ ବିଜେ ହୋଇ ଦେବୀ କାମାକ୍ଷା ଧ୍ୱଜାଉଡ଼ାଇ ଅଭିବାଦନ ଜଣାଇଥାନ୍ତି ଅତିଥିମାନଙ୍କୁ। ଗୌହାଟୀ ନାମର ସୃଷ୍ଟି ଦୁଇଟି ଆସାମୀ ଶବ୍ଦରୁ ହୋଇଛି ଗୌହା-ଗୁଆ ଓ ହାଟ୍,- ସାପ୍ତାହିକ ହାଟ। ବହୁ ପ୍ରତୀକ୍ଷିତ କାମାକ୍ଷା ମନ୍ଦିର ବାକୀ ରହିଲା ତା' ପରଦିନକୁ- (କ୍ରମଶଃ)

---

## ପୁସ୍ତକ ସମୀକ୍ଷା

**'ରୁପା ଫରୁଆ'**
(ଗଳ୍ପ ସଂକଳନ)
ଗାଳ୍ପିକ: ସିଦ୍ଧିପ୍ରସାଦ ସାହୁ
ପ୍ରକାଶକ- ସନ୍ତୋଷ ବାରିକ
ସ୍ୱାଲମ୍ବନ ପବ୍ଲିଶର୍ସ, ବାଲିଆ, ସିଟି କ୍ଲିନିକ୍ ରୋଡ, ବାଲେଶ୍ୱର
ମୂଲ୍ୟ-୧୧୧/-




ପାରମ୍ପରିକ ଜୀବନ ବୋଧ ତଥା ମୂଲ୍ୟବୋଧ ଭିତ୍ତିକ ସମାଜ ନିର୍ମାଣ ପାଇଁ ଗାଳ୍ପିକଟିଏ କଥାବସ୍ତୁର ଅବତାରଣା କଲାବେଳେ ନିଜ ଅଲକ୍ଷ୍ୟରେ ସେ ବସାବାନ୍ଧି ରହିଯାଇଥାଏ ସେଇ ଗଳ୍ପର କୌଣସି ନା କୌଣସି ଘଟଣା ବା ଚରିତ୍ର ଭିତରେ। ଗଳ୍ପକଳାର ବଳିଷ୍ଠ ଦିଗ ଗୁଡ଼ିକ ହେଲା କାରୁଣ୍ୟ, ବିଦ୍ରୋହ, ଉଚ୍ଚତର ଦର୍ଶନ ଓ ମାନବୀୟ ସଂବେଦନଶୀଳତାକୁ ଏକ ଏକ ଚରିତ୍ରର ଅନେକ ଭୂମିକା ଭିତରେ ବହୁବର୍ଣ୍ଣୀ ବିଭବ ଭାବରେ ଉପସ୍ଥାପନ କରିପାରିବା। ଏଥିପାଇଁ କଳ୍ପନାର ମୂଳକରୁ ବାସ୍ତବତାର ଭୂମି ଆଡ଼କୁ ପାଠକୀୟ ଚିତ୍ତବୃତ୍ତିକୁ ଆଣିବା ପଛରେ ଗାଳ୍ପିକଟିଏ ନିଜର ସତ୍ୟଶୀଳତା ଏବଂ ସାମାଜିକ ଅଙ୍ଗୀକାର ବଦ୍ଧତାକୁ ନିଭାଇ ଚାଲିଥାଏ ଯାହା। ଏହି ଧାରାରେ ଜୀବନ ସହ ଯୋଡ଼ା ବହୁ ସଂପର୍କ ଏବଂ ସାମାଜିକ ଓ ମାନବିକ ମୂଲ୍ୟବୋଧ ସହ ଯୋଡ଼ିହୋଇ ରହିଥିବା ବହୁ କର୍ତ୍ତବ୍ୟ ଓ ଦାୟିତ୍ୱର ପ୍ରସଙ୍ଗକୁ ଘଟଣାକ୍ରମରେ କଥାର ରୂପ ଦେଉ ଦେଉ ନିର୍ମିତ ହୋଇଥାଏ ଆଶାବାଦୀ ସଂଘର୍ଷର ଉର୍ଜାଶୀଳ ଚରିତ୍ର। ଏହା ହିଁ ପାରମ୍ପରିକ ଜୀବନବୋଧର ବିଶୁଦ୍ଧ ଉଦ୍‌ଘୋଷଣା।

ଆମ ସମୟର ଆଉ ଜଣେ ମାନବବାଦୀ ସାରସ୍ୱତ ସ୍ରଷ୍ଟା ତଥା କଥାକାର ସିଦ୍ଧିପ୍ରକାଶ ସାହୁଙ୍କର ଗଳ୍ପ ସଂକଳନ 'ରୁପା ଫରୁଆ' ଏହି ମର୍ମରେ ଅଧିକ ଆଲୋଚନା ଯୋଗ୍ୟ। ଉନବିଂଶ ଶତାବ୍ଦୀର ଶେଷଭାଗରେ ଫରାସୀ ଔପନ୍ୟାସିକ ଏମିଲ ଜୋଲୋ (୧୮୪୦-୧୯୦୨) ସାଜିଥିଲେ ସ୍ୱଭାବବାଦର ଆଦ୍ୟ ପ୍ରବକ୍ତା। ବାସ୍ତବବାଦ ଭିତରୁ ଜନ୍ମ ନେଇଥିବା ଏହି ସ୍ୱତନ୍ତ୍ର ପର୍ଯ୍ୟାୟର ସାହିତ୍ୟ ଧାରାରେ ଅଲୌକିକ ସତ୍ତା ଏବଂ ଦୃଶ୍ୟମାନ ଜଗତକୁ ନିୟନ୍ତ୍ରଣ କରୁଥିବା ଅଦୃଶ୍ୟ ଜଗତକୁ ଅଗ୍ରାହ୍ୟ କରାଯିବା ସହ ମଣିଷର ନୈତିକ, ସାଂସ୍କୃତିକ, ବୈଚାରିକ ଓ ବୈଧାନିକ କାର୍ଯ୍ୟକଳାପ ପରିବେଶ ଓ ପରିସ୍ଥିତିରୁ ଜନ୍ମନିଅନ୍ତି। ତେଣୁ କଥା ଓ ଔପନ୍ୟାସିକ ଚରିତ୍ରମାନଙ୍କୁ ସ୍ୱତଃ ବିକଶିତ ଏବଂ ପ୍ରକାଶିତ ହେବାପାଇଁ ଅବସର ଦେବା ଉଚିତ ବୋଲି କୁହାଗଲା। ବାସ୍ତବବାଦରୁ ଜନ୍ମିତା ଏହି ସ୍ୱଭାବବାଦ୍ ତତ୍କାଳୀନ ସମୟ ଓ ସାହିତ୍ୟରେ ନିଜର ବଳିଷ୍ଠ କାୟାବିସ୍ତାର କରିଥିଲେ ମଧ୍ୟ ପୁଣିଥରେ ତାହା ବାସ୍ତବବାଦରେ ହିଁ ଲୀନ ହୋଇଥିଲା। ତେବେ ଏହି କାଳଖଣ୍ଡ ଭିତରେ ଡାରଉଇନ୍‌ଙ୍କ ବିବର୍ତ୍ତନବାଦ, ହାଇବର୍ଟଙ୍କ ସମାଜ ତତ୍ତ୍ୱ, କୋମତେଙ୍କର ପ୍ରକୃତିବାଦକୁ ନେଇ ନୂତନ ତତ୍ତ୍ୱର ପ୍ରଭାବରେ ବାସ୍ତବବାଦୀଙ୍କର ମଣିଷ ଭିତରେ ଥିବା ଆଦିମ ଏବଂ ମୌଳିକ ଗୁଣାବଳୀ ଗୁଡ଼ିକର ପାଶବିକ ସ୍ତରୀୟ ତୁଳନା ସାହିତ୍ୟକୁ ପୁଣିଥରେ କଲା ଆଦର୍ଶଚ୍ୟୁତ। ଏଠାରେ ସୂଚନାଯୋଗ୍ୟ ଯେ ବିଶ୍ୱର ସମସ୍ତ ସାହିତ୍ୟ କଳା ଓ ସଂସ୍କୃତିକୁ ପ୍ରଭାବିତ ଏବଂ ଉନ୍ନତ ତଥା ମାର୍ଜିତ କରିବାର ଭୂମିକା ନେଇଥିବା ଭାରତୀୟ ସାହିତ୍ୟଧାରା ଜୀବନର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଏବଂ ମୁକ୍ତ କଥନ ମୁକ୍ତ ଚିନ୍ତନକୁ ନେଇ ଆଭିମୁଖ୍ୟ ଏବଂ ଅନ୍ତଃସାରହୀନ ନୁହଁ। ଏ ମାଟିରେ ଜୀବନକୁ ନେଇ ଅହରହ ଚାଲିଛି ଅନ୍ୱେଷା ଏବଂ ଉଚ୍ଚତର ଜୀବନ ଲାଭ ପାଇଁ ଉଚ୍ଚବିଚାରର ସଂସ୍ଥାପନ ମନୁଷ୍ୟ ଦେହେ ଦିବ୍ୟଜ୍ଞାନ (ଭାଗବତ)ର ଉଦ୍ଧରଣ ହିଁ ଭାରତୀୟ ସାହିତ୍ୟର ଅସଲ ଆଭିମୁଖ୍ୟ। ହାରବର୍ଟ ସ୍ପେନସର ବା କୋମତେ ମଣିଷକୁ ଈଶ୍ୱରଙ୍କର ଶ୍ରେଷ୍ଠ ପ୍ରତିକୃତି ବୋଲି ଯେତେ ଥର ଖଣ୍ଡନ କଲେ ମଧ୍ୟ ବାଇବେଲ ଏବଂ ବେଦ ଦେଉଥିବା ପ୍ରାଚ୍ୟ ଏବଂ ପାଶ୍ଚାତ୍ୟରେ ମନୁଷ୍ୟକୁ ନେଇ ଦିବ୍ୟଜୀବନ ସଂଧାନର ପଥ।

ଆଜିର ଏକବିଂଶ ଶତାବ୍ଦୀ ଆଦର୍ଶ ଏବଂ ମୂଲ୍ୟବୋଧ ଭିତ୍ତିକ କାହାଣୀ ପ୍ରତି କେତେ ଆସ୍ଥାଶୀଳ? ସୂଚନାଯୋଗ୍ୟ ଯେ- ଗତବର୍ଷ (୨୦୨୦) ଘୋର କରୋନାରେ ଗୃହବନ୍ଦୀ, ସାମାଜିକ ସଂଗରୋଧ ପରିସ୍ଥିତିରେ ଦୂରଦର୍ଶନ (ଦିଲ୍ଲୀ) ଦ୍ୱାରା ପୁନଃ ପ୍ରସାରିତ ଧାରାବାହିକ ରାମାୟଣ ଜରିଆରେ ଡିଡି-୧ ଚ୍ୟାନେଲ ପୁଣିଥରେ ରେଟିଂର ଶୀର୍ଷକୁ ଚାଲିଯାଇଥିଲା। ଏହାହିଁ ଭାରତୀୟ ମାନଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଭିତ୍ତିକ କାହାଣୀ ପ୍ରତି ସ୍ୱତନ୍ତ୍ର ରୁଚି ଓ ଅନୁରାଗକୁ ପ୍ରମାଣ କରେ। ଏହି ପ୍ରସଙ୍ଗରେ ଖୋଲା ଯାଇପାରେ ଗାଳ୍ପିକ ଶ୍ରୀଯୁକ୍ତ ସିଦ୍ଧିପ୍ରକାଶ ସାହୁଙ୍କର 'ରୁପା ଫରୁଆ'ର ଖିଡ଼ିକି। ରୁପା ଫରୁଆ ଭିତରେ ଲୁଚିଛି କାହାର ଜୀବନ ନାଟିକା? ଗାଳ୍ପିକ ପ୍ରଥମରୁ ପରିଷ୍କାର କରିଛନ୍ତି- "ମୁଁ ମୋର 'ରୁପା ଫରୁଆ'କୁ ସାତତାଳ ପାଣିର ସାତତାଳ ପଙ୍କ ଭିତରେ ଲୁଚାଇ ରଖିନି। ତାକୁ ସାର୍ବଜନୀନ କରିଛି। ତା' ଭିତରେ ଜଳୁଥିବା ଦୀପକୁ ସଜାଡ଼ି ରଖିଛି ଏ ସମାଜକୁ ଆଲୋକ ପ୍ରଦାନ କରିବା ପାଇଁ। ପ୍ରତ୍ୟେକଟି ଦୀପ ଭିନ୍ନ ଭିନ୍ନ ଆଲୋକ ଶିଖା ପ୍ରଦାନ କରିଛି ସମାଜରୁ 'ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ବିଲୋପ ସାଧନ ପାଇଁ।'

ପୁସ୍ତକଟିରେ ସ୍ଥାନିତ ହୋଇଛି ନାତିଦୀର୍ଘ କଳେବରର ମୋଟ୍ ୨୨ଟି ଗଳ୍ପ। ଓଡ଼ିଶାର ଅଗ୍ରଣୀ ପ୍ରକାଶନ ଓ ବିତରଣ ସଂସ୍ଥା 'ସ୍ୱାବଲମ୍ବନ' ଦ୍ୱାରା ପ୍ରକାଶିତ ଏହି ମନୋଜ୍ଞ ଗଳ୍ପ ସଂକଳନକୁ ପ୍ରଚ୍ଛଦରେ ସଜାଇଛନ୍ତି ଓଡ଼ିଶାର ଅନ୍ୟତମ କୃତିବିଦ୍ୟ ଗାଳ୍ପିକ ଓ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ଶଶିକାନ୍ତ ରାଉତ। 'ରୁପାଫରୁଆ' ସଂକଳନର ଗଳ୍ପ ଗୁଡ଼ିକ ମୁଖ୍ୟତଃ ସାମାଜିକ ଓ ପାରମ୍ପରିକ ସଂପର୍କର ହର୍ଷବିଷାଦିତ ତୁଠ ପରି ଯେଉଁଠାରୁ ନୂତନ ଜୀବନକୁ ପ୍ରବେଶିବା ପାଇଁ ସଦ୍ୟସ୍ନାତ ଚରିତ୍ରମାନ ଶବ୍ଦର ବିଶୁଦ୍ଧ ବୁଡ଼ ପକାଇ ଓଦା ସରସର ହୋଇ ତୁଠ ଉପରକୁ ଉଠି ଆସିଛନ୍ତି ଯେପରି। ସଂପର୍କକୁ ନେଇ ଅବସୋସ ଏବଂ ଅନ୍ତର୍ଦାହରେ ଛଟପଟ ଚରିତ୍ରମାନଙ୍କୁ ନେଇ କଥା ଓ ବ୍ୟଥାର ପରିଧି ନିର୍ମାଣ କଲାବେଳେ ଗାଳ୍ପିକଙ୍କର ଭାଷାସବୁ ପ୍ରବହମାନ ଜଳାଧାରା ପରି ସ୍ୱଚ୍ଛ, ସ୍ୱଷ୍ଟ ଏବଂ ନିଷ୍କପଟ। ଜର୍ଜ ସାଣ୍ଡାର୍‌ଙ୍କ ଅନୁଯାୟୀ, **When you read a short story, you come out a little more aware and a little more in love with the world around you** ଆପ୍ତବାକ୍ୟ ସହ ଗାଳ୍ପିକ ସିଦ୍ଧିପ୍ରକାଶ କେତେ ମାତ୍ରାରେ ସହମତ ତାହାର ପ୍ରମାଣ ରଖେ ସଂକଳନସ୍ଥ ଭିନ୍ନ ଏକ କର୍ଣ୍ଣ, ବାସ୍ନା, ମୁଁ କଣ ଏକଲବ୍ୟ, ଅନ୍ତର୍ଦାହ, ରୂପା ଫରୁଆରେ ସୁନା କନିଆଁ, କଷଟି ପଥର, ବାପାଙ୍କର ପାଦଚିହ୍ନ, ଅସଜଡ଼ା ସୂତାଖିଅ ପରି ମାର୍ମିକ କଥାସୃଜନୀ ମାନେ। ସଂପର୍କର ପବିତ୍ରତାକୁ ପ୍ରାଞ୍ଜଳତା ଓ ଆବେଗଧର୍ମୀୟତାର ଦିଗ ଧର୍ମ ଦେଇଥିବା ଏହି ଗାଳ୍ପିକ ଗଳ୍ପର ସ୍ୱର ଓ ସଂକେତରେ ହୃଦୟବତ୍ତାର ବାରମ୍ବାର ସଫଳ ପରୀକ୍ଷାରେ ନିଜକୁ ଅବତୀର୍ଣ୍ଣ କରିଛନ୍ତି ବୋଲି କୁହାଯାଇପାରେ। ଆମକୁ ବିଶ୍ୱାସ ରଖିବାକୁ ହେବ ଯେ ମଣିଷର ଭୂମିକାକୁ ନେଇ ହିଁ ସମାଜର ହୋଇଥାଏ ଭୂମିନିର୍ମାଣ। ମଣିଷର ଭାବନାକୁ ନେଇ ହିଁ ସଂସାରର ଭାବଚକ୍ର। ସିଦ୍ଧିପ୍ରକାଶଙ୍କର 'ଭିନ୍ନ ଏକ କର୍ଣ୍ଣ'ର ଡାଃ ସୂର୍ଯ୍ୟାଂଶୁ ହୁଅନ୍ତୁ ଅଥବା 'ବାପାଙ୍କର ପଦଚିହ୍ନ' ଗଳ୍ପର ବିଜନ ବାବୁ ଚରିତ୍ର ହୁଅନ୍ତୁ ସବୁଠି ପାଠକ ପାଇବେ ସେବା, ଧର୍ମ, ଭକ୍ତି ଓ ନିଷ୍ଠା ବିଜଡ଼ିତ ଭାରତୀୟ ଜୀବନ ଚର୍ଯ୍ୟାର ତଡାଗବୀଚିୟ ସ୍ପନ୍ଦନ। "ମୋ ବିଜୁର କୁନି କୁନି ପାଦ ଚିହ୍ନକୁ ଦେଖି ମୁଁ ଯେଉଁଆଡ଼େ ଯିବି ଖାଲି ଶୁଭ ହେବ।" ନିଜସ୍ୱ ତେଜ, ବୀଜ ଓ ଓଜଃରୁ ସୃଷ୍ଟି କରିଥିବା ନିଜ ସନ୍ତାନର କୁନି କୁନି ଦୁଇ ପଦକୁ ନେଇ କେତେ ଭରସାଶୀଳ ଜଣେ ପିତା!! କିନ୍ତୁ ସେଇ ପିତାଙ୍କର ବୟସାଧିକ୍ୟ ଜନିତ ହ୍ରାସ ପାଇଥିବା ଶ୍ରବଣଶକ୍ତି ପ୍ରତି ଯୁବକ ସନ୍ତାନର ବିରକ୍ତି ମିଶ୍ରିତ କ୍ରୋଧୋକ୍ତି- "ସେଇ ଏକା କଥାକୁ କେତେଥର ପଚାରୁଛ।" କେତେ ସଂବେଦନଶୀଳ କଥାବସ୍ତୁଟି ସତରେ!! କଳା-ବିଜ୍ଞାନର ଲଢ଼େଇ ଓ ସହମତି (ଡାରଉଇନଙ୍କର ନୃବାନରୀୟ ବିବର୍ତ୍ତନ ତତ୍ତ୍ୱ ଏବଂ କୋମତେଙ୍କର ସହଜାତ ପ୍ରକୃତି ତତ୍ତ୍ୱ)ର ବିମର୍ଶକୁ ନେଇ କ'ଣ ବୁଝିହେବ ସିଦ୍ଧିପ୍ରକାଶଙ୍କର ବହୁ ଗଳ୍ପ ମଧ୍ୟରୁ 'ବାପାଙ୍କର ପାଦଚିହ୍ନ' ଗଳ୍ପରେ ସ୍ଥାନିତ ଏଇ ଦୁଇ ସଂବେଦନଶୀଳ ଧାଡ଼ିକୁ!!

ହୃଦୟ ଭିତରେ ଅଦିନ ଝଡ଼ ସଂଚାର କଲାଭଳି ସିଦ୍ଧିପ୍ରକାଶଙ୍କର ଗଳ୍ପ। ତାଙ୍କର ସଂସ୍କାରଧର୍ମୀ ସତ୍ୟଶୀଳ ଚେତନା ଭିତରୁ ଜନ୍ମ ନେଇଛନ୍ତି ମୁରଲୀଧର ବୋଇତା (ଗଳ୍ପ-ଅଦୃଶ୍ୟ ସନ୍ତାନ), ଆର୍ଯ୍ୟାଦେବୀ (ଗଳ୍ପ-ସାହାଯ୍ୟ), ସପନା (ପ୍ରତିବାଦର ପରିବର୍ତ୍ତନ) ପରି ଏକାଧିକ ଚରିତ୍ର। ସଂକଳନସ୍ଥ ଗଳ୍ପ ଗୁଡ଼ିକରେ ପରିଲକ୍ଷିତ ହୁଏ ମୁଖ୍ୟତଃ ତିନିପ୍ରକାର ରୂପାନ୍ତରୀକରଣ ଶୈଳୀ। ଯଥା- (କ) ସ୍ଥାନଗତ ରୂପାନ୍ତର (ଖ) କାଳଗତ ରୂପାନ୍ତର (ଗ) ପାତ୍ରଗତ ରୂପାନ୍ତର। ବିବେକ ବିଚାର ଏବଂ ପରିସ୍ଥିତିକୁ ନେଇ ତାଙ୍କର ଚରିତ୍ରମାନେ ଯେତେ ଆଲୋଡ଼ିତ ହେଲେ ମଧ୍ୟ ପ୍ରତିଗଳ୍ପରେ ସେ ଦୃଢ଼ ଭାବରେ ପ୍ରତିଷ୍ଠା କରିଛନ୍ତି କୋଲାଜ୍ ବା ସମାହର ଦୃଶ୍ୟର ଚରିତ୍ର ସମାହର। ସେଥିପାଇଁ ତାଙ୍କର ଗଳ୍ପର ଅନ୍ତଃସ୍ୱରରେ ଅବସୋସ ଥିଲେ ମଧ୍ୟ ଦ୍ୱନ୍ଦ୍ୱ ନାହିଁ। ଆଲୋକର ବର୍ଣ୍ଣାଳୀ ପରି ମନନଶୀଳତାର ବିବିଧତା ଓ ତୀକ୍ଷ୍ଣ ଅନ୍ତର୍ଦୃଷ୍ଟିରେ ସମୟର ଦୃଶ୍ୟଚିତ୍ର ଆଙ୍କିବାରେ ନିଜର ପାରଦର୍ଶିତା ଦେଖାଇ ଥିବା ଏହି ଗାଳ୍ପିକ ଗତକାଲିକୁ ନେଇ ଯେତିକି ବିବେଚନାରେ ମଗ୍ନ କାଳର ପ୍ରବାହ ସହ ସେତିକି ସମଦିଗଧର୍ମୀ ହେବା ସହ ସଂପର୍କର ଅଗ୍ରଭାଷ୍ୟକୁ ନେଇ ସେତିକି ଦାୟିତ୍ୱ ଏବଂ ଭରସାଶୀଳ। ମୁଖ୍ୟତଃ ସୀମିତ, ଶିଥିଳ ଓ ନିସ୍ପନ୍ଦ ହେବାରେ ଲାଗିଥିବା ଛଳନାତ୍ମକ ସମ୍ପର୍କକୁ ନେଇ ତାଙ୍କର କଥାବସ୍ତୁ ସମୂହ ନୂତନ ସମୟ ପାଇଁ ନୂତନ ନକ୍ସା ଆଙ୍କିବାରେ ବ୍ରତୀ।

ଘଟଣାର ପ୍ରତିଫଳନ ଭିତରୁ ଚିତ୍ର ଓ ଚରିତ୍ର ସବୁ ଲେଖକର ସୂକ୍ଷ୍ମ ବା ଅବଚେତନ ସ୍ତରରେ ବସାବାନ୍ଧି ରହିଯାଇଥାଏ। ଗଳ୍ପରେ ତା'ର ପୁନର୍ବିନ୍ୟାସ ଘଟାଇଲାବେଳେ ଘଟଣା ହୋଇ ସାରିଥାଏ ଅତୀତ। ତେଣୁ ଶବ୍ଦଠାରୁ ବାଚକ ବା ସିଗ୍‌ନିଫାୟର୍ ଏଇଠି ଏତେ ତାତ୍ପର୍ଯ୍ୟପୂର୍ଣ୍ଣ ଯେ 'ଆଜି ନଗଦ କାଲି ବାକି' ପରି ଗତାନୁଗତିକ ଧାରାରୁ ମୁକୁଳି ଆସି ସାହିତ୍ୟିକ ପ୍ରତୀକାତ୍ମକ ଚରିତ୍ରକୁ ଜନଗଣ ଓ ମନର ପ୍ରତିନିଧି ଭାବେ ଛିଡ଼ା କରାଇ ସମକାଳକୁ ଦିଏ ସର୍ବକାଳର ସଂଜ୍ଞା ଓ ପରିଧି। ଗାଳ୍ପିକ ଶ୍ରୀଯୁକ୍ତ ସିଦ୍ଧିପ୍ରକାଶ ସାହୁ ସମୟର ସୈନ୍ଧବ ନେତ୍ରରେ ସମାଜ, ପରିବାର ଏବଂ ବହିର୍ଜଗତର ବହୁ ଅସଂଗତିକୁ ପ୍ରତ୍ୟକ୍ଷ କଲାପରେ ସୃଜିଛନ୍ତି ଏହିସବୁ ସଂସ୍କାରବାଚୀ କଥାର ବିଭବ। ରୂପା ଫରୁଆ ଭିତରେ ସାଇତା ସଂତକ ପରି ତାଙ୍କର ଭାବନା, ଚେତନା ଏବଂ ସଂସ୍କାରଧର୍ମୀ ଅଗ୍ରଭାଷ୍ୟ ସବୁ ପାଠକଙ୍କୁ ମାନସିକ ଅବସାଦ, ହା-ହତାଶ, ନିଃସଙ୍ଗପଣ, ସ୍ୱପ୍ନଭଙ୍ଗ ଏକାକୀତ୍ୱ ପରି ଆଧୁନିକ ଜୀବନଚର୍ଯ୍ୟା ସଂଭୂତ ବିଡ଼ମ୍ବନାରୁ ମୁକ୍ତି ଦେଇ ସଂପର୍କର ନୂତନ ସକାଳକୁ ଆମନ୍ତ୍ରି ଆଣୁ ବୋଲି ଆମର କାମନା।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ନୀଳଗିରି ବଜାର ହୋଟେଲରୁ ଚୋରି

ନୀଳଗିର,୧୭/୦୭ (ନି.ପ୍ର): ନୀଳଗିରି କଚେରୀ ବଜାରରେ ଥିବା ମିନେରାଲ ହୋଟେଲରୁ ଗତକାଲି ଦୁର୍ବୃତ୍ତମାନେ ମୂଲ୍ୟବାନ ସରଞ୍ଜାମ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଶନିବାରଦିନ ସକାଳେ ହୋଟେଲ ମାଲିକ ରସାନନ୍ଦ ଖୁଣ୍ଟିଆ ହୋଟେଲ ର ତାଲା ଖୋଲିଲା ପରେ ହୋଟେଲ ର ସମସ୍ତ ସରଞ୍ଜାମ ଚୋରୀ ହୋଇଯାଇଥିବାର ଜାଣି ପାରିଥିଲେ । ତତ୍‌ପରେ ନୀଳଗିରି ଥାନାରେ ଖବର ଦେଇଥିଲେ । ହୋଟେଲରେ ଥିବା ୫ ଗୋଟି ଫେନ୍, ଫ୍ରିଜ୍ ପଛରେ ଥିବା ପିତଳ ଜାଲି, ଟିଭି, ବାସନକୁସନ ସମେତ ହଜାର ହଜାର ମୂଲ୍ୟରେ ସରଞ୍ଜାମ ଚୋରୀ ହୋଇଯାଇଥିବା ଜଣାଯାଇଛି । ନୀଳଗିରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ବିଦ୍ୟୁତ୍‌ଦର ବୃଦ୍ଧି ଏବଂ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ ରାଜ୍ୟପାଳଙ୍କୁ ଦାବିପତ୍ର

ଜଳେଶ୍ୱର ୧୭/୭(ନି.ପ୍ର): ରାଜ୍ୟରେ ବିଭିନ୍ନ କମ୍ପାନୀ ମାନଙ୍କ ଦ୍ୱାରା ବିଦ୍ୟୁତ୍ ବିତରଣ ହେଉଛି । କମ୍ପାନୀମାନେ ମନଇଚ୍ଛା ବିଦ୍ୟୁତ୍ ଶୁଳ୍କ ବଢାଇ ଚାଲିଛନ୍ତି । ଯାହାଫଳରେ କରୋନା ମହାମାରୀ ସମୟରେ ସାଧାରଣ ଲୋକେ ରୋଜଗାର ହରାଇଥିବାରୁ ଏହା ବେଢି ଉପରେ କରୋଡା ମାଡଭଳି ସୃଷ୍ଟି ହୋଇଛି । ଏହା ସହିତ ଗ୍ରାମାଂଚଳରେ ଅଘୋଷିତ ବିଦ୍ୟୁତ୍‌କାଟ ଓ ଲୋ ଭଲଟେଜ୍ ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିଛି । ଏହାର ପ୍ରତିବାଦରେ ବିଜେପି ର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସମୀର ପାତ୍ର, ତପନ ବିଶ୍ୱାଳ, ପ୍ରଣବ ପଣ୍ଡାଙ୍କ ନେତୃତ୍ୱରେ ବହୁ ବିଜେପୀ କର୍ମୀ ଓ ଉପଭୋକ୍ତାମାନେ ହାତୀଗଡ ବିଦ୍ୟୁତ୍ ଡିଭିଜନ୍‌ର କନିଷ୍ଠଯନ୍ତ୍ରୀଙ୍କ ଜରିଆରେ ଏକ ଦାବିପତ୍ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୩୮,୦୭୯ ନୂଆ ମାମଲା

ନୂଆଦିଲ୍ଲୀ,୧୭/୦୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୮,୦୭୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୫୬୦ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ବଢି ୩,୧୦, ୬୪, ୯୦୮ହୋଇ ଯାଇଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୨୪,୦୨୫ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪,୧୩,୦୯୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ରାଜ୍ୟସ୍ତରୀୟ ପ୍ରତିଯୋଗୀତା ପାଇଁ ଜଳେଶ୍ୱରରୁ ଦିବ୍ୟଜ୍ୟୋତି କୋଇଲା ମନୋନୀତ



ଜଳେଶ୍ୱର, ୧୭/୭(ନି.ପ୍ର): ଆସନ୍ତା ଜୁଲାଇ ୨୫ ତାରିଖରେ ଓଡିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା ଲାଗି ଆବେଦନ ଆହ୍ୱାନ କରାଯାଇଛି । ଏଥିରେ ଭାଗ ନେବାଲାଗି ୩ଟି ବିଭାଗ ଥିବା ବେଳେ ବାଲେଶ୍ୱର ଜିଲାସ୍ତରୀୟ ପ୍ରତିଯୋଗୀତାରେ ଜଳେଶ୍ୱରର ନବମ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି କୋଇଲା ମନୋନୀତ ହୋଇଛନ୍ତି । ମୋଟ ୩ଟି ବିଭାଗରୁ ୬ଜଣ ଛାତ୍ରଛାତ୍ର ମନୋନୀତ ହୋଇଥିବା ବେଳେ ଜଳେଶ୍ୱର ବ୍ଲକର ଅଗ୍ରୱାଲା ସୀମାନ୍ତ ହାଇସ୍କୁଲର ଦିବ୍ୟଜ୍ୟୋତି କୋଇଲା ସାହିତ୍ୟ ସମ୍ପର୍କୀତ ବକ୍ତୃତାରେ ମନୋନୀତ ହୋଇଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସଂସ୍କୃତି ବିଭାଗକୁ ପତ୍ର ଲେଖା ଯାଇଛି । ପ୍ରକାଶଯୋଗ୍ୟ ଦିବ୍ୟଜ୍ୟୋତି ଜଣେ ମେଧାବି ଛାତ୍ର ଥିବା ବେଳେ ବିଭିନ୍ନ ବୃତି ପରୀକ୍ଷା, ପଠାଣୀ ସାମନ୍ତ ମେଧାବୃତି, ନବୋଦ୍ୱୟରେ ପ୍ରବେଶିକା ପରୀକ୍ଷା, ସାଇନ୍ସ ଇନ୍‌ସ୍ପେୟାର ଏୱାର୍ଡ ସହିତ ବିଭିନ୍ନ ପ୍ରତିଯୋଗୀତାରେ ସମ୍ମାନ ପାଇଛନ୍ତି । ପିତା ଚନ୍ଦ୍ର ମୋହନ କୋଇଲା ମାକିଡିଆ ସରକାରୀ ଉନ୍ନତି ବିଦ୍ୟାଳୟର ଶିକ୍ଷକ ଥିବା ବେଳେ ମା ଜ୍ୟୋସ୍ନାରାଣୀ ବେହେରା କୁଅଁରପୁର ବିଦ୍ୟାଳୟରେ ଶିକ୍ଷୟତ୍ରୀଭାବେ କାର୍ଯ୍ୟରତ । ଏ ଖବର ପ୍ରକାଶିତ ହେବାପରେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର,୧୭/୦୭ (ନି.ପ୍ର): ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ କମିଟି ଅଧ୍ୟକ୍ଷ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସଦଭାବନା ସମ୍ମିଳନୀ ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବୈଠକର ଆବାହକ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ଏଥିରେ ଉପସ୍ଥିତ ରହି ବିବରଣୀ ଉପସ୍ଥାପନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଳସେନ ଜଗଦେବ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ରାସ୍ତା ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ବିଶେଷ କରି ଖାଲ ଢିପ ଥିବା ସର୍ଭିସ ରୋଡ ଗୁଡିକର ଯଥାଶୀଘ୍ର ମରାମତି କରାଯିବା, ହେଲମେଟ ଚେକିଂ ସହ ନାବାଳକ ଗାଡ଼ି ଚାଳନାକୁ ରୋକିବା, ଜାତୀୟ ରାଜପଥରେ ଡାଇଭର୍ସନ ଚିହ୍ନଟ କରାଯାଇ ଟ୍ରାଫିକ ନିୟନ୍ତ୍ରଣ ପାଇଁ କର୍ମଚାରୀ ମୁତୟନ କରାଯିବା, ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସର୍ଭିସ ରୋଡମାନଙ୍କର ବୁଲାଣି ଜାଗାରେ ସାଇନେଜ ଲଗାଯିବା ଆଦି ଦିଗରେ ଜିଲାପାଳ ଆଲୋକପାତ କରିଥିଲେ । ବିଶେଷ କରି ମୌସୁମୀ ବର୍ଷା ଆଗରୁ ବାମପଦା ଛକ, କୁରୁଡା ଛକ, ରେମୁଣା ଗୋଲେଇ ରାସ୍ତାଗୁଡିକୁ ଯଥାଶୀଘ୍ର ମରାମତି ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ଯୋଗୁଁ ସ୍ଥାୟୀ ନିର୍ମାଣ ହୋଇ ନ ପାରିଲେ ସାମୟିକ ଭାବେ ବଡ଼ ବଡ଼ ଖାଲ ସବୁ ପୂରଣ କରାଯାଇ ମରାମତି କରିବାକୁ କହିଥିଲେ । । ଜିଲା ସଦର ମହକୁମାର ପ୍ରତି ସରକାରୀ ଅଫିସ ପ୍ରବେଶ ଦ୍ୱାରରେ "ହେଲମେଟ ବିନା ପ୍ରବେଶ ନିଷେଧ" ବୋର୍ଡ଼ ଲଗାଇବା ପାଇଁ ପରିବହନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ରେମୁଣା ଗୋଲେଇ ନିକଟସ୍ଥ ଜାତୀୟ ରାଜପଥର ଦୁଇପାଖରେ ଛିଡା ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଟ୍ରକ୍ ଓ ଅନ୍ୟ ଗାଡ଼ିସବୁକୁ ଫୁଲାଡ଼ି ନିକଟସ୍ଥ ଚିହ୍ନଟ କରାଯାଇଥିବା ୫ ଏକର ବିଶିଷ୍ଟ ଜାଗାରେ ପାର୍କିଂ ପାଇଁ ପଦକ୍ଷେପ ନେବାକୁ ପରିବହନ ଅଧିକାରୀଙ୍କୁ ଏହି କୁହାଯାଇଥିଲା । ଗତ ଜୁନମାସ ମଧ୍ୟରେ ଚିହ୍ନଟ କରାଯାଇଥିବା ସମୁଦାୟ ୧୫୨ ଟ୍ରାଫିକ ନିୟମ ଭଙ୍ଗକାରୀ ଅଭିଯୁକ୍ତଙ୍କ ମଧ୍ୟରୁ ୫୮ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ଏବଂ ଚଳିତ ବର୍ଷ ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ସମୁଦାୟ ଚିହ୍ନଟ ୩୦୦୮ ଅଭିଯୁକ୍ତଙ୍କ ମଧ୍ୟରୁ ୧୦୧୧ଜଣଙ୍କ ଲାଇସେନସ ରଦ୍ଦ ହୋଇଛି । ସେହିପରି ପୁଲିସ ବିଭାଗର ରିପୋର୍ଟ ଅନୁଯାୟୀ ଜାନୁୟାରୀରୁ ଜୁନ ମଧ୍ୟରେ ଅଧିକ ବେଗ ପାଇଁ ୪ଜଣ, ଗାଡିଚାଳନା ବେଳେ ମୋବାଇଲ ବ୍ୟବହାର ପାଇଁ ୨୯ଜଣ, ଅନ୍ୟାନ୍ୟ କାରଣ ପାଇଁ ୫୦ଜଣଙ୍କୁ ମିଶାଇ ମୋଟ ୮୩ ଜଣଙ୍କ ଲାଇସେନସ ରଦ୍ଦ କରାଯାଇଛି । ୨୦୨୧ ମସିହା ଜାନୁୟାରୀରୁ ଜୁନ ମଧ୍ୟରେ ପୁଲିସ୍ ଥାନାମାନଙ୍କ ଦ୍ୱାରା ପ୍ରଦତ୍ତ ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ସମୁଦାୟ ୨୦୬ଟି ଦୁର୍ଘଟଣା ଘଟିଛି । ଜାତୀୟ ରାଜପଥରେ ରୂପସାରୁ ଶେରଗଡ଼, ଶେରଗଡ଼ରୁ ସୋର, ସୋରରୁ ସିମୁଳିଆ ପର୍ଯ୍ୟନ୍ତ ପୁଲିସ ପକ୍ଷରୁ କରାଯାଉଥିବା ପାଟ୍ରୋଲିଂରେ ଟ୍ରାଫିକ ନିୟମ ଅବମାନନା କରୁଥିବା ଅପରାଧୀ ଚିହ୍ନଟ, ପାଟ୍ରୋଲିଂ ଟିମ ଦ୍ୱାରା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଅପରାଧୀ ସଂଖ୍ୟା ଅନ୍ୟ ଜିଲ୍ଲା ତୁଳନାରେ ବହୁତ କମ୍ ଏବଂ ଶୂନ ଥିବାରୁ ଏ ଦିଗରେ ଅଧିକ କଡାକଡି ଯାଞ୍ଚ ଏବଂ ସମୀକ୍ଷା କରିବା ପାଇଁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ ।

# ପ୍ରଶାସନର ଅବହେଳା ପାଇଁ ଆଖିବୁଜିଲେ ବୃଦ୍ଧା

ନୀଳଗିରି,୧୭/୦୭ (ନି.ପ୍ର): ନୀଳଗିରି ସହରରେ ଗତ କିଛି ବର୍ଷ ଧଣି ଖରା, ବର୍ଷା, ଶୀତ କାକରରେ ବୁଲୁଥିବା ଜଣେ ଅସହାୟ ଆଦିବାସୀ ବୃଦ୍ଧା ଶେଷରେ କାଲି ଆଖି ବୁଜି ଦେଇଛନ୍ତି । ଦିନ ଦିନ ଧରି ପଡ଼ି ରହିଥିବା ଏହି ବୃଦ୍ଧାଙ୍କୁ ନା ପେଟକୁ ଯାଉଥିଲା ଦାନା ନା ପାଉଥିଲେ ସଠିକ୍ ଚିକିତ୍ସା ବ୍ୟବସ୍ଥା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି ଆଜି ମହିଳା ଜଣକ ଆଖି ବୁଜିବା ନେଇ ଅଂଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ପମା ସିଂ ନାମକ ୭୦ ବର୍ଷର ମହିଳା ଜଣକ ଆଜକୁ ବର୍ଷ ବର୍ଷ ଧରି ଘର ଘର, ଏ ଦୋକାନରୁ ସେ ଦୋକାନ ମାଗିଯାଚି ନିଜର ପେଟ ପୁରାନ୍ତି । ହେଲେ କିଛି ବର୍ଷ ଧରି ରୋଗାଗ୍ରସ୍ତ କାରଣରୁ ସେ ଚାଲିପାରୁ ନ ଥିଲେ । ଖରାବର୍ଷା, ଶୀତକାକରରେ ଗଛମୂଳ ଓ ଭଙ୍ଗା ଚାଳିଆ ତଳେ ପଡ଼ିରହିଥିବା ବେଳେ କେତେବେଳେ କାଁ ଭାଁ ସହୃଦୟ ବ୍ୟକ୍ତି ଖାଦ୍ୟ ଦେଉଥିବା ବେଳେ ଜୀବନ ବଂଚାଉଥିଲେ । ମାସରେ ଉର୍ଦ୍ଧ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ କଚେରୀବଜାରସ୍ଥିତ ଏକ ଚାଳିଆ ତଳେ ପଡ଼ି ରହିଥିଲେ । ତାଙ୍କର ପରିବାର ଓ ସମ୍ପର୍କୀୟର ଖୋଜ ଖବର ନ ଥିବା ବେଳେ ଉତ୍ତମ ଚିକିତ୍ସା ପାଇ ପାରି ନ ଥିଲେ । ଏପରିକି ସେହି ରାସ୍ତା ଦେଇ ପ୍ରଶାସନର ସମସ୍ତ ଅଧିକାରୀମାନେ ଯାତାୟତ କରୁଥିଲେ ମଧ କାହାରି ନଜର ପଡୁ ନ ଥିଲା । ରାଜ୍ୟ ସରକାର କେହି ଅନାହାରରେ ମରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ତାଙ୍କୁ କେହି ସଠିକ୍ ଚିକିତ୍ସା ଯୋଗାଇ ନ ଥିଲେ କି ଖାଦ୍ୟ ଯୋଗାଇ ନ ଥିଲେ । ଶେଷରେ ଆଜି ସେ ଆଖି ବୁଜି ଦେଇଥିଲେ । ତାଙ୍କୁ ନୀଳଗିରି ହସ୍‌ପିଟାଲ ନେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ପରେ ତାଙ୍କ ସଂପର୍କୀୟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ପ୍ରଶ୍ନ ଉଠେ ମରିବା ପରେ ଯେପରି ତାଙ୍କ ଶବକୁ ଅନ୍ତିମ ସତ୍କାର କରାଗଲା , ସେହିପରି ଜୀବିତ ଅବସ୍ଥାରେ ଯଦି ସେବା ଯୋଗାଇ ଦିଆଯାଇଥାଆନ୍ତା, ହୁଏତ ସେ ଆଉ କିଛି ଦିନ ବଞ୍ଚିପାରିଥାନ୍ତେ ।

## ତାମିଲନାଡୁରେ ଗତ ୨୪ ଘଂଟାରେ ୨,୨୦୫ କରୋନାର ନୂଆ ମାମଲା

ଚେନ୍ନାଇ,୧୭/୦୭ (ନି.ପ୍ର): ତାମିଲନାଡୁରେ ଗତ ୨୪ ଘଂଟାରେ ୨,୨୦୫ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୮,୫୯୦ ହୋଇଛି ।

# ଜଳେଶ୍ୱରର ୧୯ ପ୍ୟାକ୍ସରେ ହୋଇନି ଚାଷୀ ପଂଜିକରଣ

## ପ୍ରଶିକ୍ଷଣରେ ଯୋଗ ଦେଇ ନାହାନ୍ତି ସମ୍ପାଦକ : ସଂକଟରେ ଚାଷୀ

ଜଳେଶ୍ୱର ୧୭/୭(ନି.ପ୍ର) : ଜଳେଶ୍ୱର ବ୍ଲକ ଅଂଚଳରେ ଥିବା ୧୯ଟି ସେବା ସମବାୟ ସମିତି(ପ୍ୟାକ୍ସ)ରେ ଅଦ୍ୟାବଧି ଚାଷୀ ପଂଜିକରଣ ଆରମ୍ଭ ହୋଇନଥିବା ବେଳେ ସମ୍ପାଦକମାନେ ପ୍ରଶିକ୍ଷଣ ନେଇନଥିବା ଜଣାଯାଇଛି । ଫଳରେ ଖରିଫ ଧାନ ବିକ୍ରି ନେଇ ଚାଷୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି । ଏ ସମ୍ପର୍କରେ ୧୯ ଜଣ ସଂପାଦକ ବିଭାଗୀୟ ମୁଖ୍ୟ ସହକାରୀ ନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଳେଶ୍ୱରରେ ଚଳିତ ଖରିଫ ଋତୁରେ ୨୦ହଜାର ହେକ୍ଟର ଜମିରେ ଚାଷ ହେବ ବୋଲି ଆକଳନ କରାଯାଇଛି । ଗତ ୧୫ ତାରିଖରୁ ଚାଷୀଙ୍କ ନାମପଂଜିକରଣ ଆରମ୍ଭ ହାଇଥିବା ବେଳେ ଅତୀତରେ ସମବାୟ ସମିତି ସଂପାଦକମାନେ ବହୁ ହଇରାଣ, ହରକତ ହୋଇଥିବାରୁ ସେମାନେ ପଂଜିକାରଣ କାର୍ଯ୍ୟରୁ ବିରତ ରହିବେ ବୋଲି ବାଲେଶ୍ୱର ସର୍କଲର ସମାବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କୁ ସମସ୍ତ ୧୯ଟି ସମବାୟ ସମିତିର ସଂପାଦକମାନେ ଜଣାଇଛନ୍ତି । ଗତ ରବିଋତୁରେ ମିଲରମାନେ ପ୍ୟାକ୍ସକୁ ନିର୍ଦ୍ଦିଷ୍ଟ ସମୟରେ ନ ଆସିବା, ଅଖା ନ ଯୋଗାଇବା, ମଣ୍ଡିରେ ଧାନ ଜଗିବା ଖର୍ଚ୍ଚ ନ ମିଳିବା, ଲେପ୍ସ ଟୋକନ୍‌କୁ ପୁନଃ ପ୍ରଚଳନ ନ କରିବା, ଟୋକନ୍‌ର ଅବଧି ବଢାଇବା ଇତ୍ୟାଦି ୧୮ ଦଫା ଦାବି ନେଇ ସମ୍ପାଦକମାନେ ସହକାରୀ ନିବନ୍ଧକଙ୍କୁ ଲିଖିତଭାବେ ଜଣାଇଥିଲେ । ଗତ ୧୪ ତାରିଖରେ ଅନ୍ୟ ବ୍ଲକର ସମବାୟ ସମିତିର ସଂପାଦକ ମାନେ ପ୍ରଶିକ୍ଷଣ ନେଇଥିବା ବେଳେ ଜଳେଶ୍ୱର ବ୍ଲକର ୧୯ ସଂପାଦକ ମାନେ ଯୋଗ ଦେଇନଥିଲେ ଫଳରେ ଧାନ କିଣିବା ନେଇ ଏକ ଅଚଳାବସ୍ଥା ସୃଷ୍ଟି ହେବାକୁ ଯାଉଛି । ଏ ସମ୍ପର୍କରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଦାବି ହୋଇଛି ।

# ପେଟ୍ରୋଲ-ଡିଜେଲର କ୍ରମାଗତ ଦରବୃଦ୍ଧିକୁ ବିରୋଧ

ବାଲେଶ୍ୱର,୧୭/୦୭ (ନି.ପ୍ର): ଦେଶରେ ଲଗାତର ପେଟ୍ରୋଲ ଓ ଡିଜେଲ ମୂଲ୍ୟବୃଦ୍ଧିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ଏବେ ଆନ୍ଦୋଳନମୁଖୀ ହୋଇଛି କଂଗ୍ରେସ । ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନ ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ତୈଳଦର ବୃଦ୍ଧିକୁ ଏବେ ସମଗ୍ର ଓଡ଼ିଶାର ବିରୋଧ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ସହରର ବି ବାର୍ଜୋଜି ପେଟ୍ରୋଲ ପମ୍ପ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ତୈଳନୀତି ସମ୍ପର୍କରେ ଜନସଚେତନତା ଅଭିଯାନ ଚଳାଇଥିଲେ । ଏହି ଅବସରରେ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ସହ ସାଧାରଣ ଜନତା ଦସ୍ତଖତ ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଶ୍ରୀ ଗିରିଙ୍କ ସମେତ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଯୁବ କଂଗ୍ରେସ ଜିଲା ସଭାପତି ରଂଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଅଣ ସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ ଉପ-ସଭାପତି ଜ୍ୟୋତ୍ସ୍ନା ସେନାପତି ଓ ଜିଲା ସଭାପତି ବିକାଶ ଦାସ ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତୈଳନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ପ୍ରତି ବ୍ୟାରେଲ ୬୦ରୁ ୭୦ ଡଲାରରେ ବିକ୍ରି ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ଶୋଷଣ ନୀତି ଯୋଗୁଁ ସମ୍ପ୍ରତି ଏବେ ଦେଶରେ ପେଟ୍ରୋଲ ଓ ଡିଜେଲର ପ୍ରତି ଲିଟର ମୂଲ୍ୟ ଶହେଟଙ୍କା ଅତିକ୍ରମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ନେତାମାନେ କହିଥିଲେ । କରୋନା ଟିକା ପ୍ରଦାନ ଆଳ ଦେଖାଇ ତଥା ଟିକସ ବୃଦ୍ଧି ମାଧ୍ୟମରେ ପାଣ୍ଠି ବଢ଼ାଇବା ନୀତି ଛାଡ଼ି ସରକାର ତୁରନ୍ତ ତୈଳଦର ହ୍ରାସ ନକଲେ ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସର ନେତାମାନେ ଚେତାବନୀ ଦେଇଛନ୍ତି । ତେବେ ପେଟ୍ରୋଲ ଡିଜେଲ ଦରବୃଦ୍ଧିକୁ ନେଇ ବ୍ୟକ୍ତିଗତ ଭାବେ ଲୋକେକ୍ଷୋଭ ପ୍ରକାଶ କରି ପାରୁନଥିବା ବେଳେ କଂଗ୍ରେସ ଦଳର ଏହି ଭଳି ଅଭିଯାନକୁ ଜନସାଧାରଣଙ୍କ ପକ୍ଷରୁ ବେଶ ସମର୍ଥନ ମିଳୁଥିବା ପରିଲକ୍ଷିତ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଫଗାନିସ୍ତାନରେ ଭାରତୀୟ ....

ଏହି ଭିଡିଓକୁ ନିଜ ସୋସିଆଲ ମିଡିଆରେ ସେୟାର କରି ସେଠାକାର ଭୟଙ୍କର ସ୍ଥିତି ବିଷୟରେ ଜଣାଇଥିଲେ ଦାନିଶ । ଆଉ ଏହାର କିଛି ଦିନ ପରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି । ଆଫଗାନ୍ ସେନା ଓ ତାଲିବାନୀଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧର ଚିତ୍ରକୁ ନିଜ କ୍ୟାମେରାରେ କଏଦ କରିବା ବେଳେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁରେ ଆଫଗାନିସ୍ତାନ ରାଷ୍ଟ୍ରପତି ଅସରଫ ଘାନି ଦୁଃଖ ପ୍ରକାଶ କରିଛନ୍ତି । ଖବର ସରବରାହ ସଂସ୍ଥା ରଏଟର୍ସ ପାଇଁ ଖବର ସଂଗ୍ରହ କରୁଥିବା ଦାନିଶ ସିଦ୍ଦିକିର ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛି ତାଲିବାନ । ତାଙ୍କ ମରଶରୀର ରେଡକ୍ରସକୁ ହସ୍ତାନ୍ତର କରିବା ସହ ଏଥିପାଇଁ ନିଜକୁ ଦାୟୀ କରିନାହିଁ ତାଲିବାନ । ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଦୁଃଖରୁ ଆରମ୍ଭ କରି ଲକଡାଉନ୍ ବେଳେ ଶ୍ରମିକର ଭୋକର ଚିତ୍ର । ପୁଣି ଦିଲ୍ଲୀ ଦଙ୍ଗାର ଦୃଶ୍ୟ ଆଉ କରୋନା ମୃତ୍ୟୁର ଭୟଙ୍କର ଚିତ୍ର । ଏଭଳି ଅନେକ ସତ କାହାଣୀ ନିଜ କ୍ୟାମେରା ଜରିଆରେ ଲୋକଙ୍କ ପାଖରେ ପହଁଚାଇଛନ୍ତି ଦାନିଶ । ଗତି କିଛିଦିନ ହେବ ଆଫଗାନିସ୍ତାନରେ ଚାଲିଥିବା ଗୃହଯୁଦ୍ଧକୁ କଭରେଜ୍ କରିବା ପାଇଁ ଆଫଗାନିସ୍ତାନରେ ଥିଲେ ଦାନିଶ । ସତର ଛବି ଲୋକଙ୍କୁ ଦେଖାଉଥିବା ଲୋକଟି ଆଜି ସତର ଛବି ଦେଖାଇବାକୁ ଯାଇ ମୃତ୍ୟୁ ବରଣ କରିଛି । ଦିଲ୍ଲୀର ବାସିନ୍ଦା ଦାନିସ ବିବାହିତ ଥିଲେ ଏବଂ ୨ଟି ସନ୍ତାନଙ୍କ ପିତା ଥିଲେ । କାବୁଲରେ ଥିବା ଭାରତୀୟ ଦୂତାବାସ କହିଛନ୍ତି ଯେ, ସେମାନେ ଆଫଗାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଖୁବଶୀଘ୍ର ତାଙ୍କ ମୃତଦେହକୁ ଭାରତରେ ତାଙ୍କ ପରିବାର ଲୋକଙ୍କ ପାଖକୁ ପଠାଇ ଦିଆଯିବ । ଭାରତୀୟ ଦୂତବାସ ଦାନିସଙ୍କ ପରିବାର ଲୋକଙ୍କ ସହ ମଧ ଯୋଗାଯୋଗରେ ଅଛନ୍ତି । ଟିଭି ସାମ୍ବାଦିକ ଭାବେ ଦାନିଶ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ଫଟୋଗ୍ରାଫିରେ ସଉକ ଥିବାରୁ ପରେ ଫଟୋ ସାମ୍ବାଦିକତାକୁ ଜୀବିକା ଭାବେ ଆପଣାଇଥିଲେ । ନିଜ ଚମତ୍କାର ଫଟୋ ପାଇଁ ସେ ଅନ୍ତର୍ଜାତୀୟ ସ୍ତରରେ ଅନେକ ଲୋକପ୍ରିୟତା ମଧ ହାସଲ କରିଥିଲେ । ପ୍ରଥମ ଭାରତୀୟ ଭାବେ ଦାନିଶ ସମ୍ମାନଜନକ ପୁଲିଟଜର ପୁରସ୍କାର ଜିତିଥିଲେ । ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନ ସବୁବେଳେ ସ୍ମରଣୀୟ ରହିବ ।

# ସଂକ୍ରମଣ ବଢୁଛି, ସଜାଗ ରୁହ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭/୦୭ (ନି.ପ୍ର): ବିଶ୍ୱରେ କିଛି ଦେଶର କରୋନା ସଂକ୍ରମଣ ହାର ବଢୁଛି । ତେବେ ଗୁରୁତର ରୋଗୀଙ୍କ ସଂଖ୍ୟା କମ ରହୁଛି । କରୋନା ନେଇ ଭାରତ ସରକାରଙ୍କ ପୂର୍ବପ୍ରସ୍ତୁତି ସ୍ୱାଗତଯୋଗ୍ୟ । ଆମେ ପୂର୍ବରୁ ବି ଦେଖିଛେ ଗୋଟିଏ ଲହର ୩ରୁ ୪ ମାସ ରହୁଛି । ସେଥିପାଇଁ ତାକୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସେ କହିଛନ୍ତି ସଂକ୍ରମଣ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ବା ସରକାରଙ୍କ ପକ୍ଷରୁ କିଛି ଆକ୍ଟିଭିଟି କରାଯିବ । କମ୍ୟୁନିଟି ବି ତାକୁ ମାନିବେ । କିଛି ଏନଫୋର୍ସମେଂଟ ହେବ । ଏହିଭଳି ଯାହା କାର୍ଯ୍ୟ ଅଛି ତାହା ଚାଲିବ । ଆମେ ସମସ୍ତେ ସମସ୍ତଙ୍କର ଦାୟିତ୍ୱ ନିର୍ବାହ କରିବା ଦରକାର । ତୃତୀୟ ଲହର ପାଇଁ ପ୍ରସ୍ତୁତ ଅଛୁ । ସର୍ଭେଲାନ୍ସ ଟିମ ମଧ୍ୟ ପ୍ରସ୍ତୁତ ଅଛନ୍ତି । ଟେଷ୍ଟିଂକୁ ବଢ଼େଇବା କାର୍ଯ୍ୟ ଜାରି ରହିଛି । ଟିକା ମିଳିବା ଅନୁଯାୟୀ ଟିକାକରଣ ଚାଲିଛି । ଟିକା ନିଅନ୍ତୁ ବା ନ ନିଅନ୍ତୁ କି ରୋଗ ଥାଉ କି ନଥାଉ ଆପଣମାନେ କୋଭିଡ କଟକଣା ମାନନ୍ତୁ, କାରଣ କୋଭିଡ ଏବେ ବି ଆମ ପରିବେଶ ଭିତରେ ବୁଲୁଛିବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ବି ଆମ ରାଜ୍ୟରେ ସେକେଣ୍ଡ ୱେଭ ଜାରି ରହିଛି । ବିଭିନ୍ନ ସମୟରେ ଏହା ଉପର ତଳ ହେଉଛି । ବିଶେଷ କରି ଆମର କଟକ ଓ ଭୁବନେଶ୍ୱର ପାଇଁ କିଛିଟା ଚିନ୍ତା ରହିଛି । ଆମେ ଆହୁରି ଏନଫୋର୍ସମେଂଟ କରିବାକୁ ଚିନ୍ତା କରୁଛୁ । ଟିକା ନେବା ପରେ ବି ଲୋକମାନେ ସଂକ୍ରମିତ ହେଉଛନ୍ତି, ମାତ୍ର ସେହି କ୍ଷେତ୍ରରେ ସିଭିୟରିଟି କମ୍ ରହୁଛି ।

# ରାଜ୍ୟରେ କରୋନାରେ ଆଉ ୬୭ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୭/୦୭(ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୯୯୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫ ଜଣ ଥମୃତ୍ୟୁବରଣ କରିଛନ୍ତି ।ଏହାଛଡ଼ା ଗଞ୍ଜାମ ଜିଲ୍ଲାରୁ ୮ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭ ଜଣ ପ୍ରାଣ ହରାଇଛନ୍ତି । ପୁରୀ ଓ ମୟୂରଭଞ୍ଜ ଜିଲ୍ଲାରୁ ୬ ଜଣ ଲେଖାଏଁ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ବରଗଡ଼ରୁ ୪ ଓ ନୟାଗଡ଼ରୁ ୩ ଜଣ କରୋନା ସଂକ୍ରମିତଙ୍କ ପ୍ରାଣହାନି ଘଟିଛି । ଅପରପକ୍ଷରେ ଅନୁଗୁଳ, ଭଦ୍ରକ, ବୌଦ୍ଧ, ଗଜପତି, ଜଗତସିଂହପୁର, ଯାଜପୁର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ବାଳିଆପାଳ ବ୍ଲକରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଆପାଳ,୧୭/୦୭ (ନି.ପ୍ର): ଈଶ୍ୱର ଓ ପିତାମାତା ତଥା ଗୁରୁଜନଙ୍କ ଆର୍ଶୀବାଦରେ ଜଣେ ସଫଳତାର ଶୀର୍ଷକୁ ଯେ ଯାଇପାରେ ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି ମ୍ୟାଟିକ ଟପର (ବ୍ଲକସ୍ତରୀୟ) ଦିବ୍ୟପ୍ରକାଶ ଦାସ । ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୬୦୦ରୁ ୫୮୦ ନମ୍ବର ରଖି ବାଲିଆପାଳ ବ୍ଲକରେ ଟପର ଓ ଜିଲାସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଦିବ୍ୟପ୍ରକାଶ । ପ୍ରତିଭା ପୂଜା ମର୍ମରେ ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥା ତରଫରୁ ଆଜି ଦିବ୍ୟପ୍ରକାଶ ଦାସଙ୍କୁ ପ୍ରତିଭା ସମ୍ମାନ ପୁରସ୍କାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲେ । ଏଥିରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ କବି ବ୍ରଜେନ୍ଦ୍ରନାଥ ଗିରି,ସଂସ୍ଥାର ମୁଖ୍ୟ ଜଗନ୍ନାଥ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଭୂବନ ମୋହନ ପିଳା, ଅଧାପକ ସୁକାନ୍ତ ଗିରି,ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସଂପାଦକ ସନ୍ୟାସୀ ବେହେରା,ସାଗର ପଟ୍ଟନାୟକ, ବ୍ୟୋମକେଶ ସାହୁ,ପଙ୍କଜ କୁମାର ସାହୁ, ଦିବ୍ୟ ପ୍ରକାଶଙ୍କ ବାପା ସରୋଜ କୁମାର ଦାସ,ମା ସୁଜାତା ରଣା ପ୍ରମୁଖ ଏଥିରେ ଯୋଗ ଦେଇ ଦିବ୍ୟ ପ୍ରକାଶକୁ ଏକ ମାନପତ୍ର,ଉତରୀୟ ଓ ନଗଦ ୧ ହଜାର ୧ ଟଙ୍କା ପ୍ରଦାନ କରିଥିଲେ । ଦିବ୍ୟ ପ୍ରକାଶଙ୍କ ବାପା ସରୋଜ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜଳେଶ୍ୱର ତହସିଲଦାରଙ୍କ ବଦଳି: ବାଲିମାଫିଆଙ୍କୁ ସୁହାଉଛି ଗୋଳିଆପାଣି

ଜଳେଶ୍ୱର ୧୭/୭(ନି.ପ୍ର) : ଜଳେଶ୍ୱର ଅଂଚଳରେ ବାଲି, ମାଟି, ମୋରମ୍ ବେଧଡକ୍ ଉତ୍ତଳନ ଓ ଚୋରାରେ ଚାଲାଣ ହୋଇ ଆସୁଥିବା ବେଳେ ଜଳେଶ୍ୱର ତହସିଲଦାର ଶଂକର ପଟ୍ଟନାୟକଙ୍କୁ ହଠାତ୍ ଭୋଗରାଇ ବିଡିଓଭାବେ ବଦଳି କରାଯାଇଛି । ଫଳରେ ଏ ଅଂଚଳର ମାଫିଆମାନଙ୍କୁ ଗୋଳିଆପାଣି ସୁହାଇଛି । ଜଳେଶ୍ୱର ତହସିଲ ଅର୍ନ୍ତଗତ ସୁବର୍ଣ୍ଣରେଖା ନଦୀରେ ୨୩ଟି ବାଲି ସୈରାତ ଥିବା ବେଳେ ମାତ୍ର ଗୋଟିଏ ନିଲାମ ହୋଇଛି । ଚଳିତମାସ ଶେଷ ସପ୍ତାହରେ ଏ ଗୁଡିକ ନିଲାମ ହେବ ବୋଲି ବିଜ୍ଞାପନ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ମାଟି ଓ ମୋରମ୍ ଆଦୌ ନିଲାମ ହେଉନଥିବା ବେଳେ ବ୍ୟାପେକ ଚୋରାରେ ପଶ୍ଚିମବଂଗକୁ ଚାଲାଣ ହେଉଛି । ଏଥିରେ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ଘଟୁଛି । କିନ୍ତୁ ଗତ ୩ମାସ ତଳେ ଶଂକର ପଟ୍ଟନାୟକଙ୍କୁ ଜଳେଶ୍ୱର ତସହିଲଦାର ଭାବେ ନିଯୁକ୍ତି ମିଳିଥିବା ବେଳେ ଆଜି ତାଙ୍କୁ ଭୋଗରାଇ ବିଡିଓ ଭାବେ ବଦଳି କରାଯିବାର ନିର୍ଦ୍ଦେଶ ପ୍ରକାଶ ପାଇଛି । ଫଳରେ ଚୋରାରେ ବାଲି, ମୋରମ, ମାଟି ଅଧିକ ଚୋରାରେ ଚାଲିବ ବୋଲି କହୁଯାଛି । ତେଣୁ ଅବିଳମ୍ବେ ଜଣେ ତହର୍ସିଲଦାର ଭାବେ ଜଳେଶ୍ୱରରରେ ନିଯୁକ୍ତି ଦେବାକୁ ଦାବି ହେଉଛି ।

ଧ୍ୱନି ପ୍ରତିଧ୍ୱନି



# ତୈଳ ଦର ବୃଦ୍ଧି ପ୍ରତିବାଦରେ ପେଟ୍ରୋଲ ଟାଙ୍କିରେ ଦସ୍ତଖତ ସଂଗ୍ରହ କଲା କଂଗ୍ରେସ

ଭୁବନେଶ୍ୱର,୧୭/୦୭ (ନି.ପ୍ର): ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ସମ୍ପର୍କରେ ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଏବଂ କ୍ରମାଗତ ଭାବେ ବର୍ଦ୍ଧିତ ହେଉଥିବା ତୈଳ ଦରର ତୁରନ୍ତ ପ୍ରତ୍ୟାହାର ଦାବି କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବା କଂଗ୍ରେସ ପକ୍ଷରୁ ଜୁଲାଇ ୭ରୁ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଜନଆନ୍ଦୋଳନ କରାଯାଇଛି । ଆନ୍ଦୋଳନର ଶେଷ ଦିନରେ ସାରା ରାଜ୍ୟରେ ସମସ୍ତ ପେଟ୍ରୋଲ୍ ଟାଙ୍କିରେ କଂଗ୍ରେସ ନେତୃବୃନ୍ଦ ସାଧାରଣ ଲୋକଙ୍କ ପ୍ରତିକ୍ରିୟା ଓ ଦସ୍ତଖତ ସଂଗ୍ରହ କରିଥିଲେ। ସେହିପରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ୍ ଦାସ ଓ ବ୍ଲକ ସଭାପତିମାନଙ୍କ ନେତୃତ୍ୱରେ ରାଜଧାନୀର ସମସ୍ତ ପେଟ୍ରୋଲ୍ ଟାଙ୍କି ସମ୍ମୁଖରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦମାନେ ସାଧାରଣ ଜନତାଙ୍କ ମତାମତ ଓ ଦସ୍ତଖତ ସଂଗ୍ରହ କରିଥିଲେ । ସପ୍ତାହାନ୍ତ ସଟ୍‌ଡାଉନ୍ ସତ୍ତ୍ୱେ ଦେଖାଯାଇଥିଲା ରାଜଧାନୀ ଏବଂ ଏହାର ଆଖପାଖ ଅଂଚଳର ବହୁ ଜନସାଧାରଣ ଯେଉଁମାନେକି ଗ୍ରାହକ ନିଜ ନିଜ ଗାଡ଼ିରେ ପେଟ୍ରୋଲ୍ ଓ ଡିଜେଲ୍ ପକାଇବା ପାଇଁ ତୈଳ ଟାଙ୍କୀକୁ ଆସିଥିଲେ, ସେମାନେ ସମସ୍ତେ ସ୍ୱତଃପ୍ରବୃତ ଭାବେ ନିଜର ମତାମତ ଦେବାସହ ଦସ୍ତଖତ ଦେଇ ତୈଳ ବୃଦ୍ଧିର ଆନ୍ଦୋଳକୁ ସମର୍ଥନ କରିବା ସହ ତୈଳ ବୃଦ୍ଧିକୁ ନେଇ ନିଜର ଅସନ୍ତୋଷ ଜାହିର କରିଥିଲେ। ସେମାନେ କହିଥିଲେ, ତୈଳ ବୃଦ୍ଧି ଯୋଗୁଁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଘର ଚଳାଇବା ପାଇଁ ବହୁ ଅସୁବିଧା ହେଉଛି। ଏହି କରୋନା ମହାମାରୀରେ ସରକାରଙ୍କର କଟକଣାକୁ ନେଇ ଆମେ ଜୀବିକା ହରାଇଥିବା ବେଳେ ବା ସ୍ୱଳ୍ପ ବେତନ ପାଉଥିବା ବେଳେ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛୁ । କ୍ରମାଗତ ଭାବେ ବୃଦ୍ଧି ପାଉଥିବା ତୈଳ ଏବଂ ରନ୍ଧନଗ୍ୟାସ ଦର ବୃଦ୍ଧି ସାଙ୍ଗକୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଆମକୁ ବାଧୁଛି ।

## ନୀଳଗିରି ଏସ.ଡି.ପି.ଓ.ଙ୍କ ଚଢ଼ାଉ : ପୋଚ ଓ ମହୁଲି ମଦ ଜବତ, ୨ଗିରଫ

ନୀଳଗିରି,୧୭/୦୭ (ନି.ପ୍ର): ନୀଳଗିରି ଏସ.ଡି.ପି.ଓ. ରିତେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରେମୁଣା ଥାନା ଅଧିନସ୍ଥ ଜଗନ୍ନାଥପୁର ଓ ମନ୍ଦାରପୁର ଗ୍ରାମରେ ଶନିବାର ଭୋରରେ ମହୁଲି ମଦ ପ୍ରସ୍ତୁତ କରୁଥିଲା ବେଳେ ଉକ୍ତ ସମୟରେ ଏସ.ଡି.ପି.ଓ. ଚଢ଼ାଉ କରିଥିଲେ । ଘଟଣାସ୍ଥଳରୁ ୧୦୦୦ଲିଟର ରୁ ଉର୍ଦ୍ଧ୍ୱ ପୋଚ ନଷ୍ଟ କରିବା ସହ ୨୫୦ଲିଟର ମହୁଲି ମଦ ଜବତ କରିଛନ୍ତି । ମହୁଲି ମଦ ପ୍ରସ୍ତୁତକାରି ୨ଜଣକୁ ଗିରଫ କରି ରେମୁଣା ଥାନାକୁ ହସ୍ତାନ୍ତର କରିଥିବା ଜଣା ପଡ଼ିଛି । ଏସ.ଡି.ପି.ଓ. ଙ୍କ ଏଭଳି ରାତିଅଧିଆ ଚଢ଼ାଉ ଦେଖି ରେମୁଣା ଅଞ୍ଚଳରେ ଚୋରା ମଦ ବେପାରୀଙ୍କ ମଧ୍ୟରେ କକୁଆଭୟ ଦେଖିବାକୁ ମିଳିଛି ।

## ଲଘୁ ଖଣିଜ ଉତ୍ସ ଚିହ୍ନଟ ଓ ବାଲି ପରିଚାଳନା ନେଇ କର୍ମଶାଳା




ବାଲେଶ୍ୱର,୧୭/୦୭ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ଉତ୍ସ ଚିହ୍ନଟ ଓ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ସଦଭାବନା ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ । ଏହି କର୍ମଶାଳାରେ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀଙ୍କ ସମେତ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏବଂ ଭବେଶ କୁମାର ନାୟକ, ବନ ଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ପ୍ରୋବେସନର ଆଇଏସ କୁନାଲ ଚୌହାନ, ନୀଳଗିରି ଉପ-ଜିଲ୍ଲାପାଳ ହରିଶ ଚନ୍ଦ୍ର ଜେନା, ଖଣି ଅଧିକାରୀ ସୁରେନ୍ଦ୍ର ନାଥ ସିଙ୍କୋ, ନିର୍ବାହୀ ଯନ୍ତ୍ରୀ ଜଳସେଚନ ପ୍ରମୁଖ ଯୋଗ ଦେଇଥିଲେ ପ୍ରାରମ୍ଭରେ ନୂଆକରି କାର୍ଯ୍ୟରେ ଯୋଗ ଦେଇଥିବା ଅତିରିକ୍ତ ଜିଲାପାଳ ଶ୍ରୀ ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର କର୍ମଶାଳା ଆୟୋଜନର ଆଭିମୁଖ୍ୟ, ପ୍ରଶିକ୍ଷଣ ଓ ଆଲୋଚନାର ପରିସର ସମ୍ପର୍କରେ ସୂଚନା ଦେଇଥିଲେ । ଲଘୁ ଖଣିଜ ଓ ବାଲି ଉତ୍ସ ଚିହ୍ନଟ, ଉତ୍ତୋଳନ, ପରିବହନ, ଲଘୁ ଖଣିଜ ଚିହ୍ନଟ ସାଙ୍ଗକୁ ସିମେଣ୍ଟ ଖୁଣ୍ଟ ପୋତାଯିବା ଆଦି ପ୍ରସଙ୍ଗ ଉପରେ ପ୍ରଣୟନ ମାର୍ଗଦର୍ଶିକା ସମ୍ବନ୍ଧରେ ସମସ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲା। ଏହି ଆଧାରରେ ଜିଲାପାଳଙ୍କ ନିକଟକୁ ଆସିଥିବା କେତୋଟି ଅଭିଯୋଗକୁ ଉଦାହରଣ ଭାବେ ଉପସ୍ଥାପନ ସହ ସମ୍ପ୍ରତି ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିୟମାବଳୀର ପ୍ରତ୍ୟେକ ଧାଡିକୁ ପଢ଼ିବା ଏବଂ ଏହାର ଅନୁପାଳନ କରିବା ଆବଶ୍ୟକ ବୋଲି ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦୃଶ୍ୟ ଓ ଶ୍ରାବ୍ୟ ଫଳକ ମାଧ୍ୟମରେ ଅତିରିକ୍ତ ଜିଲାପାଳ ଶ୍ରୀ ନାୟକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

# ଅନଲାଇନ ପଞ୍ଜିକରଣ ସହ ଦୁଇଦିନିଆ ଟିକାକରଣ ୧୯ରୁ

ବାଲେଶ୍ୱର,୧୭/୦୭ (ନି.ପ୍ର): ଆସନ୍ତା ୧୯ ଓ ୨୦ ତାରିଖରେ ବାଲେଶ୍ୱର ଜିଲାର ପୁଣି ସାମୂହିକ ଟିକାକରଣ ଜାରି ରହିବ ହେବ ବୋଲି ଜିଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିକାକରଣ କେବଳ ଅନଲାଇନ ସ୍ଲଟ ବୁକିଂ ଜରିଆରେ ହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସୂଚନା ମୁତାବକ ୧୮ରୁ ୪୪ ବର୍ଷ ବୟସର ଯୁବବର୍ଗଙ୍କୁ ପ୍ରଥମ ପାନ ଓ ୪୫ ବର୍ଷରୁ ତଦୁର୍ଦ୍ଧ ବୟସର ବ୍ୟକ୍ତିଙ୍କୁ କେବଳ ଦ୍ୱିତୀୟ ପାନ ଟିକା ଦିଆଯିବ । ଏନେଇ ୧୮ରୁ ୪୪ ବର୍ଷ ବୟସଙ୍କ ପାଇଁ ଆସନ୍ତା ୧୮ତାରିଖ ରବିବାର ଅପରାହ୍ନ ୪ଟାରେ ଓ ୪୫ରୁ ଉର୍ଦ୍ଧ୍ୱ ବୟସ ବ୍ୟକ୍ତିଙ୍କ ପାଇଁ ୧୮ ରବିବାର ଅପରାହ୍ନ ୩ଟାରେ ଅନଲାଇନରେ ବୁକିଂ କରାଯିବା ପାଇଁ ସ୍ଲଟ ଖୋଲିଯିବ। ଚାହିଦା ମୁତାବକ ପର୍ଯ୍ୟାପ୍ତ ଟିକା ଆସୁ ନ ଥିବାରୁ ଅଫଲାଇନରେ ପଞ୍ଜୀକରଣ କରାଯାଇ ଟୀକାକରଣ କରିବା ବ୍ୟବସ୍ଥାକୁ ସାମୟିକ ଭାବେ ବନ୍ଦ କରାଯାଇଛି । ଟିକାକରଣ କେନ୍ଦ୍ରମାନଙ୍କରେ ଟିକା ତୁଳନାରେ ଅଧିକ ଲୋକ ପହଞ୍ଚିବା ଫଳରେ ଅସମ୍ଭବ ଭିଡ ଓ ସୃଷ୍ଟି ହେଉଥିବା ବିଶୃଙ୍ଖଳାକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି । ଆଗାମୀ ଦିନରେ ଅଧିକ ଟୀକା ଆସିଲେ ପୁଣି ଅଫଲାଇନ ବ୍ୟବସ୍ଥାରେ ଟିକା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ କି ସ୍ଲଟ ବୁକିଂ କରିବାରେ ଅସମର୍ଥ ବ୍ୟକ୍ତିମାନେ ନିକଟସ୍ଥ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହାୟତା ନେଇପାରିବେ । ଏଥିପାଇଁ ସେମାନଙ୍କୁ ପୂର୍ବରୁ ଏ କାର୍ଯ୍ୟ ନେଇ ତାଲିମ ପ୍ରଦାନ କରାଯାଇଛି । ଏହି ପର୍ଯ୍ୟାୟର ଦୁଇଦିନିଆ ଟିକାକରଣ କାର୍ଯ୍ୟକ୍ରମରେ ୧୮ରୁ ୪୪ ବର୍ଷ ବୟସ ବର୍ଗ ପାଇଁ ୩,୨୦୦ ଓ ୪୫ଉର୍ଦ୍ଧ୍ୱ ବର୍ଗଙ୍କ ପାଇଁ ୨୫,୮୦୦ ସମୁଦାୟ ୨୯,୦୦୦ ଟିକା ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଛି । ସକାଳ ୮ଟାରୁ ଅପରାହ୍ନ ୩ଟା ସମୟ ପର୍ଯ୍ୟନ୍ତ ଏହି ଟୀକାକରଣ କାର୍ଯ୍ୟ ଚାଲୁ ରହିବ। ୧୮ରୁ ୪୪ ବୟସ ବର୍ଗଙ୍କ ପାଇଁ ବାଲେଶ୍ୱର ସହରର ସରକାରୀ ଆଇ.ଟି.ଆଇ., ସଦର ବ୍ଲକର ରୂପସା ହରିହର ନୋଡାଲ ସ୍କୁଲ ଓ ପୋଡାଡିହା ମହାପାତ୍ର ହାଇସ୍କୁଲ ଏବଂ ୪୫ ବା ତଦୁର୍ଦ୍ଧ୍ୱ ବର୍ଗଙ୍କ ପାଇଁ ବାଲେଶ୍ୱର ମ୍ୟୁନିସିପାଲିଟିର ୬ଟି କେନ୍ଦ୍ର ଗାନ୍ଧୀ ସ୍ମୃତି ଭବନ, ଜିଲା ସ୍କୁଲ, ମ୍ୟୁନିସିପାଲ ସ୍କୁଲ, ସହଦେବଖୁଣ୍ଟା, ଶୋଭାରାମପୁର ସ୍କୁଲ, ଟାଉନ ହାଇସ୍କୁଲ, ଓ ଶକୁନ୍ତଳା ସ୍କୁଲ; ସଦର ବ୍ଲକ ପାଇଁ ୯ଟି କେନ୍ଦ୍ର ରୂପସାର ଆଙ୍ଗୋ ୟୁଜିଏମଇ ସ୍କୁଲ, ହଳଦୀପଦା ଅଗ୍ରୱାଲା ହାଇସ୍କୁଲ, ରସାଳପୁର ହାଇସ୍କୁଲ, ସିନ୍ଧିଆ ରାଧାମୋହନ ଜୀଉ ହାଇସ୍କୁଲ, କଷାଫଳ ସରକାରୀ ପ୍ରାଇମେରୀ ସ୍କୁଲ, ସାର୍ଥା ବୀଣାପାଣି ସ୍କୁଲ, ପରିଖି ରିଜିଓନାଲ ହାଇସ୍କୁଲ, ବାହାବଳପୁର ଇଷ୍ଟ ପ୍ରାଇମେରୀ ସ୍କୁଲ, ରସାଳପୁର ୟୁଜିୟୁପି ଏମଇ ସ୍କୁଲରେ ଏହି ଟୀକାକରଣ କାର୍ଯ୍ୟ ଅନୁଷ୍ଠିତ ହେବ ।

# ଦିନକରେ ୧୬୧ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୧୭/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୧ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ସୁନହଟ, ଗୋପାଳଗାଁ, ଆଜିମାବାଦ, ବାରବାଟି ଓ ପୁରୁଣା ବାଲେଶ୍ୱର ପ୍ରଭୃତି ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ମାନସିଂବଜାର ଓ ମୋତିଗଞ୍ଜ ଅଂଚଳରୁ ଜଣେ ଲେଖାଏଁ ଅଛନ୍ତି । ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୧୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୪୭ଜଣ, ବାଲିଆପାଳରୁ ୧୪, ବସ୍ତାରୁ ୪, ଭୋଗରାଇରୁ ଜଣେ, ଜଳେଶ୍ୱରରୁ ୩, ଖଇରାରୁ ୬, ନୀଳଗିରିରୁ ୩, ଊପଦାରୁ ୧୪, ରେମୁଣାରୁ ୧୦, ସଦରରୁ ୨୦, ସିମୁଳିଆରୁ ୨୦ ଓ ସୋର ବ୍ଲକରୁ ୭ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୬,୫୯୮ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ମୋଟ ୩୪,୬୫୭ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ସକ୍ରିୟ ଥିବା ୧,୭୮୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧,୬୫୩ଜଣ ଗୃହ ସଙ୍ଗରୋଧରେ ଏବଂ ୯୭ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କୌଣସି କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୫୬ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ପ୍ରକାଶ ପାଇଛି।

# ଏକକ ବିଶ୍ୱବିଦ୍ୟାଳୟ ହେବ ସିଇଟି

ଭୁବନେଶ୍ୱର,୧୭/୦୭ (ନି.ପ୍ର): ଭୁବନେଶ୍ୱର ଠାରେ ଥିବା ସିଇଟି କଲେଜ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବ। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି। ଏକକ ବିଶ୍ୱବିଦ୍ୟାଳୟ ସହ ସିଇଟଠିର ନାମ ପରିବର୍ତ୍ତନ ହୋଇ ଓଡିଶା ଟେକ୍ନୋଲୋଜି ଓ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ (ଓୟୁଟିଆର) ହେବ। ଏହାଦ୍ୱାରା ସ୍ନାତକ , ସ୍ନାତକୋତର ଶିକ୍ଷା ଓ ପିଏଚଡି କ୍ଷେତ୍ରରେ ନୂତନ ସୁଯୋଗ ପ୍ରଦାନ କରିବାରେ ସକ୍ଷମ ହେବ। ଏହି ବିଶ୍ୱବିଦ୍ୟାଳୟ ଇଂଜିନିୟରିଂ, ସାଇନ୍ସ ଏମଂ ଟେକ୍ନୋଲୋଜି କ୍ଷେତ୍ରରେ ତଥା ଅନୁସନ୍ଧାନ, ସୂଚନା ପ୍ରଯୁକ୍ତିବିଦ୍ୟା ଏମଯ ଏହାର ପ୍ରୟୋଗ , ତାଲିମ ଅନୁସନ୍ଧାନ ବିସ୍ତାର କରିବାରେ ସହାୟକ ହେବ। ଏହା ଶୈକ୍ଷିକ , ଐନୁସନ୍ଧାନ ସମ୍ପ୍ରଦାୟ ଏବଂ ଶିକ୍ଷମାନଙ୍କ ମଧ୍ୟରେ ସହଯୋଗ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀ ସମୁହ ସହିତ ଏମଓୟୁ ଚୁକ୍ତି କରିବାର ସୁଯୋଗ ସୃଷ୍ଟି ହେବ।

## ଓଷ୍ଟା ପକ୍ଷରୁ ସ୍ୱର୍ଗତ ଗିରିଜା କିଂକର ମହାନ୍ତିଙ୍କ ସ୍ମୃତିଚାରଣ ସଭା



ଜଳେଶ୍ୱର ୧୭/୭(ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ଜଳେଶ୍ୱର ଓ ରାଇବଣିଆ ପକ୍ଷରୁ ପ୍ରାକ୍ତନ ଜିଲା ଓଷ୍ଟା ସଭାପତି ଗୁରୁ ଗୌରବ ଗିରିଜା କିଂକର ମହାନ୍ତି ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ରାଜପୁର ହାଇସ୍କୁଲରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟତ୍ରୀ ରଶ୍ମୀରେଖା ଜେନା ପୌରହିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଏସ୍.ଟି.ଏଫ.ଆଇ ପ୍ରାକ୍ତନ ଉପସଭାପତି ଇନ୍ଦୁମାଧବ ମହାନ୍ତି ଯୋଗ ଦେଇଥିବା ବେଳେ ସୁବଳ ଚନ୍ଦ୍ର ପରିଡା, ଅକ୍ଷୟ ମିଶ୍ର, ଶଶାଙ୍କ ଶେଖର ମହାନ୍ତି, ଜିଲା ସଂପାଦକ ମନୋରଂଜନ ଦାସ, ଜଳେଶ୍ୱର ଓଷ୍ଟାର ସଭାପତି ସୁକୁମାର ମିଶ୍ର ଓ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ରାଇବଣିଆ ଓଷ୍ଟାର ସଂପାଦକ ବଂଶୀଧର ବାରିକ୍, ପଣ୍ଡିତ ରବିନାରାୟଣ ମିଶ୍ର, ଦୀନବଂଧୁ ଦାସ, ହରେକୃଷ୍ଣ ଜେନା, ବନବିହାରୀ ପ୍ରଧାନ, ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ବହୁ ଶିକ୍ଷକ ଉପସ୍ଥିତ ହୋଇ ସ୍ୱର୍ଗତ ମହାନ୍ତି ବହୁମୁଖୀ ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସିଦ୍ଧେଶ୍ୱର ଦାସ ମଂଚ ଆହ୍ୱାନ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଜୟ କୁମାର ଦାସ, ପଦ୍ମଲୋଚନ ରାଉତ, ହରମୋହନ ମହନ୍ତ, ଅରୁଣ କୁମାର ପଣ୍ଡା, ସଂଜିବ କୁମାର ଜେନା, ସ୍ନେହଲତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ତାମୂଳିଆ ଗାଁରେ ନୂତନ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ : ଉପକୃତ ହେବେ ୭୦ରୁ ଉର୍ଦ୍ଧ୍ୱ ପରିବାର

ବାଲେଶ୍ୱର,୧୭/୦୭ (ନି.ପ୍ର): ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁରୁଡ଼ା ପଞ୍ଚାୟତର ତାମୂଳିଆ ଗ୍ରାମରେ ନୂତନ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗ ଦେଇ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଗ୍ରାମ୍ୟ ପାଇପ ଜଳ ଯୋଗାଣ ଯୋଜନାରେ ଏହି ପ୍ରକଳ୍ପ ଦ୍ୱାରା ତାମୁଳିଆ ଅଞ୍ଚଳର ୭୦ରୁ ଉର୍ଦ୍ଧ୍ୱ ପରିବାରର ଉପକୃତ ହୋଇ ପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହା ସହ ରେମୁଣାବାସୀଙ୍କ ଦୀର୍ଘ ଦିନର ଥିବା ଜଳ ସମସ୍ୟାର ସମାଧନ ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଥିବା ବିଧାୟକ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ। ରେମୁଣା ବ୍ଲକରେ ରାଜ୍ୟ ସରକାରଙ୍କ ଅନୁମୋଦିତ ୩୦୫ କୋଟିର ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ୨୨ଟି ପଞ୍ଚାୟତର ଲୋକଙ୍କ ନିକଟରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚି ପାରିବ ବୋଲି ସେ କହିଥିଲେ। ଏହା ବ୍ୟତୀତ ପୁରୁଣା ପାନୀୟ ଜଳ ପ୍ରକଳ୍ପ ପୁରନୁଦ୍ଧାର କରାଯିବାକୁ ଥିବା ବେଳେ ଆହୁରି ୩୦ ଗୋଟି ନୂଆ ପ୍ରକଳ୍ପ ମଧ୍ୟ ଖୁବଶୀଘ୍ର କାର୍ଯ୍ୟକାରୀ ବୋଲି ବିଧାୟକ ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ଏହି ନୂତନ ପ୍ରକଳ୍ପ ଶିଳାନ୍ୟାସ ହେବା ପରେ ତାମୂଳିଆ ବାସିନ୍ଦା ବେଶ ସନ୍ତୋଷ ପ୍ରକାଶ କରିଛନ୍ତି । ଦୀର୍ଘଦିନ ଧରି ଏହି ଅଞ୍ଚଳରେ ସୃଷ୍ଟି ହୋଇଥିବା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ବ୍ଲକ ପ୍ରଶାସନ ଏବଂ ବିଧାୟକଙ୍କ ନିକଟରେ ବାରମ୍ବାର ଦାବି କରିଆସୁଥିଲେ। ତେବେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ପରେ ଆଉ ସମସ୍ୟା ରହିବ ନାହିଁ ବୋଲି ଗ୍ରାମବାସୀମାନେ କହିଛନ୍ତି।

## ପଂଚକୁଲାରେ ସୁନୀଲ ଜାଖଡ଼ଙ୍କ ସହ ସାକ୍ଷାତ କଲେ ନବଜୋତ ସିଂହ ସିଦ୍ଧୁ

ପଂଚକୁଲା,୧୭/୦୭ (ନି.ପ୍ର): ନବଜୋତ ସିଂହ ସିଦ୍ଧୁ ଶନିବାର ପଂଚକୁଲା ସେକ୍ଟର ୬ରେ ସୁନୀଲ ଜାଖଡ଼ଙ୍କ ସହିତ ସାକ୍ଷାତକରିବା ପାଇଁ ପହଂଚିଛନ୍ତି। ଏହି ସାକ୍ଷାତକାର ପରେ ସୁନୀଲ ଜାଖଡ଼ ଗଣମାଧମକୁ କହିଛନ୍ତି ଯେ ନବଜୋତ ସିଂ ସିଦ୍ଧୁ ପରିଶ୍ରମି ଏବଂ ନୀତିନିୟମ ମାନି ଚଳୁଥିବା ନେତା ଅଟନ୍ତି। ସିଦ୍ଧୁ ସମସ୍ତ ବୟସର ଲୋକମାନଙ୍କର ନିଜ ସାଙ୍ଗରେ ଯୋଡ଼ି ରଖିବାର କ୍ଷମତା ରଖନ୍ତି। ସେହିପରି ସିଦ୍ଧୁ କହିଛନ୍ତି ଯେ ସୁନୀଲ ଜାଖଡ଼ ଆମର ବରିଷ୍ଠ ମାର୍ଗଦର୍ଶକ ଅଟନ୍ତି ଏବଂ ଆଗକୁ ମଧ୍ୟ ରହିବେ। ଆମେ ଦୁଇଜଣ ପାର୍ଟି ସହିତ ଏକଜୁଟ ହୋଇ ଠିଆ ହୋଇଛୁ ଏବଂ ଆଗକୁ ମଧ୍ୟ ରହିବୁ।

## ନୀଳଗିରି : ୪ ବାଲି ଟ୍ରାକ୍ଟର ଜବତ, ଜଣେ ଗିରଫ

ନୀଳଗିରି,୧୭/୦୭ (ନି.ପ୍ର): ଦୈନନ୍ଦିନ ରାତ୍ରିରେ ବିଭିନ୍ନ ବାଲି ଖାଦାନରୁ ବାଲିମାଫିଆ ମାନେ ଚୋରାରେ ବାଲି ଚାଲାଣ କରୁଥିବା ଅଭିଯୋଗ ଆସୁଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ନୀଳଗିରି ଆଇ.ଆଇ.ସି. ଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ କାଂଶ, ଅମ୍ବିକାପୁର ଅଂଚଳରେ ଚଢ଼ାଉ କରି ୪ଟି ବେଆଇନ ବାଲି ଟ୍ରାକ୍ଟର ଜବତ କରିବା ସହ ଜଣକୁ ଗିରଫ କରିଛନ୍ତି । ପ୍ରତିଦିନ ବହୁ ଟ୍ରାକ୍ଟର ଉକ୍ତ ଅଞ୍ଚଳରୁ ଟ୍ରିପ୍ ଟ୍ରିପ୍ ବାଲି ଚୋରାରେ ଚାଲାଣ କରୁଥିବାର ଅଭିଯୋଗ ହୋଇଥିଲା । ଗିରଫ ଜଣକ ହେଲେ ଅମ୍ବିକାପୁର ଅଞ୍ଚଳର ମନୋରଂଜନ ସିଂ ବୋଲି ଜଣାପଡ଼ିଛି । ଏହି ଚଢ଼ାଉ ପରେ ବାଲି ଚୋରା ମାଫିଆ ଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ନାମ୍ପୋ ପୂର୍ବସାହି ରାସ୍ତା କାଦୁଅ ପଚପଚ : ଆନ୍ଦୋଳନର ସୂଚନା

ଜଳେଶ୍ୱର ୧୭/୭(ନି.ପ୍ର): ସ୍ୱାଧିନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ନାମ୍ପୋଭଳି ଏକ ଇତିହାସ ପ୍ରସିଦ୍ଧ ଗ୍ରାମରେ କେତେକ ରାସ୍ତା କାଦୁଅ ପଚପଚ ହେଲା ଭଳି ଦେଖିବାକୁ ମିଳୁଛି । ନାମ୍ପୋ ପୂର୍ବ ସାହିରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ । ଏଥିରେ ୨ଟି ଅଂଗନୱାଡି ରହିଛି । ଏହା ମଧ୍ୟଦେଇ ଯାଇଥିବା ରାସ୍ତାର ଅବସ୍ଥ ଶୋଚନୀୟ । କଂକ୍ରିଟ ରାସ୍ତାତ ଦୂରର କଥା, ବହୁବର୍ଷ ଧରି ଏହି ରାସ୍ତ ମରାମତି ହୋଇନଥିବା ଅଭିଯୋଗ ହୋଇଛି । କୋମଳମତି ପିଲାମାନେ ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇ ପଡିଛି । ଏ ସମ୍ପର୍କରେ ଗ୍ରାମବାସୀ ଜଳେଶ୍ୱର ବିଡିଓ, ସରପଂଚ ଓ ବିଧାୟକଙ୍କୁ ଜଣାଇଥିଲେ ମଧ୍ୟ କୌଣସି ମରାମତି ଅଦ୍ୟାବଧି ହୋଇନଥିବା ସେମାନେ କହିଛନ୍ତି । କାଦୁଅ ଯୋଗୁଁ ଏହି ରାସ୍ତାରେ ଆମ୍ବୁଲାନ୍ସ କିମ୍ବା ଦମକଳ ଯାତାୟାତ କରିବା ଅସମ୍ଭବ ହୋଇ ପଡିଛି । ଆଗାମୀ ଦିନରେ ମରାମତି ନ ହେଲେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେଦାର ନାଥ ପରିଡା, କ୍ଷିତିଶ ଚନ୍ଦ୍ର ଜେନା, ଉପେନ୍ଦ୍ର ପରିଡା, ଶ୍ରୀକାନ୍ତ ପରିଡା, ନାରାୟଣ ପରିଡା ଓ ଗଜେନ୍ଦ୍ର ପରିଡା ପ୍ରମୁଖ ସୂଚନା ଦେଇଛନ୍ତି ।

## ୧ କ୍ୱିଂଟାଲ ୪୦ କେଜି ଗଞ୍ଜେଇ ସହ କାର୍ ଜବତ : ଦୁଇ ଗିରଫ

ବୌଦ୍ଧ,୧୭/୦୭ (ନି.ପ୍ର): ବୌଦ୍ଧ ଜିଲ୍ଲାରୁ ବାହାରକୁ ଚାଲାଣ ହେଉଥିବା ବେଳେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ପୋଲିସ ଓ ଅବକାରୀ ବିଭାଗ । ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଗୋଛାପଡ଼ା ଅଂଚଳରୁ ଏକ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧ କ୍ୱିଂଟାଲ ୪୦ କେଜି ଗଞ୍ଜେଇ ସହ ଏହି କାର୍ କୁ ଜବତ କରାଯାଇଛି । ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଶଗଡ଼ା ଗ୍ରାମର ସତ୍ୟବାନ ଛତ୍ର ଏବଂ ଡ୍ରାଇଭର ମନମୁଣ୍ଡା ଗ୍ରାମର ଆକ୍ରମ ଖାନ୍ । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

## ତେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ



ଜଳେଶ୍ୱର ୧୭/୭(ନି.ପ୍ର) : ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, ଖାଇବା ତେଲ ଆକାଶଛୁଆ ଦର ବୃଦ୍ଧି ପ୍ରତିବାଦରେ ଆଜି ଜଳେଶ୍ୱର କଂଗ୍ରେସ ପକ୍ଷରୁ ଦେବୀ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ ଆୟୋଜିତ ହୋଇ ଯାଇଛି । ପ୍ରଥମେ ଏକ ଶୋଭାଯାତ୍ରାରେ ଆନ୍ଦୋଳନକାରୀମାନେ କୋର୍ଟ ଛକରୁ ବାହାରି ପେଟ୍ରୋଲପମ୍ପ ନିକଟରେ ପହଞ୍ଚି ନାରାବାଜି କରିଥିଲେ। କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବ୍ଲକ ସଭାପତି ରାଜୀବ ପରିଡା, ଟାଉନ୍ ସଭାପତି ଗିରିଜା ଦାସ, କୃଷକ ସଭାପତି ସୁଦାମ ପାତ୍ର, ରାଜ୍ୟ ସଂପାଦକ ସବ୍ୟସାଚୀ ଦାସ, ମିହିର ଭୂୟାଁ, ସପନ ଜେନା, ଶ୍ରୀକାନ୍ତ ସିଂ, ସୁରେଶ ମହାନ୍ତି, ଦୀପକ ପାତ୍ର, ଚିନ୍ମୟ ଦାସମହାପାତ୍ର, ଲକ୍ଷ୍ମୀଧର ଗିରି, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ଦସ୍ତଖତ ଅଭିଯାନରେ ସହାୟତା କରିଥିଲେ ।

## ଏସ.ଡି.ପି.ଓ. ଙ୍କ ଦ୍ୱାରା ଚୋରା ଚାଲାଣ ହେଉଥିବା ୩ଟି ଗାଡ଼ି ଜବତ



ନୀଳଗିରି,୧୭/୦୭ (ନି.ପ୍ର): ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର ଶୁକ୍ରବାର ରାତିରେ ପେଟ୍ରୋଲିଂରେ ଯାଇଥିବା ବେଳେ ମିତ୍ରପୁର ରାସ୍ତାରେ ଭୋର ସମୟରେ ଏକ ଛୋଟ ମହେନ୍ଦ୍ରା ଟେମ୍ପୋ ଓ.ଡି.୦୧ଡି-୭୩୭୨ ରେ ଲଦାଲଦି ହୋଇ ୮ଟି ଗୋରୁ ବେଙ୍ଗଲ ଚାଲାଣ ହେଉଥିବା ବେଳେ ମିତ୍ରପୁର ଛକ ଠାରେ ଉକ୍ତ ଗୋରୁ ବୋଝେଇ ଟେମ୍ପୋକୁ ଜବତ କରିବା ସହ ୩ଜଣକୁ ଗିରଫ କରିଛନ୍ତି। ଗିରଫ ତିନିଜଣ ରେମୁଣା ଥାନା ଗନିପୁର ଗ୍ରାମର ସେକ ଜିଲ୍ଲାୱାତ୍, ସେକ ତବରେଜ, ଓ ସେକ୍ କାଲାମ। ଏମାନେ ଚଣ୍ଡିପୁର ଅଞ୍ଚଳରୁ ୮ଟି ଗୋରୁକୁ ୩୨ହଜାର ଟଙ୍କାର କିଣି ପଶ୍ଚିମ ବଙ୍ଗ ନେଉଥିବାର ସୂଚନା ମିଳିଛି । ଏ ବାବଦରେ ନୀଳଗିରି ଥାନାରେ ୧୮୪/୨୧ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି । ଉକ୍ତ ରାତିରେ ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର , ନୀଳଗିରି ଓ ରେମୁଣା ଅଞ୍ଚଳରୁ ୨ଗୋଟି ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରି ରେମୁଣା ଥାନାରେ ଗୋଟାଏ ଓ ନୀଳଗିରି ଥାନାରେ ଗୋଟାଏକୁ ଜବତ କରି ରଖିଛନ୍ତି । ତେବେ ନୀଳଗିରି ଏସ.ଡି.ପି.ଓ. ଙ୍କ ରାତିଅଧିଆ କଡ଼ାକଡ଼ି ରାତ୍ରୀ ପେଟ୍ରୋଲିଂ କୁ ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି । ଏହି ଚଢ଼ାଉରେ ବାସୁଦେବ ଜୟ ସିଂ, ମନୋରଂଜନ ରାଉତ ସାମିଲ ଥିଲେ ।

## ଗ୍ରାମ ରୋଜଗାର ସେବକଙ୍କ ବୟସ କୋହଳ

ଭୁବନେଶ୍ୱର,୧୭/୦୭ (ନି.ପ୍ର): ଓଡିଶା ଗ୍ରାମପଂଚାୟତ ନିର୍ବାହୀ ଅଧିକାରୀ (ନିଯୁକ୍ତି ଓ ସେବା ସର୍ତାବଳୀ ପ୍ରଣାଳୀ)ନିୟମାବଳୀ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ନୂତନ ନିୟମାବଳୀରେ ଗ୍ରାମ ରୋଜଗାର ସେବକମାନଙ୍କ ନିମନ୍ତେ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଭାଗ ନେବାପାଇଁ ବୟସକୁ କୋହଳ କରାଯାଇଛି। ଏହା ବ୍ୟତୀତ ଗ୍ରାମ ରୋଜଗାର ସେବକମାନଙ୍କୁ ପ୍ରତ୍ୟେକ ଏକ ବର୍ଷର ନିରବଚ୍ଛିନ୍ନ ଚାକିରି କରିବା କ୍ଷେତ୍ରରେ ଏକ ପ୍ରତିଶତ ହିସାବରେ ସର୍ବାଧିକ ୧୫% ପର୍ଯ୍ୟନ୍ତ ନମ୍ବର ଦିଆଯାଇ ସେମାନଙ୍କର ଯୋଗ୍ୟ ତାଲିକା ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ଦ୍ୱାରା ପ୍ରସ୍ତୁତ ହେବ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo